ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

## JMC-16(D)

## ଗଣମାଧ୍ୟମ ପରିଚାଳନା

ବ୍ଲକ୍-୦୧

## ଗଣମାଧ୍ୟମ ଅନୁଷ୍ଠାନରେ ପରିଚାଳନା

| | |
|---|---|
| ୟୁନିଟ୍-୧ | ପରିଚାଳନାର ପ୍ରକୃତି ଏବଂ ମହତ୍ତ୍ୱ |
| ୟୁନିଟ୍ -୨ | ପରିଚାଳନାଗତ ଦକ୍ଷତା ଏବଂ ପରିଚାଳକଙ୍କ ଭୂମିକା |
| ୟୁନିଟ୍ -୩ | ଗଣମାଧ୍ୟମ ପରିଚାଳନା : ଅବଧାରଣା ଏବଂ ଉଦ୍ଦେଶ୍ୟ |
| ୟୁନିଟ୍ -୪ | ଗଣମାଧ୍ୟମ ସଙ୍ଗଠନର ପାରିବେଶିକ ବ୍ୟବସ୍ଥା |

## ବିଶେଷଜ୍ଞ  କମିଟି

**ପ୍ରଫେସର ଡକ୍ଟର ବିଶ୍ୱଜିତ୍ ପଟ୍ଟନାୟକ,**
ନିର୍ଦ୍ଦେଶକ, ଏସିଆନ୍ ସ୍କୁଲ୍ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର **-ଅଧ୍ୟକ୍ଷ**

**ଡ. ସୁରେଶ ଚନ୍ଦ୍ର ଦାଶ,** ବାଣିଜ୍ୟ ବିଭାଗ, ୟୁ.ଏନ୍, କଲେଜ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକନୋଲୋଜୀ, କଟକ **- ସଭ୍ୟ**

**ଡ. ସୁଧେନ୍ଦୁ ମିଶ୍ର,** ଟୁରିଜିମ୍ ଓ ହସ୍ପିଟାଲ୍ ମ୍ୟାନେଜମେଣ୍ଟ୍, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ **- ସଭ୍ୟ**

**ଡ. ରତିଦେବ ସାମଲ,** ଆସିଷ୍ଟାଣ୍ଟ ପ୍ରଫେସର, ରିଜିଓନାଲ୍ କଲେଜ୍ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର**- ସଭ୍ୟ**

**ଡ. ସୁଶାନ୍ତ ମହାରଣା,** ଶୈକ୍ଷିକ ପରାମର୍ଶଦାତା,  ସ୍କୁଲ୍ ଅଫ୍ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

## ମୂଳ ଇଂରାଜୀ　　　　ଅନୁବାଦ　　　　ସମ୍ପାଦନା

**ଡ. ତନୁଶ୍ରୀ,** ଆସିଷ୍ଟାଣ୍ଟ ପ୍ରଫେସର, ଆଇପି କଲେଜ୍ ଫର୍ ଓମେନ୍, ଦିଲ୍ଲୀ ୟୁନିଭର୍ସିଟି
**ଡ. ଅର୍ଚ୍ଚନା କୁମାରୀ,** ଆସିଷ୍ଟାଣ୍ଟ ପ୍ରଫେସର, ଜାମ୍ମୁ ସେଂଟ୍ରାଲ୍ ୟୁନିଭର୍ସିଟି

**ଅନୁବାଦ- ସୌମ୍ୟା** ସାରସ୍ୱତା ପଣ୍ଡା**,** ଆସିଷ୍ଟାଣ୍ଟ୍ ପ୍ରଫେସର, ନକ୍ଷତ୍ର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍, ଭୁବନେଶ୍ୱର

**ସମ୍ପାଦନା- ଡ. ଜ୍ୟୋତିପ୍ରକାଶ ମହାପାତ୍ର,** ଆସିଷ୍ଟାଣ୍ଟ୍ ପ୍ରଫେସର, ଭାରତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳ

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

OSOU, 2020. MANAGEMENT IN MEDIA ORGANIZATIONS  is made available under a Creative Commons Attribution-Share Alike 4.0
http://creativecommons.org/licences/by-sa/4.0

Printed by :

# ୟୁନିଟ– ୧ : ପରିଚାଳନାର ପ୍ରକୃତି ଏବଂ ମହତ୍ତ୍ୱ


୧.୦: ବିଷୟର ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ବିଷୟ ପରିଚୟ

୧.୩: ସଂଜ୍ଞା

୧.୪: ପରିଚାଳନାର ପ୍ରକୃତି

୧.୫: ପରିଚାଳନାର ପରିସର ଏବଂ ଗୁରୁତ୍ୱ

୧.୬: ପରିଚାଳନାର ବିଭିନ୍ନ ସ୍ତର

୧.୭: ପରିଚାଳନା ଏକ କଳା

୧.୮: ପରିଚାଳନା ଏକ ବିଜ୍ଞାନ

୧.୯: ପରିଚାଳନା ଏକ ବୃତ୍ତି

୧.୧୦: ୟୁନିଟ୍ ସାରାଂଶ

୧.୧୧: ଆସ ପ୍ରଗତି ମାପିବା

୧.୧୨: ଅଧିକ ଜାଣିବା ପାଇଁ


## ୧.୧: ପଠନର ଉଦ୍ଦେଶ୍ୟ

ଆପଣମାନେ ଏହି ଏକକ ଶେଷରେ ଏହା ଜାଣିବାକୁ ସକ୍ଷମ ହେବେ ଯେ

୧ – ପରିଚାଳନାର ଅର୍ଥ, ଅବଧାରଣା ଏବଂ ସଂଜ୍ଞା ଜାଣିବେ

୨ – ପରିଚାଳନାର ପରିସର ଏବଂ ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରି ପାରିବେ

୩ – ପରିଚାଳନାର ପ୍ରକୃତି ଏବଂ ବୈଶିଷ୍ଟ୍ୟ ସମ୍ପର୍କରେ ଜାଣି ପାରିବେ

୪ – ଏହା ମଧ୍ୟ ବୁଝି ପାରିବେ ଯେ ପରିଚାଳନା ଏକ ବିଜ୍ଞାନ, କଳା ଏବଂ ଏକ ବୃତ୍ତି

## ୧.୨: ବିଷୟ ପରିଚୟ

ତୁମ ଚତୁଃପାର୍ଶ୍ୱର ସମାଜକୁ ଟିକେ ତୀକ୍ଷ୍ଣ ନଜରରେ ଦେଖ। ତୁମେ ବିଭିନ୍ନ ସଙ୍ଗଠନର ଅବସ୍ଥିତି ସମ୍ପର୍କରେ ଜାଣିପାରିବ। ସେଥିମଧ୍ୟରୁ ଅଳ୍ପ କିଛି ସମ୍ପର୍କରେ ଉଲ୍ଲେଖ କରାଯାଇପାରେ ଯେ ଯେଉଁ ବ୍ୟବସାୟିକ ସଙ୍ଗଠନ ଜିନିଷ ଉତ୍ପାଦନ କରନ୍ତି କିମ୍ବା ସେବା ପ୍ରଦାନ କରନ୍ତି, ଡାକ୍ତରଖାନା, ଧାର୍ମିକ ଅନୁଷ୍ଠାନ ଏବଂ ସାମାଜିକ ଅନୁଷ୍ଠାନ ଯେପରିକି ଦାନ ଦେଉଥିବା ସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଇତ୍ୟାଦି।

ପ୍ରତ୍ୟେକ ସଙ୍ଗଠନ ନିଜର ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟକୁ ହାସଲ କରିବା ପାଇଁ ତିଷ୍ଠି ରହିଛନ୍ତି। ସେମାନେ ବିଭିନ୍ନ ଉପାୟରେ ଆମ ଜୀବନକୁ ପ୍ରଭାବିତ କରିଥାନ୍ତି। ଯଦିଓ ସେମାନଙ୍କର କାର୍ଯ୍ୟକାରିତା ଏବଂ କାର୍ଯ୍ୟ ସମ୍ପାଦନର ପନ୍ଥା ଭିନ୍ନ ଭିନ୍ନ ହୋଇଥାଏ, ସେମାନେ ସମସ୍ତେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ ଦୃଢ଼ ଭାବରେ ଚେଷ୍ଟା କରୁଥାନ୍ତି। ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ସଙ୍ଗଠନଗୁଡ଼ିକ ସେମାନଙ୍କର ଲକ୍ଷ୍ୟକୁ ଅନାୟାସରେ ପୂରଣ କରି ପାରନ୍ତି ନାହିଁ। ସେମାନେ ଏହାକୁ ଶୃଙ୍ଖଳିତ ପଦ୍ଧତିଗତ ଚେଷ୍ଟା ବଳରେ ପୂରଣ କରିଥାନ୍ତି। ଅଧିକାଂଶ କାର୍ଯ୍ୟ ସମୂହ ଭାବରେ କରାଯାଇଥାଏ।

ଶୃଙ୍ଖଳିତ ଏବଂ ସମୂହ କାର୍ଯ୍ୟର ଅନୁପସ୍ଥିତିରେ ସଙ୍ଗଠନର ସମ୍ବଳ ଅବ୍ୟବହୃତ ହୋଇ ପଡ଼ି ରହିବ। ଏଣୁ ପରିଚାଳନାର କାର୍ଯ୍ୟ ହେଉଛି ଯେକୌଣସି କାର୍ଯ୍ୟକଳାପର ସମ୍ପାଦନକୁ ସୁବିଧାଜନକ କରିବା। ଯାହାଫଳରେ ଲକ୍ଷ୍ୟ ପ୍ରାପ୍ତି କରିବା ସମ୍ଭବପର ହୋଇଥାଏ।

## ୧.୩: ସଂଜ୍ଞା

ବିଭିନ୍ନ ଲୋକ ପରିଚାଳନାକୁ ବିଭିନ୍ନ ଉପାୟରେ ବୁଝାଇଛନ୍ତି। ଅର୍ଥନୀତିଜ୍ଞମାନେ ଏହାକୁ ଉତ୍ପାଦନର ଏକ ଆଧାର ବୋଲି ବିଚାର କରନ୍ତି। ସମାଜ ବିଜ୍ଞାନୀମାନେ ଏହାକୁ ଏକ ଶ୍ରେଣୀ କିମ୍ବା ଗୋଷ୍ଠୀ ଭାବରେ ଦେଖୁଥିବା ବେଳେ ପରିଚାଳନା ପ୍ରାକ୍ଟିସନର ଏହାକୁ ଏକ ପ୍ରକ୍ରିୟା ଭାବେ ବ୍ୟବହାର କରିଥାନ୍ତି। ଆମମାନଙ୍କ ବୁଝିବା ପାଇଁ ଏହା କୁହାଯାଇପାରେ ଯେ ପରିଚାଳନା ହେଉଛି ଏକ ଔପଚାରିକ ସଙ୍ଗଠନର ଲକ୍ଷ୍ୟ ହାସଲ କରିବାରେ ପରିଚାଳକର କାର୍ଯ୍ୟଧାରା କ'ଣ ?

ମେରୀ ପାର୍କର ଫୋଲେଟ୍‌ଙ୍କ ଭାଷାରେ ପରିଚାଳନା ହେଉଛି, 'ଲୋକମାନଙ୍କ କାର୍ଯ୍ୟ ମାଧ୍ୟମରେ ଜିନିଷକୁ ପ୍ରାପ୍ତ କରିବାର କଳା।' ଏହି ସଂଜ୍ଞା ଏହି ସତ୍ୟତା ଉପରେ ଆଲୋକପାତ କରୁଛି ଯେ ପରିଚାଳକମାନେ ନିଜସ୍ୱ ପ୍ରଦର୍ଶନ ବଳରେ ନୁହେଁ, ଅନ୍ୟମାନଙ୍କର ପ୍ରଦର୍ଶନ ବଳରେ ସଙ୍ଗଠନର ଲକ୍ଷ୍ୟ ହାସଲ କରିଥାନ୍ତି।

ପିଟର ଏଫ୍. ଡ୍ରକର୍ ସଂଜ୍ଞା ନିରୂପଣ କରି କୁହନ୍ତି, 'ପରିଚାଳନା ଏକ ଅଙ୍ଗ, ଯେଉଁ ଅଙ୍ଗ ସମ୍ପର୍କରେ ଆଲୋଚନା କରାଯାଇ ପାରିବ ଏବଂ ଏହାର କାର୍ଯ୍ୟଧାରା ମାଧ୍ୟମରେ ସଂଜ୍ଞାକୁ ନିରୂପିତ କରିହେବ।'

ଟେରୀଙ୍କ ଅନୁସାରେ, 'ପରିଚାଳନା ମନୁଷ୍ୟ ନୁହେଁ, ଏହା ଚାଲିବା, ପଢ଼ିବା, ପହଁରିବା ଏବଂ ଦୌଡ଼ିବା ଭଳି ଏକ କାର୍ଯ୍ୟ। ଯେଉଁ ଲୋକମାନେ ପରିଚାଳନାକୁ ପ୍ରଦର୍ଶନ କରିଥାନ୍ତି, ସେମାନେ ସଦସ୍ୟ, ପରିଚାଳନାର ସଦସ୍ୟ ଏବଂ କାର୍ଯ୍ୟନିର୍ବାହୀ ନେତା ଭାବେ ଅଭିହିତ ହୋଇଥାନ୍ତି।'

ରାଲ୍‌ଫ ସି. ଡେଭିସ୍ ପରିଚାଳନାର ସଂଜ୍ଞାକୁ ନିରୂପିତ କରିଛନ୍ତି, 'ପରିଚାଳନା ହେଉଛି ଯେ କୌଣସି ସ୍ଥାନରେ କାର୍ଯ୍ୟନିର୍ବାହୀ ନେତୃତ୍ୱର କାର୍ଯ୍ୟଧାରା।'

ପରିଚାଳନା ବିଭିନ୍ନ ପ୍ରକାରର ଗତିବିଧି ସହିତ ଜଡ଼ିତ, ତେଣୁ କେହି ବି ଏକ ସଂଜ୍ଞା ମାଧ୍ୟମରେ ପରିଚାଳନାର ବିଭିନ୍ନ ଦିଗକୁ ଏକା ସାଙ୍ଗରେ ନେଇ ପାରିବ ନାହିଁ।

ସେହି କାରଣରୁ ଏହା ମଧ୍ୟ କୁହାଯାଏ ଯେ ଏହି କ୍ଷେତ୍ରରେ ଅନେକ ଲେଖକ ରହି ଥିବାରୁ ପରିଚାଳନାର ବିଭିନ୍ନ ସଂଜ୍ଞା ରହିଛି। କିନ୍ତୁ ଜେମ୍‌ସ ଏ. ଏଫ୍. ଷ୍ଟୋନରଙ୍କ ଦ୍ୱାରା ପ୍ରଦତ୍ତ ସଂଜ୍ଞା ପରିଚାଳନାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦିଗକୁ ପରିପ୍ରକାଶ କରୁଛି।

ତାଙ୍କ ଅନୁସାରେ, ସଙ୍ଗଠନର ସଦସ୍ୟମାନଙ୍କର ପ୍ରୟାସକୁ ନିୟନ୍ତ୍ରଣ କରିବା ନିମନ୍ତେ ଯୋଜନା ପ୍ରସ୍ତୁତି, ସଙ୍ଗଠିତ ହେବା, ଅଗ୍ରଗାମୀ କରିବା ଏବଂ ନିୟନ୍ତ୍ରିତ କରିବା ଏବଂ ସାଙ୍ଗଠନିକ ଲକ୍ଷ୍ୟକୁ ପୂରଣ କରିବା ନିମନ୍ତେ ଅନ୍ୟ ସମସ୍ତ ସାଙ୍ଗଠନିକ ସମ୍ବଳକୁ ଉପଯୋଗ କରିବା ହେଉଛି ପରିଚାଳନା ।

ଉପରୋକ୍ତ ସଂଜ୍ଞା ଏହା ସୂଚିତ କରୁଛି ଯେ:

୧ – ପରିଚାଳନା ଏକ କ୍ରମାଗତ ପ୍ରକ୍ରିୟା।

୨ – ଇପ୍ସିତ ଲକ୍ଷ୍ୟକୁ ହାସଲ କରିବା ପାଇଁ ନିଜର ସ୍ତର ନିର୍ବିଶେଷରେ ପରିଚାଳକମାନେ ବିଭିନ୍ନ ଆନ୍ତଃସମ୍ବନ୍ଧିତ କାର୍ଯ୍ୟର ସମ୍ପାଦନ କରିଥାନ୍ତି।

୩ – ଲକ୍ଷ୍ୟ ହାସଲ କରିବା ପାଇଁ ପରିଚାଳକମାନେ ସଙ୍ଗଠନର ଉଭୟ ଭୌତିକ ତଥା ମାନବ ସମ୍ବଳକୁ ବ୍ୟବହାର କରିଥାନ୍ତି।

୪ – ସମାଜର ଶ୍ରେଷ୍ଠ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପରିଚାଳକ ସମ୍ବଳର ପ୍ରଭାବଶାଳୀ ବ୍ୟବହାର କରି ସଙ୍ଗଠନର ଉଦ୍ଦେଶ୍ୟ ପୂରଣ କରିବାକୁ ଲକ୍ଷ୍ୟ ରଖିଥାନ୍ତି।

## ୧.୪: ପରିଚାଳନାର ପ୍ରସ୍ତୁତି

ପରିଚାଳନାର ପ୍ରକୃତି ଉପରେ ଯେଉଁ ମୁଖ୍ୟ ବିଶିଷ୍ଟ୍ୟ ଥାଏ, ସେ ସମ୍ପର୍କରେ ନିମ୍ନରେ ଆଲୋକପାତ କରାଯାଇଛି।

### ୧ – ପରିଚାଳନା ଲକ୍ଷ୍ୟାତ୍ମକ

ପରିଚାଳନା ନିଜେ ନିଜ ଭିତରେ ଲୀନ ହୋଇ ନଥାଏ। କିଛି ଲକ୍ଷ୍ୟ ହାସଲ କରିବାର ଏହା ଏକ ଅର୍ଥ। ଲକ୍ଷ୍ୟ ବିନା ପରିଚାଳନା ତିଷ୍ଠି ରହିବାର କୌଣସି ଯଥାର୍ଥତା ନାହିଁ। ପରିଚାଳନାର ଲକ୍ଷ୍ୟକୁ ଗୋଷ୍ଠୀର ଲକ୍ଷ୍ୟ ବା ସଙ୍ଗଠନର ଲକ୍ଷ୍ୟ ବୋଲି କୁହାଯାଏ। ପରିଚାଳନାର ମୌଳିକ ଲକ୍ଷ୍ୟ ହେଉଛି ମାନବ ସମ୍ବଳ, ଭୌତିକ ଏବଂ ଆର୍ଥିକ ସମ୍ବଳକୁ ବ୍ୟବହାର କରି ଦକ୍ଷତା ଏବଂ ଅର୍ଥକୁ ସୁନିଶ୍ଚିତ କରିବା। ଜଣେ ନିର୍ଦ୍ଧାରିତ ଲକ୍ଷ୍ୟକୁ କେତେ ପରିମାଣରେ ହାସଲ କରି ପାରିଛି, ତାହାରି ଆଧାରରେ ପରିଚାଳନାର ସଫଳତାକୁ ମୂଲ୍ୟାୟନ କରାଯାଏ। ଏହିପରି ଭାବରେ ପରିଚାଳନା ଉଦ୍ଦେଶ୍ୟପୂର୍ଣ୍ଣ।

### ୨ – ପରିଚାଳନା ସାର୍ବଜନୀନ ଅଟେ

କାର୍ଯ୍ୟର ଆକାର କିମ୍ବା ପ୍ରକାର ନିର୍ବିଶେଷରେ କୁହାଯାଇପାରେ ଯେ ପରିଚାଳନା ପ୍ରତ୍ୟେକ ସଙ୍ଗଠିତ କାର୍ଯ୍ୟଧାରାରେ ଆବଶ୍ୟକ। ଯେଉଁଠି ଲୋକମାନେ ଏକ ସାଧାରଣ ଲକ୍ଷ୍ୟ ପାଇଁ କାର୍ଯ୍ୟରତ ରହିଥାନ୍ତି, ସେଠାରେ ପରିଚାଳନା ଆବଶ୍ୟକ। ସମସ୍ତ ପ୍ରକାର ସଙ୍ଗଠନ, ଯଥା- ପରିବାର, କ୍ଲବ୍, ବିଶ୍ୱବିଦ୍ୟାଳୟ, ସରକାର, ସେନା, କ୍ରିକେଟ୍ ଦଳ କିମ୍ବା ବ୍ୟବସାୟ ସଂସ୍ଥା ଇତ୍ୟାଦି କ୍ଷେତ୍ରରେ ପରିଚାଳନାର ଆବଶ୍ୟକତା ରହିଛି।

ଏହିପରି ପରିଚାଳନା ଏକ ବ୍ୟାପକ କାର୍ଯ୍ୟ ପ୍ରକ୍ରିୟା ପରିଚାଳନାର ମୌଳିକ ସିଦ୍ଧାନ୍ତ ସଙ୍ଗଠିତ ପ୍ରୟାସ। ଏହା ସମସ୍ତ କ୍ଷେତ୍ରରେ ପ୍ରଯୁଜ୍ୟ। ପ୍ରତ୍ୟେକ ସ୍ତରର ପରିଚାଳକ ସମାନ ମୌଳିକ କାର୍ଯ୍ୟ ପ୍ରଦର୍ଶନ କରିଥାନ୍ତି।

**୩ – ପରିଚାଳନା ଏକ ଏକୀକୃତ ବଳ**

ପରିଚାଳନାର ଅନ୍ତର୍ନିହିତ ବୈଶିଷ୍ଟ୍ୟ ହେଉଛି ବ୍ୟକ୍ତିଗତ ପ୍ରୟାସରେ ସମନ୍ୱୟ ରକ୍ଷା କରି ଏହାକୁ ଦଳଗତ କରିବା। ପରିଚାଳନା ବ୍ୟକ୍ତିଗତ ଲକ୍ଷ୍ୟକୁ ସାଙ୍ଗଠନିକ ଲକ୍ଷ୍ୟ ସହିତ ମିଳିତ କରାଇଥାଏ। ସମସ୍ତ ବଳକୁ ଏକଜୁଟ କରି ପରିଚାଳନା ଏକ ସମୂହ ସୃଷ୍ଟି କରିଥାଏ ଯାହାକି ବ୍ୟକ୍ତିଗତ ଅଂଶର ସମଷ୍ଟିଠାରୁ ଅଧିକ।

**୪ – ପରିଚାଳନା ଏକ ସାମାଜିକ ପ୍ରକ୍ରିୟା**

ପରିଚାଳନା ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ମାଧ୍ୟମରେ ଏବଂ ଲୋକମାନଙ୍କ ପାଇଁ କରାଯାଇଥାଏ। ଏହା ଏକ ସାମାଜିକ ପ୍ରକ୍ରିୟା ଅଟେ କାରଣ ଏହା ପାରସ୍ପରିକ ସମ୍ପର୍କ ସହିତ ଜଡ଼ିତ। ମାନବୀୟ କାରକ ପରିଚାଳନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଆପ୍‌ଲେଙ୍କ ଅନୁସାରେ, 'ପରିଚାଳନା ଜିନିଷର ଦିଗ ନୁହେଁ, ଲୋକମାନଙ୍କର ବିକାଶ। ଜଣେ ଭଲ ପରିଚାଳକ ଜଣେ ଭଲ ନେତା ହୋଇଥାଏ, ଜଣେ ବସ୍ ନୁହେଁ। ଏହା ମାନବୀୟ ଉପାଦାନର ଏକ ବିସ୍ତୃତ ପ୍ରକ୍ରିୟା ଯାହା ପରିଚାଳନାକୁ ଏକ ସାମାଜିକ ପ୍ରକ୍ରିୟାରେ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ପ୍ରଦାନ କରିଥାଏ।

**୫– ପରିଚାଳନା ବହୁ ବିଷୟକ ଅଟେ**

ପରିଚାଳନା ଉତ୍ସାହପ୍ରଦ ସ୍ଥିତିରେ ମାନବୀୟ ବ୍ୟବହାରକୁ ସାମ୍ନା କରିଥାଏ। ସେଥିପାଇଁ ଏହା ବିଭିନ୍ନ ବିଷୟ ଯଥା, ଇଞ୍ଜିନିୟରିଂ, ସମାଜ ବିଜ୍ଞାନ, ମନୋରଞ୍ଜନ, ଅର୍ଥନୀତି, ନୃତତ୍ତ୍ୱ ଇତ୍ୟାଦିରୁ ପ୍ରାପ୍ତ ବ୍ୟାପକ ଜ୍ଞାନ ଉପରେ ନିର୍ଭର କରିଥାଏ। ପରିଚାଳନାର ବିଶାଳ କ୍ଷେତ୍ରର ଜ୍ଞାନ ଅନ୍ୟାନ୍ୟ ବିଷୟ ଅଧ୍ୟୟନରୁ ଅଧିକ ପରିମାଣରେ ପ୍ରାପ୍ତ ହୋଇଥାଏ।

**୬ – ପରିଚାଳନା ଏକ କ୍ରମାଗତ ପ୍ରକ୍ରିୟା**

ପରିଚାଳନା ଏକ ଉତ୍ସାହପ୍ରଦ ଏବଂ ଅବିରତ ଚାଲୁ ରହିଥିବା ପ୍ରକ୍ରିୟା। ଯେ ପର୍ଯ୍ୟନ୍ତ ଗୋଷ୍ଠୀର ଲକ୍ଷ୍ୟ ହାସଲ କରିବା ନିମନ୍ତେ ସଙ୍ଗଠିତ କାର୍ଯ୍ୟ ଚାଲୁ ରହିଥାଏ, ପରିଚାଳନା ଚକ୍ର ସେ ପର୍ଯ୍ୟନ୍ତ କାର୍ଯ୍ୟ କରୁଥାଏ।

**୭ – ପରିଚାଳନା ଅସ୍ପର୍ଶନୀୟ ଅଟେ**

ପରିଚାଳନା ଆଖିକୁ ଦିଶୁନଥିବା ବା ଏକ ଅଦୃଶ୍ୟ ବଳ ଅଟେ। ଏହାକୁ ଦେଖିହୁଏ ନାହିଁ, କିନ୍ତୁ ପରିଣାମ ଆକାରରେ ଏହାର ଉପସ୍ଥିତିକୁ ସବୁ ସ୍ଥାନରେ ଅନୁଭବ କରିହୁଏ। ଯଦିଓ ପରିଚାଳକମାନେ, ଯେଉଁମାନେ କି ପରିଚାଳନାର କାର୍ଯ୍ୟକୁ ପ୍ରଦର୍ଶିତ କରିଥାନ୍ତି, ସେମାନେ ବହୁତ ପରିମାଣରେ ବାସ୍ତବିକ ଓ ଦୃଶ୍ୟମାନ ହୋଇଥାନ୍ତି।

### ୮ – ପରିଚାଳନା ଏକ କଳା ତଥା ବିଜ୍ଞାନ ଅଟେ

ଏହା ସୁଶୃଙ୍ଖଳିତ ସୈଦ୍ଧାନ୍ତିକ ଜ୍ଞାନ ଧାରଣ କରିଥିବା ବେଳେ ସମାନ ସମୟରେ ଅବ୍ୟବହୃତ ସମ୍ବଳକୁ ବ୍ୟବହାରିକ ଉପଯୋଗରେ ନିଜକୁ ଜଡ଼ିତ ରଖିଥାଏ।

ପରିଚାଳକମାନେ ଉଚ୍ଚତମ ଉତ୍ପାଦନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ସହିତ ଏହାକୁ ବଜାୟ ରଖିଥାନ୍ତି। କର୍ମଚାରୀମାନେ ସେମାନଙ୍କର କାମକୁ ଠିକ୍ ଭାବେ ଜାଣିଛନ୍ତି ଏବଂ କାର୍ଯ୍ୟ କରିବା ପାଇଁ ସବୁଠାରୁ କୁଶଳ ପ୍ରକ୍ରିୟାକୁ ବ୍ୟବହାର କରୁଛନ୍ତି ବୋଲି ପରିଚାଳକମାନେ ସୁନିଶ୍ଚିତ ଥାଆନ୍ତି। ସେମାନେ ତାଲିମ୍ ପ୍ରଦାନ ବ୍ୟବସ୍ଥା କରିଥାନ୍ତି ଏବଂ ନିଯୁକ୍ତିଦାତାଙ୍କୁ ଦିଗ୍‌ଦର୍ଶନ ଦେଇଥାନ୍ତି କିପରି ସେମାନେ ତାଙ୍କ ଜ୍ଞାନକୁ ଉପଯୋଗ କରି ଉପଲବ୍ଧ ସମ୍ବଳର ଶ୍ରେଷ୍ଠତମ ବ୍ୟବହାର କରିବେ। ପରିଚାଳନା ମଧ୍ୟ ଏକ ଶିକ୍ଷଣ କ୍ଷେତ୍ର ଯାହା ସ୍ୱତନ୍ତ୍ର ତାଲିମ୍ ସହିତ ଜଡ଼ିତ ଏବଂ ଏହାର ଏକ ସାମାଜିକ ଦାୟିତ୍ୱ ଯୋଗୁଁ ଏହା ଏକ ନୈତିକ ବିଧି ସୃଷ୍ଟି ହୋଇଥାଏ।

ଏହିସବୁ ବୈଶିଷ୍ଟ୍ୟ ଅନୁସାରେ, ପରିଚାଳନାର ସଂଜ୍ଞାକୁ ଏଭଳି ନିରୂପିତ କରାଯାଇପାରେ ଯେ ଏହା ଏକ କ୍ରମାଗତ ପ୍ରକ୍ରିୟା ଯାହା ଇପ୍ସିତ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ କରିବାରେ ମାନବ ଏବଂ ବସ୍ତୁନିଷ୍ଠ ସମ୍ବଳ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଜଡ଼ିତ ଥାଏ। ଏହା ସାଙ୍ଗଠନିକ ଲକ୍ଷ୍ୟକୁ ହାସଲ କରିବା କ୍ଷେତ୍ରରେ ଦୃଢ଼ ନିଶ୍ଚିତ ହୋଇ କାର୍ଯ୍ୟ କରିବାରେ ବ୍ୟସ୍ତ ଥାଏ।

## ୧.୫: ପରିଚାଳନାର ପରିସର ଓ ଗୁରୁତ୍ୱ

ପ୍ରତ୍ୟେକ ସଙ୍ଗଠନର ସଫଳ କାର୍ଯ୍ୟ ପଦ୍ଧତି ପାଇଁ ପରିଚାଳନା ଅପରିହାର୍ଯ୍ୟ। ବ୍ୟବସାୟିକ ସଂସ୍ଥାରେ ଏହା ଢେର୍ ଗୁରୁତ୍ୱପୂର୍ଣ୍ଣ। କୌଣସି ବ୍ୟବସାୟ ନିଜେ ନିଜେ ଚାଲି ନ ଥାଏ, ଏମିତିକି ଟିକେ ବି ହଲ୍‌ଚଲ୍ ହୋଇ ନ ଥାଏ। ପ୍ରତ୍ୟେକ ବ୍ୟବସାୟ ବାରମ୍ବାର ପ୍ରୋତ୍ସାହନ ଅବଶ୍ୟକ କରିଥାଏ, ଯାହା କେବଳ ପରିଚାଳନା ଦ୍ୱାରା ହିଁ ଯୋଗାଇ ଦିଆଯାଇ ପାରିବ। ପିଟର ଡ୍ରକରଙ୍କ ଅନୁସାରେ, 'ପରିଚାଳନା ଏକ ସଙ୍ଗଠନ ଭିତରେ ଏକ ଉତ୍ସାହପ୍ରଦ ଜୀବନଦାନକାରୀ ଉପାଦାନ, ଏହା ବ୍ୟତୀତ ଉତ୍ପାଦନର ସମସ୍ତ ସମ୍ବଳ ଗୌଣ ସମ୍ବଳ ହୋଇ ରହିଯିବ ଏବଂ ଉତ୍ପାଦନ କଦାପି ସମ୍ଭବ ହୋଇ ପାରିବ ନାହିଁ।'

ପରିଚାଳନାର ସୁଯୋଗ ଏବଂ ଗୁରୁତ୍ୱକୁ ନିମ୍ନୋକ୍ତ ପଏଣ୍ଟଗୁଡ଼ିକ_ଜରିଆରେ ସ୍ପଷ୍ଟ ଭାବେ ଆଲୋକପାତ କରାଯାଇଛି।

- ଗୋଷ୍ଠୀ ଲକ୍ଷ୍ୟ ହାସଲ କରିବା

ଏକ ମାନବ ଗୋଷ୍ଠୀ ଅନେକ ବ୍ୟକ୍ତିଙ୍କୁ ନେଇ ଗଠିତ ହୋଇଥାଏ, ପ୍ରତ୍ୟେକ ବ୍ୟକ୍ତି ସ୍ୱତନ୍ତ୍ର ଭାବରେ ସମୁଦାୟ କାର୍ଯ୍ୟର ଅଂଶବିଶେଷ ହୋଇଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ଦକ୍ଷତାର ସହିତ କାର୍ଯ୍ୟ କରିଥାଇ ପାରନ୍ତି, କିନ୍ତୁ ଏକ ଗୋଷ୍ଠୀ ସମୁଦାୟ ଭାବରେ ଏହାର ଲକ୍ଷ୍ୟକୁ ବୁଝି ପାରିବ ନାହିଁ, ଯେ ପର୍ଯ୍ୟନ୍ତ ସେହି ଗୋଷ୍ଠୀର ସଦସ୍ୟମାନଙ୍କ ଭିତରେ ପାରସ୍ପରିକ ସହଯୋଗ ଏବଂ ସମନ୍ୱୟ ରହିନାହିଁ। ପରିଚାଳନା ଗୋଷ୍ଠୀ ଭିତରେ ଗୋଷ୍ଠୀର କାର୍ଯ୍ୟ ଏବଂ ସମନ୍ୱୟତା ସୃଷ୍ଟି କରିଥାଏ। ସେ ଗୋଷ୍ଠୀର ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ବୁଝାଇ

ଦିଏ ଯାହା ଫଳରେ ସେହି ଗୋଷ୍ଠୀର ସଦସ୍ୟମାନେ ଗୋଷ୍ଠୀର ଲକ୍ଷ୍ୟ ପୂରଣ କରିବା ପାଇଁ ସେମାନଙ୍କର ଶ୍ରେଷ୍ଠ ଅବଦାନ ଦେବେ ବୋଲି ସେ ଉତ୍ସାହିତ କରିଥାଏ।

ପରିଚାଳକମାନେ ଗୋଷ୍ଠୀର ସଦସ୍ୟମାନଙ୍କୁ କଠିନ ପରିଶ୍ରମ କରିବା ପାଇଁ ପ୍ରବର୍ତ୍ତାଇବା ନିମନ୍ତେ ପ୍ରେରଣାଦାୟୀ ନେତୃତ୍ୱ ପ୍ରଦାନ କରି ଥାଆନ୍ତି।

- ସମ୍ବଳର ସର୍ବୋତ୍ତମ ବ୍ୟବହାର

ପରିଚାଳକ ଦ୍ରବ୍ୟ, ଯନ୍ତ୍ରପାତି, ଟଙ୍କା ଏବଂ ମାନବ ଶକ୍ତିର ଆବଶ୍ୟକତା ସମ୍ପର୍କରେ ପୂର୍ବାନୁମାନ କରିଥାନ୍ତି। ସେମାନେ ସୁନିଶ୍ଚିତ କରିଥାନ୍ତି ଯେ ସଙ୍ଗଠନ ପାଖରେ ପର୍ଯ୍ୟାପ୍ତ ସମ୍ବଳ ରହିଛି ଏବଂ

- ଖର୍ଚ୍ଚର ପରିମାଣ ହ୍ରାସ କରିବା

ଆଧୁନିକ ଯୁଗର ଘାତକ ପ୍ରତିଯୋଗିତାପୂର୍ଣ୍ଣ ସମୟରେ ଯଦି ଆବଶ୍ୟକୀୟ ଦ୍ରବ୍ୟ ଏବଂ ସେବାକୁ ପ୍ରତି ଏକକ ପିଛା ଯେତେ କମ୍ ସମ୍ଭବ ମୂଲ୍ୟରେ ପଠା ନ ଯାଏ, ତେବେ କୌଣସି ବ୍ୟବସାୟ ସଫଳତା ପାଇ ପାରିବ ନାହିଁ। ପରିଚାଳନା ଏପରି ନିର୍ଦ୍ଦେଶ ଦେଇଥାଏ ଯେ ଯେପରି ନିତ୍ୟ ନୈମିତିକ କାର୍ଯ୍ୟ ସଞ୍ଚାଳନରେ ନଷ୍ଟ ଏବଂ ଅପବ୍ୟୟକୁ ରୋକାଯାଇ ପାରିବ। ଖର୍ଚ୍ଚ କମ୍ କରି ଏବଂ ଦକ୍ଷତାକୁ ବୃଦ୍ଧି କରି ପରିଚାଳକମାନେ ଏକ ବ୍ୟାବସାୟିକ ସଂସ୍ଥାକୁ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ପ୍ରତିଯୋଗିତାରେ ସାମିଲ୍ କରିବା ପାଇଁ ସକ୍ଷମ କରାଇଥାନ୍ତି ଏବଂ ଲାଭ କରିଥାନ୍ତି।

- ତିଷ୍ଠି ରହିବା ଏବଂ ଅଭିବୃଦ୍ଧି

ଆଧୁନିକ ବ୍ୟବସାୟ ଦ୍ରୁତ ପରିବର୍ତ୍ତିତ ପରିବେଶରେ ସଞ୍ଚାଳିତ ହୋଇଥାଏ। ଏକ ସଂସ୍ଥା ବଜାର ଏବଂ ସମାଜର ପରିବର୍ତ୍ତିତ ଚାହିଦାରେ ନିଜକୁ ଖାପ ଖୁଆଇବାକୁ ପଡ଼ିଥାଏ।

ପରିଚାଳନା ତିଷ୍ଠି ରହିଥିବା ବ୍ୟାବସାୟିକ ପରିବେଶ ସହିତ ସମ୍ପର୍କରେ ରହିଥାଏ ଏବଂ ଏହାର ଭବିଷ୍ୟତ ଧାରା ସମ୍ପର୍କରେ ପୂର୍ବାନୁମାନ କରିଥାଏ। ଏହା ପରିବର୍ତ୍ତିତ ପରିବେଶରେ ଆସୁଥିବା ସମସ୍ୟାକୁ ସାମନା କରିବା ପାଇଁ ଆଗୁଆ ପଦକ୍ଷେପ ନେଇ ପାରିଥାଏ। ବ୍ୟାବସାୟିକ ପରିବେଶରେ ପରିବର୍ତ୍ତନ ସଙ୍କଟ ତଥା ସୁଯୋଗ ସୃଷ୍ଟି କରିଥାଏ। ଖର୍ଚ୍ଚ କମ୍ କରି ଏବଂ ସୁଯୋଗର ଲାଭକୁ ଅଧିକ କରି ପରିଚାଳକମାନେ ବ୍ୟାବସାୟିକ ସଂସ୍ଥାକୁ ସକ୍ଷମ କରିଥାନ୍ତି। ଏହି ଉପାୟରେ ପରିଚାଳକମାନେ ବ୍ୟବସାୟର କ୍ରମାନ୍ୱୟତା ଏବଂ ସମୃଦ୍ଧିକୁ ବଜାୟ ରଖିବାର ସୁବିଧା ସଂସ୍ଥାକୁ ପ୍ରଦାନ କରିଥାନ୍ତି।

- କର୍ମନିଯୁକ୍ତି ସୃଷ୍ଟି କରିବା

ବ୍ୟାବସାୟିକ ସଂସ୍ଥା ସ୍ଥାପନ କରି ଏବଂ ଏହାକୁ ପରିବର୍ତ୍ତିତ କରି ପରିଚାଳକମାନେ ଲୋକମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଥାନ୍ତି। ଏହିସବୁ ସଙ୍ଗଠନରେ କାମ କରି ଲୋକମାନେ ସେମାନଙ୍କର ଜୀବିକା ନିର୍ବାହ କରିବା ପାଇଁ ଅର୍ଥ ରୋଜଗାର କରିଥାନ୍ତି। ପରିଚାଳକମାନେ ସଂସ୍ଥାରେ କାର୍ଯ୍ୟରତ ଲୋକମାନଙ୍କ ପାଇଁ ଏଭଳି ପରିବେଶ ସୃଷ୍ଟି କରିଥାନ୍ତି, ଯେଉଁଠାରେ ସେମାନେ କାର୍ଯ୍ୟ ସନ୍ତୁଷ୍ଟି ଏବଂ ଖୁସି ପାଇ ପାରିବେ। ଏହିଭଳି ଉପାୟରେ ପରିଚାଳକମାନେ କର୍ମଚାରୀମାନଙ୍କର ଆର୍ଥିକ ଓ ସାମାଜିକ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାନ୍ତି।

* ଦେଶର ବିକାଶ

ଦକ୍ଷ ପରିଚାଳନା ଜାତୀୟ ସ୍ତରରେ ମଧ୍ୟ ସମାନ ଗୁରୁତ୍ୱ ବହନ କରିଥାଏ। ଅର୍ଥନୀତି ଏବଂ ସାମାଜିକ ବିକାଶରେ ପରିଚାଳନା ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କାରକ ହୋଇଥାଏ। ପୁଞ୍ଜିନିବେଶ ଏବଂ ପ୍ରଯୁକ୍ତି ବିଶେଷଜ୍ଞମାନଙ୍କ ଆମଦାନୀ ଅର୍ଥନୈତିକ ଅଭିବୃଦ୍ଧିକୁ ଅଗ୍ରଗାମୀ କରାଇ ନଥାଏ, ଯେ ପର୍ଯ୍ୟନ୍ତ ସମ୍ପତ୍ତି ଉତ୍ପାଦନ କରୁଥିବା ସମ୍ବଳ ଦକ୍ଷତାର ସହିତ ପରିଚାଳନା କରା ନଯାଇଛି। ଧନ ଉପାର୍ଜନ କରି ପରିଚାଳନା ଜାତୀୟ ଆୟ ଏବଂ ଲୋକମାନଙ୍କ ଜୀବନଧାରଣର ମାନକୁ ଉନ୍ନତ କରିଥାଏ। ତେଣୁ ଏକ ଦେଶ ଏବଂ ଅନ୍ୟାନ୍ୟ ଦେଶ ମିଶି ଯେଉଁ ପୃଥିବୀର ସୃଷ୍ଟି ହୋଇଛି, ତା'ର ଅର୍ଥନୈତିକ ଅଭିବୃଦ୍ଧିରେ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ।

## ୧.୬: ପରିଚାଳନାର ବିଭିନ୍ନ ସ୍ତର

ଆକାର ନିର୍ବିଶେଷରେ ପ୍ରତ୍ୟେକ ବ୍ୟବସାୟ ସଙ୍ଗଠନର ଢାଞ୍ଚା ଅନୁସାରେ ଅନେକ ପରିଚାଳନାଗତ ପଦବୀ ରହିଛି। ଏହି ପଦବୀଗୁଡ଼ିକ ପ୍ରତିନିଧି ମଣ୍ଡଳର ପ୍ରାଧିକରଣ ଅନୁସାରେ ଉପରୁ ତଳ ସ୍ତର ପର୍ଯ୍ୟନ୍ତ ସୃଷ୍ଟି କରାଯାଇଥାଏ। ପ୍ରତ୍ୟେକ ପଦବୀ ଅଧିକାର, ଦାୟିତ୍ୱ, କାର୍ଯ୍ୟ, ଭୂମିକା ଏବଂ ସମ୍ପର୍କ ଅନୁସାରେ ସ୍ଥିର କରାଯାଇଥାଏ। ପଦବୀଗୁଡ଼ିକ ଯେଉଁ ସ୍ତରରେ ରହିଥାଏ, ସେହି ସ୍ତର ଅନୁସାରେ ଏହାର ଧାରଣା ଏବଂ ପ୍ରକୃତି ଭିନ୍ନ ଭିନ୍ନ ହୋଇଥାଏ। ଜଣେ ଯେତେବେଳେ ସଙ୍ଗଠନର ଅଗ୍ରଭାଗ ଆଡ଼କୁ ଗତି କରିଥାଏ, ପରିଚାଳନାଗତ ପଦବୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଯେତେ ଅଧିକ ଅବଦାନ, ସେତେ ବଡ଼ ପଦବୀ ଏବଂ ସେତେ ଅଧିକ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥାଏ। ଏହି ପରିଚାଳନା ପଦବୀଗୁଡ଼ିକ ଯାହା ଆଦେଶର ଶୃଙ୍ଖଳା ଅନୁସାରେ ସ୍ଥିର ହୋଇଥାଏ, ତାହା ପରିଚାଳନାର ବିଭିନ୍ନ ଗୋଷ୍ଠୀ ବା ସ୍ତରରେ ବିଭାଜିତ ହୋଇଥାଏ। ମୋଟାମୋଟି କହିବାକୁ ଗଲେ, ଏକ ସଙ୍ଗଠନରେ ପରିଚାଳନାର ଦୁଇଟି ମୁଖ୍ୟ ସ୍ତର ରହିଛି, ଯଥା - କାର୍ଯ୍ୟାତ୍ମକ ଏବଂ କାର୍ଯ୍ୟକାରୀ ସ୍ତର।

କାର୍ଯ୍ୟାତ୍ମକ ସ୍ତର ନିର୍ଦ୍ଧାରିତ ପ୍ରାଥମିକ କାର୍ଯ୍ୟଧାରାର ପ୍ରକ୍ରିୟା, ମୌଳିକ ନିୟମ ପ୍ରସ୍ତୁତି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ ଏବଂ ବ୍ୟକ୍ତିମାନଙ୍କର କାର୍ଯ୍ୟର ଗତିବିଧିକୁ ନିୟନ୍ତ୍ରଣ ଏବଂ ଏଥିରେ ସମନ୍ୱୟ ରକ୍ଷା କରିବା ସହିତ ଜଡ଼ିତ ଥାଏ। ପରିଚାଳନାର କାର୍ଯ୍ୟକାରୀ ସ୍ତର ଯୋଜନା ଏବଂ ନିଷ୍ପତ୍ତିର ପାଳନ ଏବଂ ସଙ୍ଗଠନର ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ପ୍ରସ୍ତୁତ ମୌଳିକ ନିୟମର ପାଳନ କରିଥାଏ।




ପରିଚାଳନାର ସ୍ତର

ସାଧାରଣତଃ, ଏକ ସଙ୍ଗଠନ ଢାଞ୍ଚାରେ, ପରିଚାଳନାର ସ୍ତର ଯାହାକି ବିଭିନ୍ନ ପ୍ରସଙ୍ଗ ଉପରେ ନିର୍ଭରଶୀଳ, ବିଭିନ୍ନ ବ୍ୟବସାୟ ଗତିବିଧିର ଆକାର, ପରିଚାଳନାର ଦର୍ଶନ, ନିୟନ୍ତ୍ରଣର ସମୟ ସୀମା ଏବଂ ଅନ୍ୟାନ୍ୟ ସମ୍ପର୍କିତ ପ୍ରସଙ୍ଗ ଆଧାରରେ ଏହା ଗୋଟିଏ ସଙ୍ଗଠନରୁ ଅନ୍ୟ ସଙ୍ଗଠନ ପାଇଁ ଭିନ୍ନ ହୋଇଥାଏ। କିନ୍ତୁ ଏକ ଜଏଣ୍ଟ ଷ୍ଟକ୍ କମ୍ପାନୀରେ ବ୍ୟବସାୟକୁ ଦକ୍ଷତାର ସହିତ ପରିଚାଳନା କରିବା ପାଇଁ ପରିଚାଳନା ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ତିନିଟି ସ୍ତରରେ ଭାଗ କରାଯାଇଛି।, ଯଥା – ସର୍ବୋଚ୍ଚ ସ୍ତର, ମଧ୍ୟମ ସ୍ତର ଏବଂ ନିମ୍ନ ସ୍ତର କିମ୍ବା ନିରୀକ୍ଷଣାତ୍ମକ ସ୍ତର।

**ସର୍ବୋଚ୍ଚ ସ୍ତର ପରିଚାଳନା**

ସର୍ବୋଚ୍ଚ ସ୍ତର ପରିଚାଳନା ସାଧାରଣତଃ ମାଲିକ ଗୋଷ୍ଠୀଙ୍କୁ ନେଇ ଗଠିତ ହୋଇଥାଏ। ଏକ ଜଏଣ୍ଟ ଷ୍ଟକ୍ କମ୍ପାନୀରେ ଇକ୍ୱିଇଟି ଅଂଶଧାରକମାନେ ପ୍ରକୃତ ମାଲିକ ହୋଇଥାନ୍ତି। ଏହିପରି ସେମାନେ ନିର୍ଦ୍ଦେଶକଭାବେ ସେମାନଙ୍କର ପ୍ରତିନିଧିମାନଙ୍କୁ ଚୟନ କରିଥାନ୍ତି, ଏକ ବୋର୍ଡ ଗଠନ କରିଥାନ୍ତି, ଯାହାକୁ ବୋର୍ଡର ନିର୍ଦ୍ଦେଶକ ସମୂହ ବୋଲି କୁହାଯାଏ, ଯାହା ସର୍ବୋଚ୍ଚ ସ୍ତରର ପରିଚାଳକମାନଙ୍କୁ ନେଇ ଗଠିତ ହୋଇଥାଏ। ବୋର୍ଡ ଅତିରିକ୍ତ, ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା, ଯେଉଁଥିରେ ପରିଚାଳନା ନିର୍ଦ୍ଦେଶକଙ୍କୁ ସାହାଯ୍ୟ କରୁଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଇତ୍ୟାଦି ଏହି ସ୍ତରରେ ଅନ୍ତର୍ଭୁକ୍ତ। ଏହା ପରିଚାଳନା ଅନୁକ୍ରମର ଶୀର୍ଷ ସ୍ତର ଏବଂ ସଙ୍ଗଠନର ଅଧିକାରିକ ଅନ୍ତିମ ସ୍ରୋତ ହୋଇଥାଏ। ସର୍ବୋଚ୍ଚ ସ୍ତରର ପରିଚାଳକମାନେ ମାଲିକମାନଙ୍କ ନିକଟରେ ଉତ୍ତରଦାୟୀ ରହିଥାନ୍ତି ଏବଂ ସଙ୍ଗଠନର ସମ୍ପୂର୍ଣ୍ଣ ପରିଚାଳନାର ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ରହିଥାଏ।

(କ) ସର୍ବୋଚ୍ଚ ସ୍ତରୀୟ ପରିଚାଳନାର ସମସ୍ତ କ୍ଷେତ୍ରକୁ ନେଇ ସମଗ୍ର ସଙ୍ଗଠନ ପାଇଁ ଏକ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରିବା

(ଖ) ସଙ୍ଗଠନ ତିଷ୍ଠି ରହିବା, ଲାଭ ଏବଂ ଅଭିବୃଦ୍ଧି ପାଇଁ ଯେଉଁସବୁ ମୁଖ୍ୟ ପ୍ରସଙ୍ଗଗୁଡ଼ିକ ଜରୁରୀ- ଯେମିତି ନୂତନ ଉତ୍ପାଦର ପ୍ରବେଶ, ଦିନକୁ ଦିନ ନୂଆ ପରିବର୍ତ୍ତିତ ପ୍ରଯୁକ୍ତିର ବ୍ୟବହାର ଏବଂ ନୂତନ ପ୍ଲାଣ୍ଟ୍ ଖୋଲିବା ଇତ୍ୟାଦି ସମ୍ପର୍କରେ ନିଷ୍ପତ୍ତି ନେବା।

(ଗ) ବ୍ୟବସାୟ (କର୍ପୋରେଟ୍) ଲକ୍ଷ୍ୟ ସମ୍ପର୍କରେ ନିଷ୍ପତ୍ତି ନେବା

(ଘ) ସଙ୍ଗଠନର ଢାଞ୍ଚା ସମ୍ପର୍କରେ ନିଷ୍ପତ୍ତି ନେବା, ବିଭିନ୍ନ ପଦବୀ ସୃଷ୍ଟି କରିବା

(ଙ) ପରିଚାଳନା ପ୍ରକ୍ରିୟା ମାଧ୍ୟମରେ ସମସ୍ତ ଆର୍ଥିକ ଏବଂ ପରିଚାଳନାଗତ ଫଳାଫଳକୁ ସମୀକ୍ଷା କରି ସମ୍ପୂର୍ଣ୍ଣ ପରିଚାଳନାଗତ ନିୟନ୍ତ୍ରଣକୁ ଉପଯୋଗ କରିବା

(ଚ) ଲାଭ ପ୍ରଦାନ ଏବଂ ବିତରଣ ସମ୍ପର୍କରେ ନିଷ୍ପତ୍ତି ନେବା

(ଛ) କମ୍ପାନୀ ପାଇଁ ମୁଖ୍ୟ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ଚୟନ କରିବା

(ଜ) ସଙ୍ଗଠନର ବିଭିନ୍ନ ଉପବ୍ୟବସ୍ଥା ସହିତ ସହଯୋଗ କରିବା

(ଝ) ବାହାର ସଙ୍ଗଠନ ଯେଉଁମାନଙ୍କର ବ୍ୟବସାୟରେ ଅଂଶଧନ ରହିଛି, ଯଥା- ସରକାର, ବ୍ୟବସାୟୀ ସଂଘ ଇତ୍ୟାଦିଗୁଡ଼ିକ ସହିତ ତାଳମେଳ ରଖି କାର୍ଯ୍ୟ କରିବା।

(ଞ) ମୌଳିକ ନିୟମ ପ୍ରସ୍ତୁତ କରିବା ଏବଂ ସମ୍ପୂର୍ଣ୍ଣ ଭାବରେ ସଙ୍ଗଠନକୁ ଦିଗ୍‌ଦର୍ଶନ ଦେବା ଏବଂ ନେତୃତ୍ୱ ପ୍ରଦାନ କରିବା।

**ମଧ୍ୟମ ସ୍ତରର ପରିଚାଳନା**

ସଙ୍ଗଠନରେ କାର୍ଯ୍ୟାତ୍ମକ ଏବଂ କାର୍ଯ୍ୟକାରୀ ସ୍ତର ମଧ୍ୟରେ ତିଷ୍ଠି ରହିଥିବା ଅନ୍ତରକୁ ଦୂର କରିବା ପାଇଁ ମଧ୍ୟମ ସ୍ତରର ପରିଚାଳନାରେ କିଛି ପରିଚାଳନାଗତ ପଦବୀ ସୃଷ୍ଟି କରାଯାଇଥାଏ।

ମଧ୍ୟମ ସ୍ତରର ପରିଚାଳନା ବିଭାଗୀୟ ପରିଚାଳକ, ସହ ପରିଚାଳକ, ଫୋରମ୍ୟାନ୍ ଏବଂ ପ୍ରଶାସନିକ ଅଧିକାରୀ ଇତ୍ୟାଦିଙ୍କୁ ନେଇ ଗଠିତ ହୋଇଥାଏ। ଏହି ସମସ୍ତ ଅଧିକାରୀ ସେମାନଙ୍କ ସମ୍ବନ୍ଧିତ ବିଭାଗର କାର୍ଯ୍ୟ ପାଇଁ ଚିନ୍ତାଶୀଳ ଥାଆନ୍ତି। ସେମାନେ ସର୍ବୋଚ୍ଚ ଏବଂ ସର୍ବନିମ୍ନ ସ୍ତରର ପରିଚାଳକମାନଙ୍କ ମଧ୍ୟରେ ସଂଯୋଗ ରକ୍ଷା କରିଥାଆନ୍ତି। ମଧ୍ୟମ ସ୍ତରର କାର୍ଯ୍ୟଗୁଡ଼ିକ ହେଉଛି ବିଭାଗୀୟ ଲକ୍ଷ୍ୟକୁ ନିର୍ଦ୍ଧାରିତ କରିବା ଏବଂ ପରିଚାଳକମାନଙ୍କୁ ବିଭିନ୍ନ ବିଭାଗରେ ବିଭାଜିତ କରିବା, ଯେଉଁମାନେ କି ଏହାକୁ ସମ୍ପାଦନ କରିବାର ମାଧ୍ୟମ ହୋଇଥାନ୍ତି ଏବଂ ସେମାନଙ୍କୁ କେନ୍ଦ୍ରରେ ରଖି କାର୍ଯ୍ୟ କରାଯାଏ।

ଏହି ପରିଚାଳକମାନଙ୍କ ଦ୍ୱାରା ପ୍ରଦର୍ଶିତ ମୁଖ୍ୟ କାର୍ଯ୍ୟାବଳୀ ନିମ୍ନରେ ପ୍ରଦାନ କରାଗଲା-

(କ) ବ୍ୟବସାୟିକ ଯୋଜନାର ମୌଳିକ ଢାଞ୍ଚା ଭିତରେ ରହି ବିଭାଗର ସମସ୍ତ ଗତିବିଧିକୁ ଏକତ୍ର ବିଚାରକୁ ନେଇ ବିଭାଗୀୟ ଯୋଜନା ପ୍ରସ୍ତୁତ କରିବା

(ଖ) ବିଭାଗୀୟ ଲକ୍ଷ୍ୟ ସ୍ଥିର କରିବା ଏବଂ ବିଭାଗୀୟ ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ବିଭିନ୍ନ ନିୟମ ସମ୍ପର୍କରେ ନିଷ୍ପତ୍ତି ନେଇ ସଙ୍ଗଠନର ଲକ୍ଷ୍ୟ ପୂରଣରେ ଯୋଗଦାନ ଦେବା

(ଗ) ସମ୍ପୂର୍ଣ୍ଣ ବିଭାଗର ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବିଭାଗୀୟ ଗତିବିଧି ସହିତ ସମସ୍ତ ପ୍ରକାର ପରିଚାଳନାଗତ କାର୍ଯ୍ୟର ପ୍ରଦର୍ଶନ କରିବା

(ଘ) ନିମ୍ନ ସ୍ତରର ପରିଚାଳକମାନଙ୍କୁ ସବିସ୍ତୃତ ଆଦେଶ ଏବଂ ଅନୁଦେଶ ଜାରି କରିବା ଏବଂ ନିମ୍ନ ସ୍ତରର ବିଭିନ୍ନ କାର୍ଯ୍ୟ ଏକକର କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା

(ଙ) ମଧ୍ୟ ସ୍ତରର ପରିଚାଳକମାନେ ସର୍ବୋଚ୍ଚ ସ୍ତରରେ ନିଆ ଯାଇଥିବା ନିୟମର ନିଷ୍ପତ୍ତି ସମ୍ବନ୍ଧରେ ନିମ୍ନ ସ୍ତରର ପରିଚାଳକଙ୍କ ନିକଟରେ ବର୍ଣ୍ଣନା ଏବଂ ବ୍ୟାଖ୍ୟା କରିଥାନ୍ତି।

**ନିମ୍ନ ସ୍ତର କିମ୍ବା ନିରୀକ୍ଷଣାତ୍ମକ ସ୍ତରର ପରିଚାଳନା**

ନିମ୍ନ ସ୍ତରର ପରିଚାଳନା ନୀରିକ୍ଷଣାତ୍ମକ ପରିଚାଳନା ଭାବେ ଜଣାଶୁଣା, କାରଣ ଏହା ମୁଖ୍ୟତଃ ବ୍ୟକ୍ତିଗତ ନିରୀକ୍ଷଣ ଏବଂ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଜଡ଼ିତ। ଏହା ଫ୍ୟାକ୍ଟ୍ରିର ନିରୀକ୍ଷଣକର୍ତ୍ତା ସୁପରିଟେଣ୍ଡେଣ୍ଟ, ଫୋର୍‌ମ୍ୟାନ୍, ବିକ୍ରୟ ନିରୀକ୍ଷଣାକର୍ତ୍ତା, ଲେଖା ଅଧିକାରୀ (ଆକାଉଣ୍ଟାଣ୍ଟ) ଇତ୍ୟାଦିଙ୍କୁ ନେଇ ଗଠିତ। ସେମାନେ ସିଧାସଳଖ ଭାବେ କର୍ମଚାରୀମାନଙ୍କର ତାଲିକା ଏବଂ କାଗଜପତ୍ରର ତଦାରଖ କରନ୍ତି ଏବଂ ଦିଗ୍‌ଦର୍ଶନ ଦେଇଥାନ୍ତି ଏବଂ ନିୟନ୍ତ୍ରଣ କରିଥାନ୍ତି। ସେମାନେ ପ୍ରତ୍ୟହ କାର୍ଯ୍ୟର ଆଦେଶ ଏବଂ ଅନୁଦେଶ ଜାରି କରନ୍ତି ଏବଂ ସେମାନଙ୍କୁ ଦିଗ୍‌ଦର୍ଶନ ଦେଇଥାନ୍ତି। ସେମାନେ ମଧ୍ୟ ସର୍ବୋଚ୍ଚ ସ୍ତରର ପରିଚାଳନା ନିକଟରେ କର୍ମଚାରୀମାନଙ୍କର ଅଭିଯୋଗକୁ ଉପସ୍ଥାପିତ କରିଥାନ୍ତି।

(କ) ଦୈନନ୍ଦିନ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରନ୍ତି।

(ଖ) କାର୍ଯ୍ୟର ଆଦେଶ ଏବଂ ଅନୁଦେଶ ଜାରି କରିଥାନ୍ତି।

(ଗ) କର୍ମଚାରୀଙ୍କୁ ନିରୀକ୍ଷଣ କରନ୍ତି ଏବଂ ସେମାନଙ୍କୁ ଦିଗ୍‌ଦର୍ଶନ ଦେଇଥାନ୍ତି।

(ଘ) ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଏବଂ ଗୋଷ୍ଠୀଗତ କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ କର୍ମଚାରୀମାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ବଜାୟ ରଖିଥାନ୍ତି।

(ଙ) କାର୍ଯ୍ୟକାରୀ ପ୍ରଦର୍ଶନର ମୂଲ୍ୟାଙ୍କନ କରନ୍ତି।

(ଚ) ଉଚ୍ଚ ପଦାଧିକାରୀଙ୍କୁ ରିପୋର୍ଟ ଏବଂ ମତାମତ ପଠାଇ ଥାଆନ୍ତି।

(ଛ) ଉଚ୍ଚ ପଦାଧିକାରୀମାନଙ୍କୁ କର୍ମଚାରୀମାନଙ୍କ ଅଭିଯୋଗ ଏବଂ ପ୍ରସ୍ତାବ ସମ୍ପର୍କରେ ସୂଚନା ପ୍ରଦାନ କରନ୍ତି।

## ୧.୭: ପରିଚାଳନା ଏକ କଳା

କଳା ଏକ ଇପ୍ସିତ ଇଚ୍ଛାକୁ ପୂରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟ କରିବାର ଉପାୟ ସମ୍ପର୍କିତ ଜ୍ଞାନକୁ ବୁଝାଇ ଥାଏ। ଏହାର କାର୍ଯ୍ୟ ପ୍ରଦର୍ଶନ କରିବାର କୌଶଳ ଉପରେ ଏହା କେନ୍ଦ୍ରିତ ହୋଇଥାଏ।

କଥାରେ ଅଛି, 'ଅଭ୍ୟାସ ଜଣେ ବ୍ୟକ୍ତିକୁ ସ୍ୱୟଂସମ୍ପୂର୍ଣ୍ଣ କରିଥାଏ। ସିଦ୍ଧାନ୍ତିକ ଅବଧାରଣା(ଜ୍ଞାନ)ର ବାରମ୍ବାର ଅଭ୍ୟାସ ଫଳରେ ବୈଷୟିକ ଜ୍ଞାନ ତୀକ୍ଷ୍ଣ ହୋଇଥାଏ। ତେଣୁ ଯାହା ଦରକାର ତାହା ସିଦ୍ଧାନ୍ତ ଏବଂ ଅଭ୍ୟାସର ଉପଯୁକ୍ତ ମିଶ୍ରଣ।

ଗୋଟିଏ ବାଟରେ କଳା ଏବଂ ବିଜ୍ଞାନର ଗୁଣ ହେଉଛି ଏହା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି। ଔଷଧ, ଇଞ୍ଜିନିୟରିଂ, ଆକାଉଣ୍ଟାନ୍‌ସି ଏବଂ ଏହିଭଳି ବୃତ୍ତିରେ ଥିବା ବ୍ୟକ୍ତି ଏହାକୁ ବାରମ୍ବାର ଅଭ୍ୟାସ ଯୋଗୁ ଭଲରେ କରିଥାନ୍ତି। ପରିଚାଳନା ଏକ ବ୍ୟତିକ୍ରମ ନୁହେଁ। ବିଶ୍ୱବିଦ୍ୟାଳୟରୁ ଶଲ୍ୟ ଚିକିତ୍ସାରେ ସ୍ୱର୍ଣ୍ଣ ପଦକ ପାଇଥିବା ବ୍ୟକ୍ତି ଯେ ଜଣେ ଭଲ ଶଲ୍ୟ ଚିକିତ୍ସକ ହୋଇ ପାରିବ ସେମିତି ମାନେ ନାହିଁ, ସେହି ଅନୁରୂପ ଏକ ଶ୍ରେଷ୍ଠ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ପରିଚଳାନା ବିଭାଗର ସ୍ନାତକ ତା'ର କାର୍ଯ୍ୟକ୍ଷେତ୍ରରେ ବହୁତ ଦକ୍ଷ ହେବ, ସେମିତି କିଛି ମାନେ ନାହିଁ। ଉଭୟ କ୍ଷେତ୍ରରେ ଜ୍ଞାନର ଉପଯୋଗିତାକୁ ଔପଚାରିକ ଶିକ୍ଷା ମାଧ୍ୟମରେ ପାଇହେବ, କିନ୍ତୁ ଏଥିପାଇଁ ବିଦ୍‌ବତ୍ତା/ ପଟୁତା ଏବଂ ରଚନାତ୍ମକ କ୍ଷେତ୍ରରେ ଅଭ୍ୟାସ ଆବଶ୍ୟକ ହୋଇଥାଏ। ପରିସ୍ଥିତିକୁ ପ୍ରଭାବିତ କରୁଥିବା ବିଭିନ୍ନ କାରକକୁ ଉଚିତ୍ ଭାବେ ବୁଝି ପାରିଲେ ଏହା ସମସ୍ୟାକୁ ସମାଧାନ କରିବା ସହିତ ବ୍ୟବହାରିକତାକୁ ମଧ୍ୟ ବୁଝାଇଥାଏ।

କଳାର ପ୍ରଭାବଶାଳୀ ଅଭ୍ୟାସ ଏହା ପଛରେ ଥିବା ବିଜ୍ଞାନକୁ ବୁଝିବା ପାଇଁ ଆବଶ୍ୟକ ହୋଇଥାଏ। ଏହିପରି ବିଜ୍ଞାନ ଏବଂ କଳା ପାରସ୍ପରିକ ଅନନ୍ୟ ନୁହନ୍ତି, ବରଂ ପରସ୍ପରର ପରିପୂରକ। ଯେଉଁ କାର୍ଯ୍ୟନିର୍ବାହୀମାନେ ପରିଚାଳନାର ନିୟମ ଏବଂ କୌଶଳର ଅବଧାରଣାକୁ ନ ବୁଝି ପରିଚାଳନା କରିବକୁ ଆରମ୍ଭ କରନ୍ତି, ସେମାନେ ଭାଗ୍ୟ ଏବଂ ତାଙ୍କର ମାନସିକ କଳ୍ପନା ଉପରେ ହିଁ ନିର୍ଭର କରିଥାନ୍ତି। ଯାହା ପାଖରେ ଉଚିତ ଜ୍ଞାନ ଏବଂ ସେହି ଜ୍ଞାନକୁ ଉପଯୋଗ କରିବା ପାଇଁ ଆବଶ୍ୟକ କୌଶଳ ଥାଏ, ସେମାନଙ୍କ ନିକଟରେ ସଫଳତା ପାଇବା ପାଇଁ ବେଶି ଭଲ ସୁଯୋଗ ଥାଏ। ଏହିପରି, ପରିଶେଷରେ ଆମେ କହି ପାରିବା ଯେ ପରିଚାଳନା ହେଉଛି ଉଭୟ କଳା ଏବଂ ବିଜ୍ଞାନ।

## ୧.୮: ପରିଚାଳନା ଏକ ବିଜ୍ଞାନ

ପରିଚାଳନା ପ୍ରକୃତରେ କ'ଣ, ସେ ସମ୍ପର୍କରେ ସଠିକ୍ ପରିପ୍ରେକ୍ଷୀରେ ଜ୍ଞାନ ପ୍ରାପ୍ତ କରିବା ପାଇଁ ଚାଲ ଏବେ ପରିଚାଳନାର ଯଥାର୍ଥ ପ୍ରକୃତିର ପରୀକ୍ଷା କରିବା – ଏହା ଏକ ବିଜ୍ଞାନ କିମ୍ବା ଏହା ଏକ କଳା ? ଜଣେ ଦକ୍ଷ ପରିଚାଳକ ପାଇଁ ପରିଚାଳନା ଏକ ସୁଶୃଙ୍ଖଳିତ ଜ୍ଞାନର ଭଣ୍ଡାର ଭାବେ ମୁଣ୍ଡ ଟେକିଥାଏ, ଏହିପରି ଭାବେ ବିଜ୍ଞାନ ତଥା କଳାର ଯଥାର୍ଥ ପ୍ରକୃତି ପରିଚାଳନାକୁ ଭଲ ଭାବରେ ବୁଝାଇ ଥାଏ। ଜ୍ଞାନର ଯେ କୌଣସି ଶାଖା (ଯେମିତି ଆମ ପାଖରେ ଅଛି – ଭୌତିକ ଶାସ୍ତ୍ର, ରସାୟନ ଶାସ୍ତ୍ର ଏବଂ ଯନ୍ତ୍ର ବିଜ୍ଞାନ ଇତ୍ୟାଦି) କୁ ବିଜ୍ଞାନ ବୋଲି ବିଚାର କରାଯାଏ, ତାହା ନିମ୍ନ ସର୍ତ୍ତକୁ ପୂରଣ କରିବା ଉଚିତ୍।

୧ – ଏକ ସୁଶୃଙ୍ଖଳିତ ଜ୍ଞାନର ଭଣ୍ଡାରର ଅସ୍ତିତ୍ୱ ବହୁତ ନିୟମକୁ ପୂରା କରିଥାଏ।

୨ – ବାରମ୍ବାର ଯାଞ୍ଚ ଏବଂ ପରୀକ୍ଷାନିରୀକ୍ଷା ଆଧାରରେ ସିଦ୍ଧାନ୍ତ ବିକଶିତ ହୋଇଥାଏ।

୩ – ସିଦ୍ଧାନ୍ତ କାରଣ - ପ୍ରଭାବ ସମ୍ପର୍କ ଗଠନ କରି ଏକ ଘଟଣାକୁ ବର୍ଣ୍ଣନା କରିଥାଏ।

୪ – ସତ୍ୟକୁ ସୁନିଶ୍ଚିତ କରିବା ଏବଂ ଏହାର ସାର୍ବଜନୀନ ଉପଯୋଗର ଯାଞ୍ଚ ନିମନ୍ତେ ସିଦ୍ଧାନ୍ତ ନିଶ୍ଚିତ ରୂପେ ଉତ୍ତରଦାୟୀ ହେବା ଉଚିତ୍।

ଏହି ଦିଗରୁ ଦେଖିଲେ ପରିଚାଳନା ହେଉଛି ଏକ କ୍ଷେତ୍ର ଯାହା ଉପରୋକ୍ତ ମାନଦଣ୍ଡକୁ ପୂରଣ କରିଥାଏ। ଅନେକ ଚିନ୍ତାଶୀଳ ବ୍ୟକ୍ତିତ୍ୱଙ୍କ ଅବଦାନକୁ ଧନ୍ୟବାଦ ଦେବା ଉଚିତ୍, କାରଣ ସେମାନେ ଏହାର ନିଜସ୍ୱ ସିଦ୍ଧାନ୍ତ ଏବଂ ଧାରଣା ଉପରେ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ସିଦ୍ଧାନ୍ତ ଯେ କୌଣସି କାର୍ଯ୍ୟଲିପ୍ତ ପରିଚାଳକକୁ ଇପ୍ସିତ ଲକ୍ଷ୍ୟ ହାସଲ କରିବାରେ ସହାୟକ ହୋଇଥାଏ। ଯାହା ବି ହେଉ, ନିୟମକୁ ବ୍ୟବହାର କରିବା ସମୟରେ ଜଣେ ପରିସ୍ଥିତିର ବିଭିନ୍ନ ଦିଗ ପ୍ରତି ଆଖି ବନ୍ଦ କରିଦେବା ଉଚିତ୍ ନୁହେଁ, ଯଦିଓ ପରିସ୍ଥିତି ଜଣକଠାରୁ ଅନ୍ୟ ଜଣଙ୍କ ପାଇଁ ଭିନ୍ନ ହୋଇଥାଏ। ଏହିପରି ନିୟମର ପାଳନ ବେଳେ ବ୍ୟକ୍ତିଗତ ରାୟର କିଛି ଗୁରୁତ୍ୱ ନଥାଏ। ଏହା ଅତିରିକ୍ତ ପରିଚାଳନା ଏକ ଉତ୍ସାହପ୍ରଦ ବିଷୟ। ଏଥିରେ ଅନେକ ପ୍ରସଙ୍ଗ, ଅର୍ଥନୀତି, ମନୋବିଜ୍ଞାନ, ସମାଜ ବିଜ୍ଞାନ, ଯନ୍ତ୍ର ବିଜ୍ଞାନ ଏବଂ ଗଣିତ, ଏଠାରେ ଅଳ୍ପ କିଛି ଉଲ୍ଲେଖ କରାଯାଇଛି, ସେଥିରୁ ଉଦ୍ଧୃତ କରାଯାଇଛି। ଏହାର ପ୍ରକୃତି ବହୁ – ବିଷୟକ, କିନ୍ତୁ ଏହା ଏକ ଚିନ୍ତାଜନକ ଶବ୍ଦ। ଯଦିଓ ପରିଚାଳନା ଏହାର ବିଷୟ ବସ୍ତୁକୁ ନେଇ ବିଚାର କରେ ଏବଂ ଏହାର ବ୍ୟାବହାରିକ ଉପଯୋଗିତାକୁ ବିଜ୍ଞାନ ବୋଲି ବିଚାର କରାଯାଏ, 'ନିମ୍ନରେ ଆଲୋଚିତ ବିଭିନ୍ନ କାରଣ ଅନୁସାରେ, ଏହାକୁ ଯଥାର୍ଥ ବିଜ୍ଞାନ ଭାବେ ଦେଖାଯାଇ ପାରିବ ନାହିଁ।' ଅନ୍ୟ ଶବ୍ଦରେ କହିବାକୁ ଗଲେ, 'ଏହା ଏକ ବିଜ୍ଞାନ, କିନ୍ତୁ ଅଯଥାର୍ଥ ବିଜ୍ଞାନ', କାରଣ:

୧ – ପ୍ରଥମତଃ, ସଂଜ୍ଞା ଅନୁସାରେ , 'ପରିଚାଳନା ହେଉଛି ଲୋକମାନଙ୍କ କାର୍ଯ୍ୟ ମାଧ୍ୟମରେ ଜିନିଷ ପ୍ରାପ୍ତ କରିବା, ଅନ୍ୟ ଉତ୍ପାଦକ ସାମଗ୍ରୀ, ତୁଳନାରେ' ବ୍ୟକ୍ତିବିଶେଷ, ଯେଉଁମାନେ କି  ଯେ କୌଣସି ସଙ୍ଗଠନର ମାନବ ସମ୍ବଳକୁ ବୁଝାଇଥାନ୍ତି, ସେମାନଙ୍କର ଆଗ୍ରହ, ମନୋବୃତ୍ତି, ଅନୁଭବ ଏବଂ ଏହି ଭଳି କିଛି ଜିନିଷକୁ ନେଇ ଗଠନ କରିଥାନ୍ତି। ବ୍ୟବହାରରେ ଅସମାନତା ରହିବା ସ୍ୱାଭାବିକ କାରଣ ସମାନ ପରିସ୍ଥିତିକୁ ନେଇ ଉଚିତ୍ ଗବେଷଣା କରାଯାଇ ନଥାଏ।

୨– ଦ୍ୱିତୀୟତଃ, ମଣିଷର ବ୍ୟବହାର ସଠିକ୍ ରୂପେ ଅନୁମାନ କରିହୁଏ ନାହିଁ, ତେଣୁ ପୂର୍ବପ୍ରସ୍ତୁତ ଏବଂ ଉଚିତ୍ ସମାଧାନର ଉପାୟ ଦେଇ ପାରିବା ନାହିଁ।

୩ – ତୃତୀୟତଃ, ପରିଚାଳନା ଅଧିକତଃ ଭବିଷ୍ୟତ ସହିତ ଜଡ଼ିତ, ଯାହା ଜଟିଳ ଏବଂ ଅଣ-ଆନୁମାନିକ। କଥାରେ ଅଛି, 'ହାତରୁ ପାଟିକୁ ଯିବା ଭିତରେ ଅନେକ କିଛି ତଳକୁ ଖସି ପଡ଼ିଥାଏ' ଅର୍ଥାତ୍ ଯେ ପର୍ଯ୍ୟନ୍ତ କାମ ହାସଲ ନ ହୋଇଛି, ସେ ପର୍ଯ୍ୟନ୍ତ ସବୁକିଛି ଠିକ୍ ଅଛି ବୋଲି କହିବା ସହଜ ନୁହେଁ।

ପରିବେଶରେ ପରିବର୍ତ୍ତନ ହେଲେ ଏହା ଯୋଜନାକୁ ପ୍ରଭାବିତ କରିଥାଏ ଏବଂ ଏମିତିକି ସବୁଠାରୁ ଭଲ ଯୋଜନା ମଧ୍ୟ ପ୍ରଭାବହୀନ ହୋଇ ଯାଇଥାଏ।

ପରିଶେଷରେ, ଯେବେଠାରୁ ଏକ ବ୍ୟବସାୟିକ ସଙ୍ଗଠନ ତିଷ୍ଠି ରହିଛି, ପରିବେଶ ସହିତ ଏହା ଦୁଇଟି ଉପାୟରେ ସହଭାଗିତା କରିଥାଏ। ସଙ୍ଗଠନ ନିଷ୍ପତ୍ତି ନେବା ଉପରେ ପ୍ରଭାବ ପକାଇଥାଏ, ସମାଜ ଉପରେ ସେମାନଙ୍କ ନିଷ୍ପତ୍ତିର ପ୍ରଭାବ କ'ଣ ରହିବ, ତାକୁ ନେଇ ସେମାନେ ସତର୍କ ହୋଇ ଯାଇଥାନ୍ତି। ସ୍ୱଳ୍ପକାଳୀନ ଆବେଗ ଅପେକ୍ଷା ଏହା ସମାଜର ବୃହତ୍ତର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଏ।

ପରିଶେଷରେ, ପରିଚାଳକମାନଙ୍କ ପାଖରେ ପ୍ରଚୁର ସମ୍ବଳ ଥିବାରୁ ସେମାନେ ସମାଜର ହିତ ସାଧନ ନିମନ୍ତେ କାର୍ଯ୍ୟ କରିବାକୁ ଆଶା କରାଯିବା କିଛି ଅସ୍ୱାଭାବିକ କଥା ନୁହେଁ ଏବଂ ପରିଚାଳକମାନେ ସମାଜର ସମସ୍ୟାକୁ ଆଡ୍ରେସ୍ କରିବା ଉଚିତ।

ବିଭିନ୍ନ ନିଷ୍ପତ୍ତି ପରିବେଶର ବିଭିନ୍ନ ଉପାଦାନ ଦ୍ୱାରା ପ୍ରଭାବିତ ହୋଇ ନିଆଯାଇଥାଏ। ଏଗୁଡ଼ିକ ମଧ୍ୟରେ ପ୍ରଯୁକ୍ତିଗତ, ଅର୍ଥନୈତିକ, ସାମାଜିକ– ସାଂସ୍କୃତିକ ଏବଂ ରାଜନୈତିକ ପ୍ରସଙ୍ଗଗୁଡ଼ିକ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦିଓ ପରିବେଶର ଅପ୍ରତ୍ୟାଶିତ ପରିବର୍ତ୍ତନ ଅନୁସାରେ ପ୍ରଭାବଶାଳୀ ଯୋଜନା କରାଯାଇଥାଏ କିନ୍ତୁ ଏହା ବହୁତ ଜଟିଳ ହୋଇଥାଏ।

ଶୁଦ୍ଧ ବା ଯଥାର୍ଥ ବିଜ୍ଞାନ ଭଳି ନହୋଇ ପରିଚାଳନାରେ ପରିଣାମ ସଠିକ୍ ହୋଇଥାଏ, ଉପରେ ଯେଉଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଗଲା ସେଗୁଡ଼ିକ ସବୁଠାରୁ ଉତ୍ତମ ଯୋଜନା ଏବଂ ରଣନୀତିକୁ ସମସ୍ୟା ଭିତରକୁ ଠେଲି ଦେଇପାରେ। ଅନେକ ପ୍ରକାର ଜଟିଳତା ଏବଂ ଅନିଶ୍ଚିତତା ପରିଚାଳନାକୁ, ଏକ ଅଯଥାର୍ଥ ବିଜ୍ଞାନରେ ପରିଣତ କରି ଦେଇଥାଏ।

## ୧.୯: ପରିଚାଳନା ଏକ ବୃତ୍ତି

ଏକ ବୃତ୍ତିର ବୈଶିଷ୍ଟ୍ୟ ସମ୍ପର୍କରେ ମ୍ୟାକ୍‌ଫର୍ଲାଣ୍ଡଙ୍କ ମତ ନିମ୍ନରେ ପ୍ରଦାନ କରାଗଲା।

- ଏକ ସଙ୍ଗଠିତ ଏବଂ ଶୃଙ୍ଖଳିତ ଜ୍ଞାନର ଅସ୍ତିତ୍ୱ
- ଜ୍ଞାନ ଏବଂ ଦକ୍ଷତା ଅର୍ଜନ କରିବାର ଔପଚାରିକ ପଦ୍ଧତି
- ବୃତ୍ତିକୁ ଲକ୍ଷ୍ୟ ରଖି ଏକ ଉଚ୍ଚସ୍ତରୀୟ ସଙ୍ଗଠନ ତିଷ୍ଠି ରହିବା
- ବୃତ୍ତିର ସଦସ୍ୟମାନଙ୍କର ବ୍ୟବହାରକୁ ନିୟନ୍ତ୍ରିତ କରିବା ପାଇଁ ତିଷ୍ଠି ରହିଥିବା ସଂହିତା
- ସେବା ପାଇଁ ଦେୟ ଲାଗୁ କରିବା
- ସାମାଜିକ ଦାୟିତ୍ୱବୋଧ ପାଇଁ ଚିନ୍ତାଶୀଳ ହେବା

ପରିଚାଳନାର ସୂକ୍ଷ୍ମ ପରୀକ୍ଷଣରୁ ଜଣାପଡ଼େ ଯେ ଏହା ଔଷଧ କିମ୍ୱା କାନୁନ୍ ଭଳି ନୁହେଁ, କିନ୍ତୁ ପରିଚାଳନା ସାର୍ବଜନୀନ ଭାବେ ଗ୍ରହଣଯୋଗ୍ୟ ବ୍ୟବହାରର ମାନକକୁ ନେଇ ଆଗକୁ ବଢ଼ିଥାଏ। ପରିଚାଳକର ବ୍ୟବହାରକୁ ପରିଚାଳିତ କରିବା ପାଇଁ ଏମିତି କୌଣସି ବିଶେଷ ସଂହିତା ନାହିଁ। ଶୀର୍ଷସ୍ତରୀୟ ସଙ୍ଗଠନ, ଯଥା- ସର୍ବଭାରତୀୟ ପରିଚାଳନା ସଙ୍ଗଠନ (ଏଆଇଏମ୍ଏ) କିମ୍ୱା ବ୍ୟକ୍ତିଗତ ପରିଚାଳନାର ଜାତୀୟ ସଂସ୍ଥା (ଏନ୍ଆଇପିଏମ୍) କେବଳ ନୀତିନିୟମ ପ୍ରଣୟନ କରିଥାନ୍ତି, କିନ୍ତୁ ସେମାନଙ୍କ ସ୍ଖଳିତ ସଦସ୍ୟମାନଙ୍କୁ ନିୟନ୍ତ୍ରଣ କରିବାର କୌଣସି ଶକ୍ତି ନ ଥାଏ। ପରିଚାଳକମାନେ ଯେଉଁ କାର୍ଯ୍ୟ କରିଥାନ୍ତି, ତାହା ସେମାନେ ସମାଜର ବିଭିନ୍ନ ପ୍ରକାରର ନିୟମ ଏବଂ ମୂଲ୍ୟବୋଧକୁ ନେଇ ଚିନ୍ତା ପ୍ରକଟ କରିଥାନ୍ତି। ଅନେକ ସମୟରେ ସେମାନଙ୍କର ଲାଭଖୋର ମନୋବୃତ୍ତି, ସାମାଜିକ ସ୍ୱାର୍ଥ ହାନି କରିଥାଏ ତଥା ଏହା ସହିତ ବୁଝାମଣା କରିବାକୁ ପଡ଼ିଥାଏ। ଯଦିଓ ଅନ୍ୟ ବୃତ୍ତିରେ ଏହା ନିହିତ ଥାଏ ଯେ ପରିଚାଳକମାନେ ସମାଜ ପାଇଁ ଭଲ କରିବାର ଉଦାହରଣ ସୃଷ୍ଟି କରିବେ ବୋଲି ଆଶା କରାଯାଏ।

ଯେତେବେଳେ କି ଏହା ହେବା ଉଚିତ୍, ଯଦିଓ, ଏହା ମନେ ରଖିବା ଉଚିତ୍, ଭିନ୍ନ ବୃତ୍ତି ଯଥା - ଯନ୍ତ୍ର ବିଜ୍ଞାନ, ଔଷଧ, ଆଇନ୍, ଲେଖା (ଆକାଉଣ୍ଟାନ୍ସି) ଇତ୍ୟାଦିରୁ ଜଣେ ଆସି ପରିଚାଳନା ବୃତ୍ତିରେ ପ୍ରବେଶ କରି ପାରିବେ, ଅନ୍ୟ ସ୍ୱତନ୍ତ୍ର ଡିଗ୍ରୀପ୍ରାପ୍ତ ବ୍ୟକ୍ତିମାନଙ୍କ ପାଇଁ ଏ କ୍ଷେତ୍ରରେ ପ୍ରବେଶ କରିବା ନିମନ୍ତେ କୌଣସି ପ୍ରତିବନ୍ଧକ ନାହିଁ। ଅନ୍ୟ ଅର୍ଥରେ କହିଲେ, ଜଣେ ପରିଚାଳନା କ୍ଷେତ୍ରରେ ଅଭ୍ୟାସ କରିବାକୁ ହେଲେ, ସେ ବ୍ୟବସାୟ ପ୍ରଶାସନରେ ସ୍ନାତୋକତ୍ତର କିମ୍ବା ଅନ୍ୟାନ୍ୟ ପରିଚାଳନା ଡିଗ୍ରୀ କିମ୍ବା ଡିପ୍ଲୋମା କରିବା ଆବଶ୍ୟକ ନୁହେଁ। ପିଟର୍ ଡ୍ରକର୍ଙ୍କ ମତକୁ ଉଦ୍ଧାର କଲେ ଜଣାଯାଏ, 'ଅର୍ଥନୀତି କିମ୍ବା କୌଣସି ସମାଜର ଆଉ ବୃହତ୍ କ୍ଷତି କ'ଣ ହେବ ଯଦି ପରିଚାଳକମାନଙ୍କୁ ଲାଇସେନ୍ସ ଦେଇ ବା ଏକ ସ୍ୱତନ୍ତ୍ର ଶିକ୍ଷାଗତ ଡିଗ୍ରୀ ମଧ୍ୟରେ ସୀମିତ କରି ପରିଚାଳନା ବ୍ୟବସ୍ଥାକୁ ବୃତ୍ତିଗତ କରିବାକୁ ଚେଷ୍ଟା କରାଯାଏ।'

ସେହି ସମାନ ସମୟରେ, ଏହା ମଧ୍ୟ ଅନୁଭବ କରାଯାଇ ପାରେ ଯେ ଔଦ୍ୟୋଗିକ ବିକାଶର ପଥ ପ୍ରଦର୍ଶକମାନଙ୍କର ସଫଳତା ପରିଚାଳନା ବୃତ୍ତିର ଗୁରୁତ୍ୱକୁ ଅନ୍ଧାର ଭିତରେ ରଖିବା ଆବଶ୍ୟକ କରେନାହିଁ। ଏଥିପାଇଁ ଏବଂ ଏହା ବିପକ୍ଷରେ, ଆମେ ବ୍ୟବସାୟର ପ୍ରସଙ୍ଗକୁ ଉପେକ୍ଷା କରି ପାରିବା ନାହିଁ। ବ୍ୟବସାୟ ବାତାବରଣରେ ଅନେକ ପରିବର୍ତ୍ତନ ଘଟିଥାଏ। ନିମ୍ନରେ ପ୍ରଦତ୍ତ ବିଭିନ୍ନ କାରଣରୁ ଅନିଶ୍ଚିତତା ବୃଦ୍ଧି ପାଇ ଏହା ଆଧୁନିକ ବ୍ୟବସାୟରେ ଦିନକୁ ଦିନ ଜଟିଳ ହେବାରେ ଲାଗିଛି।

କେବଳ ଘରୋଇ ନୁହେଁ, ଆନ୍ତର୍ଜାତିକ ସ୍ତରରେ ମଧ୍ୟ ପ୍ରତିଯୋଗିତା ବୃଦ୍ଧି ପାଇବାରେ ଲାଗିଛି।

- ଦ୍ରୁତ ପ୍ରଯୁକ୍ତିଗତ ପରିବର୍ତ୍ତନ ମନୁଷ୍ୟ ଜୀବନର ବିଭିନ୍ନ ଦିଗକୁ ପ୍ରଭାବିତ କରିଥାଏ।
- ପ୍ରଯୁକ୍ତି କ୍ଷେତ୍ରରେ କୃତ୍ରିମତା ଏବଂ ଦ୍ରୁତ ଅପ୍ରଚଳନ ବୃଦ୍ଧି ପାଇବାରେ ଲାଗିଛି।
- ସଙ୍ଗଠନର ଆକାରରେ ବୃଦ୍ଧି ଏବଂ ଫଳ ସ୍ୱରୂପ ବଜାର ଅଭିବୃଦ୍ଧି ଏବଂ
- ସାମାଜିକ – ସାଂସ୍କୃତିକ ଏବଂ ରାଜନୈତିକ କାରକରେ ଅସ୍ୱାଭାବିକ ପରିବର୍ତ୍ତନ ବ୍ୟବସାୟକୁ ପ୍ରଭାବିତ କରିଥାଏ।

ସବୁ ପ୍ରଭାବିତ କରୁଥିବା ବସ୍ତୁର ବ୍ୟବସାୟକୁ କାର୍ଯ୍ୟକାରୀ କରିବାରେ ଆବଶ୍ୟକ ଔପଚାରିକ ତାଲିମ୍ ଏବଂ ପରିଚାଳନାଗତ ଶିକ୍ଷାକୁ ବୃଦ୍ଧି କରିବା ପାଇଁ କୌଶଳର ଅଧିଗ୍ରହଣ କରିବା ଉପରେ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇ ଥାଏ। ଏହା ସେମିତି ଏକ ସମୟରେ ହୋଇଥାଏ ଯେତେବେଳେ ଲୋକମାନେ ବ୍ୟବସାୟର ଜଗତୀକରଣ ପ୍ରସଙ୍ଗକୁ ନେଇ ସୀମାହୀନ ପରିଚାଳନା ସମ୍ପର୍କରେ କଥା ହୁଅନ୍ତି।

**ପରିଚାଳନା: କଳା, ବିଜ୍ଞାନ ଏବଂ ବୃତ୍ତିର ତ୍ରିସଂଯୋଗ**

**ବିଜ୍ଞାନ ଭଳି:** ଶୃଙ୍ଖଳିତ ଜ୍ଞାନ ଏବଂ ସିଦ୍ଧାନ୍ତର ଭଣ୍ଡାର, ସମ୍ପର୍କର କାରଣ ଏବଂ ପ୍ରଭାବ, ଆନୁମାନିକ ଫଳାଫଳ, ସାର୍ବଜନୀନ ଉପଯୋଗ

**କଳା ଭଳି:** ବ୍ୟବହାରିକ ଜ୍ଞାନ ଏବଂ କୌଶଳ, ଉଚିତ ପରିଣାମ, ରଚନାତ୍ମକ, ବ୍ୟକ୍ତିଗତ ଦକ୍ଷତା

**ବୃତ୍ତି ଭଳି:** ଜ୍ଞାନର ବିଶେଷ ଭଣ୍ଡାର, ଔପଚାରିକ ଶିକ୍ଷା ଏବଂ ତାଲିମ୍, ବୃତ୍ତିଗତ ସଙ୍ଗଠନ, ନୈତିକ ଆଚାର ସଂହିତା, ସାମାଜିକ ସ୍ତର

## ୧.୧୦: ୟୁନିଟ୍‌ର ସାରାଂଶ

ପରିଚାଳନାର ସିଦ୍ଧାନ୍ତ ଏବଂ ଉପଯୋଗିତା ବାସ୍ତବ ରୂପରେ ଉତ୍ତେଜକ, ଆହ୍ୱାନମୂଳକ ଏବଂ ଲାଭପ୍ରଦ। ଏହି ଏକକରେ ବହୁତ ଯତ୍ନର ସହିତ ଏକ ବିଂଶ ଶତାବ୍ଦୀର ସଙ୍ଗଠନ ସମ୍ପର୍କିତ ମୌଳିକ ପ୍ରସଙ୍ଗ ଏବଂ ପରିଚାଳନାର ଅବଲୋକନ ସମ୍ପର୍କରେ ସ୍ପଷ୍ଟ ଭାବେ ବୁଝାଇ ଉପସ୍ଥାପନ କରାଯାଇଛି। ସମାଜରେ ସଙ୍ଗଠନଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟକୁ ହାସଲ କରିବା ପାଇଁ ତିଷ୍ଠି ରହିଛି। ସେଗୁଡ଼ିକ ଆମ ଦୈନନ୍ଦିନ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଥାନ୍ତି। ଯଦିଓ ସେଗୁଡିକର କାର୍ଯ୍ୟକାରିତା ଏବଂ ଦୃଷ୍ଟିଭଙ୍ଗୀର ଅନେକ ବିଭିନ୍ନତା ରହିଛି, ତଥାପି ସେମାନେ ବିଶେଷ ଲକ୍ଷ୍ୟ/ ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ପ୍ରୟାସ ଜାରି ରଖିଥାନ୍ତି। ସବୁଠାରୁ ମୌଳିକ ଉପାୟରେ ପରିଚାଳନାକୁ ଏମିତି ବର୍ଣ୍ଣନା କରାଯାଇପାରେ ଯେ ଏହା ହେଉଛି ସଙ୍ଗଠନର ଉଦ୍ଦେଶ୍ୟକୁ ଅନ୍ୟମାନଙ୍କ ଦ୍ୱାରା ଦକ୍ଷତାର ସହିତ ଏବଂ ପ୍ରଭାବଶାଳୀ ଢଙ୍ଗରେ ପୂରଣ କରିବାର କଳା। ପ୍ରକୃତରେ ପରିଚାଳକମାନଙ୍କର ତିନିଟି ମୁଖ୍ୟ ସ୍ତର ରହିଛି, ଯଥା ଅଗ୍ରଗାମୀ ପରିଚାଳକ, ମଧ୍ୟମ ସ୍ତରର ପରିଚାଳକ ଏବଂ ସର୍ବୋଚ୍ଚ  ସ୍ତରର ପରିଚାଳକ ସମୂହ। ପରିଚାଳକମାନେ ସେମାନଙ୍କର ଦାୟିତ୍ୱ ନର୍ବାହ କରିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା, ଯଥା – ସଙ୍କଳ୍ପନାତ୍ମକ କୌଶଳ, ମାନବ କୌଶଳ, ପ୍ରଯୁକ୍ତି କୌଶଳ, ବିଶ୍ଳେଷଣାତ୍ମକ କୌଶଳ ସହିତ ଉପଯୁକ୍ତ ଯୋଗାଯୋଗ କୌଶଳରେ ପରିପୂର୍ଣ୍ଣ ହୋଇଥାନ୍ତି। ବିଭିନ୍ନ ସ୍ତରର ପରିଚାଳନାରେ ପରିଚାଳକମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଅର୍ଥାତ୍ ସୂଚନା ସମ୍ବନ୍ଧୀୟ ଭୂମିକା, ପାରସ୍ପରିକ ଭୂମିକା ଏବଂ ନିଷ୍ପତ୍ତି ନେବାର ଭୂମିକା।

## ୧.୧୧: ମୁଖ୍ୟ ଶବ୍ଦାବଳୀ

- କଳା: ଦକ୍ଷତାର ଉପଯୋଗ ମାଧ୍ୟମରେ ଏହା ଏକ ଇପ୍ସିତ ଫଳାଫଳ ଆଣି ଦେଇଥାଏ।
- ପ୍ରଶାସନ: ଏହା ଏକ ଉଚ୍ଚସ୍ତରୀୟ କାର୍ଯ୍ୟ ପଦ୍ଧତି ଯାହା ନିୟମକୁ ନିର୍ଦ୍ଧାରଣ କରିବା ପାଇଁ ଦାୟୀ ରହିଥାଏ।
- ଆଚାର ସଂହିତା : ଏହା ସଦସ୍ୟମାନଙ୍କ ପାଇଁ ବୃତ୍ତିଗତ ନିୟମର ମାନଦଣ୍ଡକୁ ନିର୍ଦ୍ଧାରଣ କରିଥାଏ।
- ଅର୍ଥନୈତିକ ସମ୍ବଳ - ପରିଚାଳନା, ଜମି, ଶ୍ରମିକ ଏବଂ ପୁଞ୍ଜି
- ଲକ୍ଷ୍ୟାତ୍ମକ – ସଙ୍ଗଠନର ଲକ୍ଷ୍ୟ ହାସଲ କରିବା ପାଇଁ ଉଦ୍ଦେଶ୍ୟପୂର୍ଣ୍ଣ କାର୍ଯ୍ୟ କରିବା।
- ପରିଚାଳନା – ଜିନିଷ ପାଇବାର କଳା।
- ପ୍ରକ୍ରିୟା – ଏକ କାର୍ଯ୍ୟର ଧାରା ଯାହା କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ହାସଲ କରିବାରେ ସହାୟକ ହୋଇଥାଏ।
- ବୃତ୍ତିଗତକରଣ – ଏହାର ଅର୍ଥ ପରିଚାଳନାଗତ ଶିକ୍ଷା ଏବଂ ତାଲିମ୍‌ର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ପରିଚାଳକର କାର୍ଯ୍ୟ ଏବଂ ଦାୟିତ୍ୱର ସଂଜ୍ଞା ନିରୂପିତ କରିବା

- ବିଜ୍ଞାନ - ଏକ ବ୍ୟବସ୍ଥିତ ଜ୍ଞାନର ଭଣ୍ଡାର ଯାହା ଅବଧାରଣା, ନିୟମ ଏବଂ ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ
- ସର୍ବୋଚ୍ଚ ସ୍ତରର ପରିଚାଳନା - ଅନୁକ୍ରମର ସର୍ବୋଚ୍ଚ ସ୍ତରରେ ଥିବା ପରିଚାଳକମାନେ ପ୍ରଶାସନିକ କାର୍ଯ୍ୟ ପାଇଁ ଅଧିକ ସମୟ ଦେଇଥାନ୍ତି।

## ୧.୧୨: ଆସ ପ୍ରଗତି ମାପିବା

୧- ଏକ କାଳ୍ପନିକ ସଙ୍ଗଠନକୁ ଚୟନ କର ଏବଂ ଏହି ଏକକରେ ତୁମେ ପରିଚାଳନାର ପ୍ରକୃତି ଏବଂ ବୈଶିଷ୍ଟ୍ୟ ସମ୍ପର୍କରେ ଯାହା ପଢ଼ିଲ, ତାହା ନିଜେ ନିଜେ ବୁଝି ଅଭ୍ୟାସ କରିବାକୁ ଚେଷ୍ଟା କର।

-----------------------------------------------------------------

-----------------------------------------------------------------

------------------------------

୨- ତୁମେ ଜାଣିଥିବା ଏକ ସଂସ୍ଥାକୁ ଚିହ୍ନଟ କରି ଏବଂ ଜଣେ ବିପଣନ ପରିଚାଳକ ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ସମ୍ପାଦନ କରିବା ପାଇଁ ଯେଉଁ ପ୍ରକାରର ପରିଚାଳନାଗତ ଦକ୍ଷତା ଆବଶ୍ୟକ କରନ୍ତି, ସେ ସମ୍ପର୍କରେ ବର୍ଣ୍ଣନା କର।

-----------------------------------------------------------------

-----------------------------------------------------------------

------------------------------

୩- ତୁମେ ତୁମ ପସନ୍ଦ ଅନୁସାରେ ଏକ ସଂସ୍ଥାର ପରିଚାଳକଙ୍କ ସହିତ ସମୟ ବିତାଅ ଏବଂ ତାଙ୍କ କାର୍ଯ୍ୟର ପ୍ରଦର୍ଶନ ପାଇଁ ସେ କେଉଁ ଭଳି ରୁଟିନ୍ ଏବଂ ଅଭ୍ୟାସକୁ ଗ୍ରହଣ କରିଛନ୍ତି, ତାହା ଜାଣିବାକୁ ଚେଷ୍ଟା କର। ତୁମର ଅବଲୋକନ ଶ୍ରେଣୀ ଗୃହରେ ଆଗାମୀ ଆଲୋଚନାରେ ସହାୟକ ହେବ।

-----------------------------------------------------------------

-----------------------------------------------------------------

------------------------------

# ୟୁନିଟ୍ – ୨:  ପରିଚାଳନାଗତ ଦକ୍ଷତା ଏବଂ ପରିଚାଳକଙ୍କ ଭୂମିକା


୨.୦: ବିଷୟର ଗଠନ

୨.୧:  ପଠନର ଉଦ୍ଦେଶ୍ୟ

୨.୨:  ବିଷୟ ପରିଚୟ: ପରିଚାଳନାଗତ ଦକ୍ଷତା

୨.୩:  ବୈଷୟିକ ଦକ୍ଷତା

୨.୪:  ମାନବୀୟ ଦକ୍ଷତା

୨.୫:  ଅବଧାରଣା ଦକ୍ଷତା

୨.୬:  ପରିଚିତି: ପରିଚାଳକମାନଙ୍କର ଭୂମିକା

୨.୭:  ପାରସ୍ପରିକ ଭୂମିକା

୨.୮:  ସୂଚନାତ୍ମକ ଭୂମିକା

୨.୯:  ନିର୍ଣ୍ଣାୟକ ଭୂମିକା

୨.୧୦:  ୟୁନିଟ୍ ସାରାଂଶ

୨.୧୧:  ମୁଖ୍ୟ ଶବ୍ଦାବଳୀ

୨.୧୨:  ଆସ ପ୍ରଗତି ମାପିବା

୨.୧୩:  ଅଧିକ ଜାଣିବା ପାଇଁ

୨.୧୪:  ଆଦର୍ଶ ପ୍ରଶ୍ନାବଳୀ


## ୨.୧: ପଠନର ଉଦ୍ଦେଶ୍ୟ

ଏହି ଏକକ ଶେଷ ହେବା ପରେ ଆପଣମାନେ ଜାଣିବାକୁ ସକ୍ଷମ ହେବେ:

- ପରିଚାଳକମାନେ ଆବଶ୍ୟକ କରୁଥିବା ବିଭିନ୍ନ ପ୍ରକାରର ଦକ୍ଷତା ଏବଂ ସେସବୁର ସ୍ୱଭାବକୁ ବୁଝି ପାରିବେ
- ପରିଚାଳନାଗତ ଭୂମିକା ଏବଂ ଦକ୍ଷତାର ପ୍ରକୃତି ସମ୍ପର୍କରେ ବର୍ଣ୍ଣନା କରି ପାରିବେ
- ପରିଚାଳନା ଚିନ୍ତାଧାରାର ସୃଷ୍ଟିକୁ ପସନ୍ଦ କରିବେ

## ୨.୨: ବିଷୟ ପରିଚୟ : ପରିଚାଳନାଗତ ଦକ୍ଷତା

ପରିଚାଳନା କାର୍ଯ୍ୟ ଅନ୍ୟାନ୍ୟ କାର୍ଯ୍ୟଠାରୁ ଭିନ୍ନ। ଏହା ପରିଚାଳକ ପଦର ଉପାଦାନ ଏବଂ ଉଦ୍ଦେଶ୍ୟ ପାଇଁ ପ୍ରତିବଦ୍ଧତା ଅବଶ୍ୟକ କରିଥାଏ। ଏହା ମାନବ ଏବଂ ବସ୍ତୁଗତ ସମ୍ବଳର ସଠିକ୍ ଭାବେ ଉପଯୋଗ କରିବାର ମନୋବୃତ୍ତି ସହିତ ସମ୍ପୃକ୍ତ। ଏହା ଜଟିଳ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଉପଯୁକ୍ତ ବିଚାର ଆବଶ୍ୟକ କରିଥାଏ। ଆଗକୁ ପ୍ରତ୍ୟେକ ଉଚ୍ଚ ସ୍ତରରେ ଏହି କାର୍ଯ୍ୟ ଜଟିଳ ହୋଇଥାଏ କାରଣ ଅଧିକାରର କାର୍ଯ୍ୟକ୍ଷେତ୍ର ଏବଂ ଦାୟିତ୍ୱ ବୃଦ୍ଧି ପାଇଥାଏ। ତେଣୁ ପ୍ରତ୍ୟେକ ଉଚ୍ଚ ସ୍ତରରେ ବର୍ଦ୍ଧିତ ଜ୍ଞାନ, ବ୍ୟାପକ ପରିପ୍ରେକ୍ଷୀ ଏବଂ ଅଧିକ ଦକ୍ଷତାର ଆବଶ୍ୟକ ହୋଇଥାଏ।

ବିଶ୍ଲେଷଣର ଉଦ୍ଦେଶ୍ୟ ପାଇଁ, ପରିଚାଳକ ଯେଉଁ ଦକ୍ଷତା ଆବଶ୍ୟକ କରିଥାଏ ତାହାକୁ ତିନି ଭାଗରେ ବିଭକ୍ତ କରାଯାଇଛି, ଯଥା – ବୈଷୟିକ, ମାନବୀୟ (କର୍ମଚାରୀମାନଙ୍କ ସହିତ ସମ୍ପର୍କ ରଖିବାର ଦକ୍ଷତା) ଏବଂ ଅବଧାରଣାକୃତ ଦକ୍ଷତା ଯାହାକୁ ନିମ୍ନରେ ଛବି ୨.୨ ରେ ପ୍ରଦର୍ଶିତ କରାଯାଇଛି। ପରିଚାଳନା ସ୍ତରର ଦାୟିତ୍ୱକୁ ବୁଝାଇବାରେ ଆବଶ୍ୟକୀୟ ମୁଖ୍ୟ ଦକ୍ଷତା ଏବଂ ପ୍ରତି ସ୍ତରରେ ଯେଉଁ ପ୍ରକାରର ବିସ୍ତୃତ ଦକ୍ଷତା ଆବଶ୍ୟକ ହୋଇଥାଏ, ତାହାକୁ ପ୍ରଦର୍ଶିତ କରିବାରେ ଏହା ସାହାଯ୍ୟ କରିଥାଏ।




## ୨.୩: ବୈଷୟିକ ଦକ୍ଷତା

ବୈଷୟିକ ଦକ୍ଷତା କହିଲେ ଏକ ବିଶେଷ କ୍ଷେତ୍ରରେ ଯନ୍ତ୍ରପାତି, ଉପକରଣ, ପଦ୍ଧତି, କୌଶଳ ଏବଂ ଜ୍ଞାନକୁ ବ୍ୟବହାର କରିବାର କ୍ଷମତାକୁ ବୁଝାଏ। ପ୍ରାଥମିକ ଭାବେ ଏହା କୌଣସି କାର୍ଯ୍ୟ କରିବାର ଉପାୟକୁ ଗୁରୁତ୍ୱ ଦେଇଥାଏ। କାର୍ଯ୍ୟ କରିବାର ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହା ପାରଦର୍ଶିତାର ସୂଚନା ପ୍ରଦାନ କରିଥାଏ। ନିମ୍ନ ସ୍ତରର ପରିଚାଳକମାନଙ୍କ ପାଇଁ ବୈଷୟିକ ଦକ୍ଷତା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ ସେମାନଙ୍କର କାର୍ଯ୍ୟ ହେଉଛି କର୍ମଚାରୀମାନଙ୍କର କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା। ପ୍ରଭାବଶାଳୀ ପର୍ଯ୍ୟବେକ୍ଷଣ ଏବଂ ତଳିଆ କର୍ମଚାରୀମାନଙ୍କ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ନିମ୍ନ ସ୍ତରର ପରିଚାଳକମାନଙ୍କର ବୈଷୟିକ ଦକ୍ଷତା ଉପରେ ନିର୍ଭର କରିଥାଏ। କୌଣସି ପର୍ଯ୍ୟବେକ୍ଷକଙ୍କର କାର୍ଯ୍ୟ ଉପରେ ସଠିକ୍ ଜ୍ଞାନ ନଥିଲେ ସେ ପ୍ରଭାବଶାଳୀ ପର୍ଯ୍ୟବେକ୍ଷଣ କରି ପାରିବେ ନାହିଁ। ସେଭଳି ପର୍ଯ୍ୟବେକ୍ଷକମାନେ ସେମାନଙ୍କର ତଳିଆ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟାଳୟରେ କେବେ ବି ସମ୍ମାନ ପାଇନଥାନ୍ତି। ଜଣେ ଯେତେବେଳେ ପରିଚାଳନାର ଉପର ସ୍ତରକୁ ଯାଇଥାଏ, ସେତେବେଳେ ଅନ୍ୟାନ୍ୟ ଦକ୍ଷତା ତୁଳନାରେ ବୈଷୟିକ ଦକ୍ଷତାର ଗୁରୁତ୍ୱ ହ୍ରାସ ପାଇଥାଏ।

## ୨.୪: ମାନବୀୟ ଦକ୍ଷତା

ମାନବୀୟ ଦକ୍ଷତା ପ୍ରାଥମିକ ଭାବେ ଜିନିଷ ଅପେକ୍ଷା ବ୍ୟକ୍ତିବିଶେଷଙ୍କୁ ବେଶି ଗୁରୁତ୍ୱ ଦେଇଥାଏ। ଯେତେବେଳେ ଜଣେ ପରିଚାଳକ କର୍ମଚାରୀମାନଙ୍କ ସହିତ ସମ୍ପର୍କ ରଖିବାରେ ଅଧିକ ପରିମାଣରେ କୁଶଳୀ ହୋଇଥାନ୍ତି, ସେ ସେମାନଙ୍କର ମନୋବୃତ୍ତି, ଚିନ୍ତାଧାରା ଏବଂ ବିଶ୍ୱାସ ସମ୍ପର୍କରେ ଓ ସେମାନଙ୍କର ସୀମା ତଥା ଉପଯୋଗିତା ସମ୍ପର୍କରେ ଅବଗତ ହୋଇଥାନ୍ତି। ନିଜଠାରୁ ଭିନ୍ନ ହୋଇଥିବା ଦୃଷ୍ଟିକୋଣ ଏବଂ ଅନୁଭବର ସ୍ଥିତିକୁ ସେ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ଗ୍ରହଣ କରିଥାନ୍ତି। ଏହିପରି ମାନବୀୟ ଦକ୍ଷତା ଏକ ଗୋଷ୍ଠୀର ସଦସ୍ୟ ଭାବେ ପରିଚାଳକଙ୍କର ପ୍ରଭାବଶାଳୀ କାର୍ଯ୍ୟ କରିବାର ଦକ୍ଷତା ଏବଂ ସେ ଯେଉଁ ଗୋଷ୍ଠୀର ନେତୃତ୍ୱ ନେଇ କାର୍ଯ୍ୟ କରୁଥାନ୍ତି, ସେହି ଗୋଷ୍ଠୀରେ ସହଯୋଗର ପ୍ରୟାସ କରିବା ଭଳି କାର୍ଯ୍ୟକୁ ବୁଝାଇ ଥାଏ। ଏହା ଲୋକମାନଙ୍କ ସହିତ କାର୍ଯ୍ୟ କରିବା ଏବଂ ଲୋକମାନଙ୍କୁ ବୁଝାଇସୁଝାଇ ଏବଂ ଉତ୍ସାହିତ କରି କାର୍ଯ୍ୟ କରିବାର ଦକ୍ଷତାକୁ ବୁଝାଏ। କର୍ମଚାରୀମାନେ ଯେଉଁପରି ବ୍ୟବହାର କରୁଛନ୍ତି, ସେମାନେ କାହିଁକି ସେପରି କରୁଛନ୍ତି, ସେ କଥାକୁ ସେ ବୁଝିଥାନ୍ତି ଏବଂ ନିଜକୁ ସେମାନଙ୍କ ପାଖରେ ଏପରି ଉପସ୍ଥାପିତ କରିଥାନ୍ତି ଯେପରି ସେମାନେ ତାଙ୍କୁ ବୁଝି ପାରିବେ। ସେ କର୍ମଚାରୀମାନଙ୍କ ପ୍ରତିକ୍ରିୟାର ପୂର୍ବାନୁମାନ କରି ଯଥାସମ୍ଭବ ତାହାର ସମାଧାନ କରିଥାନ୍ତି। ତାଙ୍କର ଅନ୍ୟମାନଙ୍କ ସହିତ କାର୍ଯ୍ୟ କରିବାର ଦକ୍ଷତା ପ୍ରାକୃତିକ ଏବଂ କ୍ରମାଗତ। ସେ ଏହାକୁ ଅବ୍ୟବସ୍ଥିତ ଭାବେ କିମ୍ବା ଅସ୍ଥିର ଭାବରେ ବ୍ୟବହାର କରିନଥାନ୍ତି। ଏହା ପ୍ରତ୍ୟେକ କ୍ରିୟାର ଏକ ପ୍ରାକୃତିକ ଉପାଦାନ। ମାନବୀୟ ଦକ୍ଷତାର ସ୍ୱଭାବ ନିଷ୍ପକ୍ଷ ହୋଇ ଲୋକମାନଙ୍କୁ ବୁଝିବା, ସେମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିବା ଏବଂ ସେମାନଙ୍କ ସହିତ କାର୍ଯ୍ୟ କରିବା ଉପରେ କେନ୍ଦ୍ରୀଭୂତ ହୋଇଥାଏ।

## ୨.୫: ଅବବୋଧଭିତ୍ତିକ ଦକ୍ଷତା

ଅବବୋଧଭିତ୍ତିକ ଦକ୍ଷତାକୁ ସଜେଇବାର ଏବଂ ସମସ୍ୟା ସମାଧାନ କରିବାର ଦକ୍ଷତା ବୋଲି କୁହାଯାଏ। ଏହି ଦକ୍ଷତା ନିମ୍ନରେ ପ୍ରଦତ୍ତ ଦକ୍ଷତା ସହିତ ଜଡ଼ିତ ରହିଥାଏ।

- ଏକ ସଙ୍ଗଠନ ଏବଂ ଏହାର ବିଭିନ୍ନ ଅଂଶକୁ ସାମଗ୍ରିକ ଭାବରେ ଏକ ବୋଲି ଦେଖିବା।
- ନେଟୱର୍କ୍ ବ୍ୟବସ୍ଥା ସହିତ ଏହାର ବିଭିନ୍ନ ଅଂଶ ଏବଂ କାର୍ଯ୍ୟ କିପରି ସମ୍ପର୍କିତ ହୋଇଥାଏ ତାହା ବୁଝିବା; ଏବଂ
- ଏସବୁ ମଧ୍ୟରୁ ଗୋଟିକରେ ପରିବର୍ତ୍ତନ ଘଟିଲେ ତାହା କିପରି ଅନ୍ୟମାନଙ୍କୁ ପ୍ରଭାବିତ କରିଥାଏ, ତା'ର ଆଗୁଆ ଅନୁମାନ କରିବା।

ଅବଧାରଣାକୃତ ଦକ୍ଷତା ସଙ୍ଗଠନର ଉଦ୍ୟୋଗ ସହିତ, ସମ୍ପ୍ରଦାୟ ସହିତ ଏବଂ ସମୁଦାୟ ଭାବରେ ଦେଶର ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ବଳ ସହିତ ଏବଂ ଏମିତିକି ଜାତୀୟ ସୀମା ବାହାରେ ଥିବା ବଳ ସହିତ ସମ୍ପର୍କକୁ କଳ୍ପନାର ସୀମା ପର୍ଯ୍ୟନ୍ତ ବୁଝାଇ ଥାଏ।

ଏହା ସଙ୍ଗଠନ ଭିତରେ ରଚନାତ୍ମକ ବଳ ହୋଇଥାଏ। ଉଚ୍ଚସ୍ତରୀୟ ଅବଧାରଣକୃତ ଦକ୍ଷତା ପରିବେଶକୁ ବିଶ୍ଳେଷଣ କରିବା ଏବଂ ସୁଯୋଗ ଏବଂ ବିପଦକୁ ଖୋଜି ବାହାର କରିବାରେ ସାହାଯ୍ୟ କରିଥାଏ। ଘରୋଇ ଉଦ୍ୟୋଗମାନଙ୍କ ମଧ୍ୟରେ ଆଇଟିସି, ଲାର୍ସେନ ଆଣ୍ଡ ଟ୍ୟୁବ୍ରୋ, ଏସିଆନ୍ ପେଣ୍ଟ୍ସ, ବଜାଜ୍ ଅଟୋ, ଭାରତୀ ଟେଲିକମ୍ ଏବଂ ରାଷ୍ଟ୍ରାୟତ୍ତଉଦ୍ୟୋଗ ମଧ୍ୟରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ, ଭାରତ ହେଭି ଇଲେକ୍ଟ୍ରିକାଲ୍ସ(ଭେଲ୍), ଏଠାରେ ଅଳ୍ପ କିଛି ଉଦ୍ୟୋଗ ବିଷୟରେ ଉଲ୍ଲେଖ କରାଯାଇଛି, ସେମାନଙ୍କ ପ୍ରତିଯୋଗୀମାନଙ୍କୁ ଅତିକ୍ରମ କରି ଆଗକୁ ବଢ଼ିବାରେ ଏହି ଦକ୍ଷତାକୁ ବହୁଳ ପରିମାଣରେ ବ୍ୟବହାର କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ଆପଣମାନେ ବୁଝି ସାରିଥିବେ ଯେ ଯେଉଁ ତିନି ପ୍ରକାରର ଦକ୍ଷତା ସମ୍ପର୍କରେ ଆଲୋଚନା କରାଗଲା, ସେଗୁଡ଼ିକ ପାରସ୍ପରିକ ଭାବେ ଅନନ୍ୟ ନୁହନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ, ପରିଚାଳନା କାର୍ଯ୍ୟ ସର୍ବଦା ସମସ୍ତ ତିନି ପ୍ରକାରର ଦକ୍ଷତା ଆବଶ୍ୟକ କରିଥାଏ । କିନ୍ତୁ ଏହାର ଅନୁପାତ ପରିଚାଳନାର ସ୍ତର ଉପରେ ନିର୍ଭର କରିଥାଏ। ପିରାମିଡ୍‌ର ନିମ୍ନରୁ ସର୍ବୋଚ୍ଚ ସ୍ତର ମଧ୍ୟରେ କ୍ରମିକ ପରିବର୍ତ୍ତନରେ ମଧ୍ୟ ଏହା ଗୁରୁତ୍ୱ ଦେଇଥାଏ। ପରିଚାଳନାର ନିମ୍ନ ସ୍ତରରେ ବୈଷୟିକ ଦକ୍ଷତା ଏବଂ ମାନବୀୟ ଦକ୍ଷତାର ବହୁତ ଚାହିଦା ରହିଥାଏ, କାରଣ ସେଇଠାରେ ହିଁ ଉତ୍ପାଦନ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ କାର୍ଯ୍ୟର ସଞ୍ଚାଳନ କାର୍ଯ୍ୟ ସମ୍ପାଦିତ ହୋଇଥାଏ।  ଏହି ସ୍ତରରେ ହିଁ ଅଧିକ ଲୋକଙ୍କୁ ଦେଖିବାକୁ ମିଳିଥାଏ। ଏହା ହେଉଛି ସେହି ସ୍ଥାନ ଯେଉଁଠାରେ ବେଶି କାର୍ଯ୍ୟ ସମ୍ପାଦିତ ହୋଇଥାଏ। ଅପରପକ୍ଷେ, ସର୍ବୋଚ୍ଚ ସ୍ତରର ପରିଚାଳନାରେ ଅବଧାରଣାକୃତ ଦକ୍ଷତାର ଆବଶ୍ୟକତା ସର୍ବାଧିକ ହୋଇଥାଏ। ସାଧାରଣତଃ ନିମ୍ନ ଶ୍ରେଣୀର ପରିଚାଳକଙ୍କ ତୁଳନାରେ ଶୀର୍ଷ ସ୍ତରର ପରିଚାଳକମାନେ ସ୍ୱତନ୍ତ୍ର ପଦ୍ଧତି, କାର୍ଯ୍ୟ ପ୍ରଣାଳୀ ଏବଂ କୌଶଳର ସିଧାସଳଖ ବ୍ୟବହାରରେ ବାରମ୍ବାର ସମ୍ପୃକ୍ତ ରୁହନ୍ତି ନାହିଁ।

ପୂର୍ବରୁ କରାଯାଇଥିବା ଆଲୋଚନାର ତଥ୍ୟ ଭିତ୍ତିରେ ପରିଚାଳନା କାର୍ଯ୍ୟର ପ୍ରବେଶ ସ୍ତରରେ ଅର୍ଥାତ୍ ନିରୀକ୍ଷଣାତ୍ମକ ସ୍ତରରେ ଜଣେ ପରିଚାଳକ ବୈଷୟିକ କୌଶଳ ସହିତ ମାନବୀୟ ଦକ୍ଷତା ଏବଂ ସମସ୍ୟା ସମାଧାନର ଦକ୍ଷତା(ଅବଧାରଣାକୃତ ଦକ୍ଷତା)ର ଆବଶ୍ୟକ କରିଥାନ୍ତି। ପରିଚାଳନାଗତ ଶିଡ଼ିରେ ଚଢ଼ିବାକୁ ହେଲେ କେବଳ ବର୍ତ୍ତମାନର କାର୍ଯ୍ୟ ପାଇଁ ଆବଶ୍ୟକ ଦକ୍ଷତାରେ ପାରଙ୍ଗମ ହେଲେ ଚଳିବ ନାହିଁ, ଏହା ସହିତ ଏହାର ପରବର୍ତ୍ତୀ ସ୍ତର ପାଇଁ ଆବଶ୍ୟକ ଦକ୍ଷତା ସମ୍ପର୍କରେ ଜ୍ଞାନ ଆହରଣ କରିବା ଏବଂ ଏହା ସହିତ ପରିଚିତ ହେବାକୁ ପଡ଼ିବ। ଏହାର ଫଳ ସ୍ୱରୂପ, ଯେତେବେଳେ ଉଚ୍ଚ ସ୍ତରକୁ ପଦୋନ୍ନତି ହୋଇଥାଏ, ପରିଚାଳକଙ୍କୁ ନିଜ ଘରେ ରହିବା ଭଳି ଅନୁଭବ ହୋଇଥାଏ ଏବଂ ସେ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରି ପାରିଥାନ୍ତି।

ବିଭିନ୍ନ ଦକ୍ଷତାର ଆବଶ୍ୟକତା ଅନୁସାରେ ସଙ୍ଗଠନଗୁଡ଼ିକ ପରିଚାଳକମାନଙ୍କର ଆବଶ୍ୟକତାକୁ ଦେଖି ତାଲିମ୍ ପ୍ରଦାନ କରି ଥାଆନ୍ତି। ସେହି ଅନୁସାରେ ଉପଯୁକ୍ତ ତାଲିମ୍, ବିକାଶର ପ୍ରଣାଳୀ ଏବଂ କାର୍ଯ୍ୟକ୍ରମ ଏହା ସମ୍ବନ୍ଧୀୟ ସ୍ତରର ଆବଶ୍ୟକୀୟ ଦକ୍ଷତା ଅନୁସାରେ ସଜ୍ଜିତ କରାଯାଇଥାଏ। ଯଦିଓ ଏହି ସମସ୍ତ ପ୍ରକାରର ଦକ୍ଷତା ପରିଚାଳନାର ପ୍ରତ୍ୟେକ ସ୍ତରରେ କେତେକାଂଶରେ ଆବଶ୍ୟକ ହୋଇଥାଏ, କିନ୍ତୁ ଅନେକ ସଫଳ ଅଧିକାରୀ ଥାଆନ୍ତି, ଯେଉଁମାନଙ୍କର ଅଧିକ ପରିମାଣରେ ବୈଷୟିକ ଦକ୍ଷତା ନଥାଏ।

କିନ୍ତୁ ସେମାନେ ଏହାକୁ ତାଙ୍କର ଉତ୍ତମ ରଚନାତ୍ମକ କ୍ଷମତା ଏବଂ ଦକ୍ଷତା ମାଧ୍ୟମରେ ପ୍ରତିଭାମାନଙ୍କୁ ଚୟନ କରି ଏହି ଅଭାବକୁ ଭରଣା କରିଥାନ୍ତି।

- ସହଯୋଗ ଏବଂ ସମନ୍ୱୟ ମାଧ୍ୟମରେ ସାଙ୍ଗଠନିକ ପ୍ରଦର୍ଶନ ଏବଂ ଉତ୍ପାଦନକୁ ବୃଦ୍ଧି କରିଥାନ୍ତି।
- ପ୍ରଭାବଶାଳୀ ମାନବ ସମ୍ବଳ ବିକାଶର ଅଭ୍ୟାସ ଏବଂ ସୁନେତୃତ୍ୱ ମାଧ୍ୟମରେ ଲୋକମାନଙ୍କୁ ସଶକ୍ତ କରି ଥାଆନ୍ତି।

## ୨.୬: ପରିଚିତି ପ୍ରଦାନ: ପରିଚାଳକ ସମୂହଙ୍କ ଭୂମିକା

ପରିଚାଳକ ସମୂହ ଯେଉଁସବୁ ଭିନ୍ନ ଭିନ୍ନ ଭୂମିକା ନିର୍ବାହ କରିଥାନ୍ତି ତାହା ଉପରେ ଜଣେ ସମସାମୟିକ ପରିଚାଳନା ଚିନ୍ତକ ବ୍ୟକ୍ତିତ୍ୱ ହେନ୍‌ରୀ ମିଞ୍ଜବର୍ଗ ଅନେକ ଗବେଷଣା କରିଥିଲେ। ତାଙ୍କ ଅନୁସାରେ, 'ଏକ ଭୂମିକା ହେଉଛି ଏକ ଚିହ୍ନଟ କରି ହେଉଥିବା କାର୍ଯ୍ୟାଳୟ ବା ପଦବୀରେ ଥିବା ଏକ ସଙ୍ଗଠିତ ବ୍ୟବହାରର ସମାହାର।' ଏକ ନାଟକରେ ଅଭିନୟ କରୁଥିବା କିଛି ଚରିତ୍ରମାନଙ୍କର ସ୍ୱତନ୍ତ୍ର ଭୂମିକା ଭଳି ପରିଚାଳକମାନେ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ତାଙ୍କ ଅଧ୍ୟୟନ ମାଧ୍ୟମରେ ମିଞ୍ଜବର୍ଗ ପରିଚାଳକମାନେ ବିଭିନ୍ନ ସ୍ତରରେ ବିଭିନ୍ନ ସମୟରେ ନିର୍ବାହ କରୁଥିବା ଭିନ୍ନ ଭିନ୍ନ ଦଶଗୋଟି ଭୂମିକା ଚିହ୍ନଟ କରିଛନ୍ତି। ସେଗୁଡ଼ିକୁ ସେ ପାରସ୍ପରିକ ଭୂମିକା, ସୂଚନାତ୍ମକ ଭୂମିକା ଏବଂ ନିର୍ଣ୍ଣୟାତ୍ମକ ଭୂମିକା ନାମକ ତିନିଗୋଟି ବ୍ୟାପକ ବର୍ଗରେ ବର୍ଗୀକରଣ କରିଛନ୍ତି।




ପାର୍ଶ୍ୱରେ ଥିବା ଟେବୁଲ ବର୍ଗ ଅନୁସାରେ ଦଶଗୋଟିଯାକ ଭୂମିକାର ସାରାଂଶକୁ ଉଦାହରଣ ସହିତ ପ୍ରଦାନ କରାଯାଇଛି।

| ଭୂମିକା | ବର୍ଣ୍ଣନା | ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ଅଧ୍ୟୟନରୁ ଚିହ୍ନିତ କାର୍ଯ୍ୟ |
|---|---|---|
| | **ପାରସ୍ପରିକ** | |
| **ପ୍ରତୀକାତ୍ମକ ମୁଖ୍ୟ** | ନାମମାତ୍ର ମୁଖ୍ୟ; ଆଇନ୍ କିମ୍ବା ସାମାଜିକ ପ୍ରକୃତିର ନିୟମିତ କାର୍ଯ୍ୟ କରିବାକୁ ବାଧ ହୋଇଥାନ୍ତି । | ନାମମାତ୍ର, ପଦର ଆବେଦନ, ସୁପାରିସ |
| **ନେତା** | ଅଧୀନସ୍ଥ କର୍ମଚାରୀଙ୍କୁ ଉତ୍ସାହିତ କରିବା ଏବଂ ସକ୍ରିୟ କରିବା ପାଇଁ ଉତ୍ତରଦାୟୀ ହୋଇଥାନ୍ତି; କର୍ମଚାରୀ ନିଯୁକ୍ତି, ତାଲିମ୍ ପ୍ରଦାନ ଏବଂ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଉତ୍ତରଦାୟୀ | ବାସ୍ତବ ରୂପରେ ଅଧୀନସ୍ଥ କର୍ମଚାରୀମାନଙ୍କୁ ନେଇ ସମସ୍ତ ପରିଚାଳନା କାର୍ଯ୍ୟ ସମ୍ପାଦନ କରିବା |
| **ମଧ୍ୟସ୍ଥତା** | ବାହ୍ୟ ଯୋଗାଯୋଗ ସହିତ ସଂଯୋଜିତ ପରିଚାଳନା ବ୍ୟବସ୍ଥାକୁ ଯତ୍ନର ସହିତ ସମ୍ଭାଳିବା ଏବଂ ବଜାୟ ରଖିବା । ମଧ୍ୟସ୍ଥତାର ଭୂମିକା ପାରିବେଶିକ କାର୍ଯ୍ୟକଳାପ ସହିତ ସାମ୍ନାସାମ୍ନି ହେବା ସହିତ ସମ୍ପୃକ୍ତ | ଇଲେକ୍ଟ୍ରୋନିକ୍ ମେଲ୍‌କୁ ସ୍ୱୀକାର କରିବା, ବାହ୍ୟ ଜଗତ ସହିତ ଅଧିକାରୀଙ୍କ ଯୋଗାଯୋଗ |
| | **ସୂଚନାତ୍ମକ** | |
| **ମନିଟର (ନିୟନ୍ତ୍ରକ)** | ବିଭିନ୍ନ ଉତ୍ସରୁ ଅନେକ ପ୍ରକାରର ସ୍ୱତନ୍ତ୍ର ସୂଚନା ପାଇବା ନିମନ୍ତେ ଅନ୍ୱେଷଣ କରିବା ଏବଂ ସୂଚନା ଗ୍ରହଣ କରିବା; ସଙ୍ଗଠନ ଏବଂ ଏହାର ପରିବେଶ ସମ୍ପର୍କରେ ସମ୍ପୂର୍ଣ୍ଣ ରୂପେ ଜାଣିବା, ବୁଝିବା । ସଙ୍ଗଠନର ବାହ୍ୟ ଏବଂ ଅନ୍ତଃ ସୂଚନାକୁ ନିର୍ଦ୍ଦେଶ କେନ୍ଦ୍ର ଭାବେ ପରିଦୃଶ୍ୟ କରାଇବା | ପ୍ରାଥମିକ ଭାବେ ପ୍ରତ୍ୟେକ କାର୍ଯ୍ୟ ସୂଚନା ଗ୍ରହଣ ଏବଂ ପ୍ରକ୍ରିୟାକୁ ଚାଲୁ ରଖିବା ଉପରେ ଗୁରୁତ୍ୱାରୋପ କରିବା |
| **ସୂଚନା ପ୍ରସାରକ** | ଉଭୟ ସଙ୍ଗଠନ ଭିତରୁ ଏବଂ ବାହାରୁ ପାଇଥିବା ସୂଚନାକୁ ସଙ୍ଗଠନର ସଦସ୍ୟମାନଙ୍କ ଭିତରେ ପ୍ରସାରିତ କରିବା: କିଛି ସୂଚନା ତଥ୍ୟଭିତ୍ତିକ, କିଛି ମନର ଭାବନା ଏବଂ ସାଙ୍ଗଠନିକ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ଭିନ୍ନ ଅବସ୍ଥାର ମିଶ୍ରଣକୁ ନେଇ ସୃଷ୍ଟି ହୋଇଥିବା ସୂଚନା | ସୂଚନା ଦେବା ଉଦ୍ଦେଶ୍ୟରେ ମେଲ୍ କରିବା, ଅଧସ୍ତନ କର୍ମଚାରୀମାନଙ୍କ ସହିତ କଥାବାର୍ତ୍ତା, ଯୋଗାଯୋଗରେ ଆସି ସୂଚନାର ପ୍ରବାହରେ ସାମିଲ୍ ରହିବା । (ଉଦାହରଣ ସ୍ୱରୂପ : ସମୀକ୍ଷା ଅଧିବେଶନ, ତତ୍କାଳ ଯୋଗାଯୋଗର ପ୍ରବାହ |

ମିଞ୍ଜବର୍ଗଙ୍କ କହିବା ଅନୁସାରେ ଏହି ଭୂମିକାଗୁଡ଼ିକ ପରସ୍ପରଠାରୁ ସ୍ୱାଧୀନ ନୁହନ୍ତି । ତା' ପରିବର୍ତ୍ତେ ଏହା ପରସ୍ପର ଉପରେ ନିର୍ଭରଶୀଳ । ପରିଚାଳକଙ୍କ ପଦବୀ ଏବଂ ପାହ୍ୟା ଅନୁସାରେ ଏବଂ ଲୋକମାନଙ୍କ ସହିତ ବାର୍ତ୍ତାଳାପ ଅନୁସାରେ ତାଙ୍କର ପାରସ୍ପରିକ ଭୂମିକା ବୃଦ୍ଧି ପାଇଥାଏ । ଏହିସବୁ ପାରସ୍ପରିକ ଭୂମିକା ପରିଚାଳକଙ୍କୁ ସୂଚନା ପ୍ରଦାନ କରିବା କ୍ଷେତ୍ରରେ ମୁଖ୍ୟାଧାର କରି ଗଢ଼ିଥାଏ । ଏହା ଜଣେ ପରିଚାଳକଙ୍କୁ ସୂଚନା ପ୍ରଦାନ କରିବାର ଭୂମିକା ନିର୍ବାହ କରିବାରେ ସକ୍ରିୟ ଏବଂ ବିବଶ କରିଥାଏ ଏବଂ ପରିଚାଳକଙ୍କୁ ଏକ ସୂଚନା ପ୍ରକ୍ରିୟାକରଣ କେନ୍ଦ୍ର ଭାବରେ ବିଚାର କରାଯାଏ ।

ପାରସ୍ପରିକ ଏବଂ ସୂଚନାତ୍ମକ ଭୂମିକା ନିର୍ବାହ କରିବା ସହିତ ଜଣେ ପରିଚାଳକ ନିର୍ଣ୍ଣୟାତ୍ମକ ଭୂମିକା ନିର୍ବାହ କରିବାକୁ ମଧ୍ୟ ସକ୍ଷମ ହୋଇଥାନ୍ତି। ଅର୍ଥାତ୍ ସଙ୍ଗଠନରେ ସେ ସମ୍ବଳ ଆବଣ୍ଟନ, ସମସ୍ୟାର ସମାଧାନ, ସୁଯୋଗ ଖୋଜିବା କାର୍ଯ୍ୟ କରିବା ସହିତ ସଙ୍ଗଠନ ପାଇଁ ମଧ୍ୟସ୍ଥତା କାର୍ଯ୍ୟ ମଧ୍ୟ କରିଥାନ୍ତି। ସଙ୍ଗଠନର ଆକାର ଯାହା ବି ହେଉ ଏବଂ ବ୍ୟବସାୟର ପ୍ରକୃତି ଯାହା ହୋଇଥାଉ ନା କାହିଁକି, ଏହା ହେଉଛି ସେହି ସମସ୍ତ ଦଶଟି ଭୂମିକା ଯାହାକୁ ପରିଚାଳକ ସମୂହଙ୍କର କାର୍ଯ୍ୟରେ ସାମିଲ୍ କରାଯାଇଛି ଏବଂ ତାଙ୍କର କାର୍ଯ୍ୟ ବୋଲି ସଂଜ୍ଞା ନିରୂପିତ କରାଯାଇଛି।

| | | |
|---|---|---|
| **ପ୍ରବକ୍ତା** | ବାହ୍ୟ ବାତାବରଣ ଏବଂ ସଙ୍ଗଠନର ଯୋଜନା, ନିୟମ, କାର୍ଯ୍ୟ, ଫଳାଫଳ ଇତ୍ୟାଦି ସମ୍ପର୍କରେ ଅଂଶ ଧାରକମାନଙ୍କୁ ସୂଚନା ଦେଇଥାନ୍ତି। | ବୋର୍ଡ ବୈଠକ, ଯୋଗାଯୋଗର କାର୍ଯ୍ୟକୁ ସୂଚାରୁ ରୂପେ ନିର୍ବାହ କରିବା ସହିତ ବାହାର ଲୋକଙ୍କୁ ସୂଚନା ପ୍ରଦାନ କରିଥାନ୍ତି। |
| | **ନିର୍ଣ୍ଣୟାତ୍ମକ** | |
| **ଉଦ୍ୟୋଗୀ** | ସୁଯୋଗର ବାତାବରଣ ଖୋଜି ବୁଲିଥାନ୍ତି ଏବଂ ପରିବର୍ତ୍ତନ ଆଣିବା ପାଇଁ କାମ ଆରମ୍ଭ କରନ୍ତି, ରଣନୀତିର ସାଜସଜ୍ଜା ଏବଂ ସମୀକ୍ଷା ଅଧିବେଶନକୁ ନିରୀକ୍ଷଣ କରିଥାନ୍ତି। ପ୍ରକଳ୍ପର ଉନ୍ନତି ତଥା ପ୍ରାରମ୍ଭିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି। | ନୂତନ ଉତ୍ପାଦ/ସେବା ପ୍ରଦାନ କରିବା କ୍ଷେତ୍ରରେ ସଙ୍କଟ ଏବଂ ଆହ୍ୱାନକୁ ଗ୍ରହଣ କରିଥାନ୍ତି। |
| **ସମସ୍ୟା ସମ୍ଭାଳିବା ବ୍ୟକ୍ତି** | ସଙ୍ଗଠନ ଯେତେବେଳେ ଅପ୍ରତ୍ୟାଶିତ ଅଶାନ୍ତି, ବାଧାବିଘ୍ନକୁ ସାମ୍ନା କରିଥାଏ ସେତେବେଳେ ଏହାର ସମାଧାନ କାର୍ଯ୍ୟ ପାଇଁ ଉତ୍ତରଦାୟୀ ରହିଥାନ୍ତି। | ରଣନୀତି ଏବଂ ସମୀକ୍ଷା ଅଧିବେଶନରେ ଅଶାନ୍ତ ପରିବେଶ ଏବଂ ସଙ୍କଟମୟ ସ୍ଥିତି |
| **ସମ୍ବଳ ଆବଣ୍ଟନକାରୀ** | ସମସ୍ତ ପ୍ରକାର ସାଙ୍ଗଠନିକ ସମ୍ବଳ ଆବଣ୍ଟନ ପାଇଁ ଏବଂ ସଙ୍ଗଠନର ଉଲ୍ଲେଖନୀୟ ନିଷ୍ପତ୍ତିକୁ ଅନୁମୋଦନ ଦେବା ପାଇଁ ଉତ୍ତରଦାୟୀ ରହିଥାନ୍ତି। | ସ୍ୱୀକୃତିପ୍ରାପ୍ତ ହେବା ପାଇଁ ଅନୁରୋଧର ଖସଡ଼ା ପ୍ରସ୍ତୁତ କରିବା ଏବଂ ଅଧସ୍ତନମାନଙ୍କ କାର୍ଯ୍ୟ ଆବଶ୍ୟକତା କରୁଥିବା କାର୍ଯ୍ୟକଳାପର ବଜେଟ୍ ପ୍ରସ୍ତୁତ କରିବା ଏବଂ ଯୋଜନା ପ୍ରସ୍ତୁତ କରିବା। |
| **ମଧ୍ୟସ୍ଥତା** | ପ୍ରମୁଖ ବୁଝାମଣାରେ ସଙ୍ଗଠନକୁ ପ୍ରତିନିଧିତ୍ୱ କରିବା ପାଇଁ ଉତ୍ତରଦାୟୀ ରହିବା | ବୁଝାମଣା। |

## ୨.୭: ପାରସ୍ପରିକ ଭୂମିକା

ତିନି ପ୍ରକାରର ପାରସ୍ପରିକ ଭୂମିକା ପରିଚାଳକମାନଙ୍କୁ ସଙ୍ଗଠନର ସୂଚାରୁ ରୂପେ ପରିଚାଳନା ପାଇଁ ସାହାଯ୍ୟ କରିଥାଏ। ଯେତେବେଳେ ପରିଚାଳକମାନେ ତାଙ୍କର କାର୍ଯ୍ୟ ନିର୍ବାହ କରିଥାନ୍ତି, ଯାହା ପ୍ରକୃତିଗତ ଭାବେ ଆଳଙ୍କାରିକ ଏବଂ ପ୍ରତୀକାତ୍ମକ, ସେତେବେଳେ ସେମାନେ ନାମମାତ୍ର ଭୂମିକା ନିର୍ବାହ କରିଥାନ୍ତି। ସେଗୁଡ଼ିକ ହେଉଛି ପରିଦର୍ଶକମାନଙ୍କୁ ଅଭିବାଦନ କରିବା, ସହକର୍ମୀମାନଙ୍କର ବିବାହ, ମୃତାହ କାର୍ଯ୍ୟ ଭଳି ସାମାଜିକ ସମାରୋହରେ ସାମିଲ ହେବା, କର୍ମଚାରୀମାନଙ୍କୁ ସେମାନଙ୍କର କୃତିତ୍ୱ ଓ ପ୍ରମାଣପତ୍ର ପ୍ରଦାନ କରିବା ଇତ୍ୟାଦି। ନେତୃତ୍ୱ ନେବାର ଭୂମିକା ଭିତରେ କର୍ମଚାରୀଙ୍କୁ ନିଯୁକ୍ତି ଦେବା, ତାଲିମ୍ ଦେବା,

ଉତ୍ସାହିତ କରିବା ଏବଂ ଅନୁଶାସନ ଭିତରେ ରଖିବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ। ପରିଚାଳକମାନେ ସେମାନଙ୍କ ସଙ୍ଗଠନ ଏବଂ ଅନ୍ୟାନ୍ୟ ସାଙ୍ଗଠନିକ ଏକକ ମଧ୍ୟରେ ଯୋଗାଯୋଗର ମଧ୍ୟସ୍ଥି ଭୂମିକା ନିର୍ବାହ କରିଥାନ୍ତି। ମିଞ୍ଜବର୍ଗ ଏହି କାର୍ଯ୍ୟକୁ ପରିଚାଳକମାନେ ବାହ୍ୟ ଲୋକମାନଙ୍କ ସହିତ ଯୋଗାଯୋଗ କରି ସୂଚନା ଆଣିବା ବୋଲି ବର୍ଣ୍ଣନା କରିଛନ୍ତି। ଏହି ବର୍ଗରେ ବିଭିନ୍ନ କାର୍ଯ୍ୟ ଯଥା – ମେଲ୍‌କୁ ସ୍ୱୀକୃତି ପ୍ରଦାନ ଏବଂ ବର୍ହି ବିଭାଗୀୟ ବୋର୍ଡ ଇତ୍ୟାଦି ଅନ୍ତର୍ଭୁକ୍ତ।

## ୨:୮: ସୂଚନାତ୍ମକ ଭୂମିକା

ମିଞ୍ଜ୍‌ବର୍ଗ କହିଛନ୍ତି ଯେ, ସୂଚନାକୁ ଗ୍ରହଣ କରିବା ଏବଂ ଅନ୍ୟକୁ ଯୋଗାଯୋଗ କରି ସୂଚନା ଦେବା ବୋଧହୁଏ ପରିଚାଳକଙ୍କ କାର୍ଯ୍ୟର ମୁଖ୍ୟ ଦିଗ। ସଠିକ୍ ନିଷ୍ପତ୍ତି ନେବା ପାଇଁ ପରିଚାଳକମାନେ ବିଭିନ୍ନ ଉତ୍ସରୁ ସୂଚନା ଆବଶ୍ୟକ କରିଥାନ୍ତି। ସାଧାରଣତଃ ଏହି କାର୍ଯ୍ୟ ପତ୍ରିକା ପଠନ ଏବଂ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରି ଉପଭୋକ୍ତାମାନଙ୍କର ପସନ୍ଦ, ପ୍ରତିଦ୍ୱନ୍ଦ୍ୱୀମାନଙ୍କର ଚାଲ୍ ଏବଂ ଏହିଭଳି କିଛି ମାଧ୍ୟମରେ ସମ୍ପାଦନ କରାଯାଇଥାଏ। ମିଞ୍ଜବର୍ଗ ଏହାକୁ ମନିଟର ବା ନିୟନ୍ତ୍ରକର ଭୂମିକା ବୋଲି କହିଛନ୍ତି। ପ୍ରସାରକର ଭୂମିକାରେ ପରିଚାଳକ ଅଧସ୍ତନ କର୍ମଚାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥାନ୍ତି, ନଚେତ୍ ଏହା ସେମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଯିବ। ପରିଚାଳକମାନେ ମଧ୍ୟ ବାହାର ଲୋକମାନଙ୍କ ନିକଟରେ ସଙ୍ଗଠନର ପ୍ରତିନିଧିତ୍ୱ କରିବା ସମୟରେ ପ୍ରବକ୍ତାର ଭୂମିକା ନିର୍ବାହ କରିଥାନ୍ତି।

## ୨:୯: ନିର୍ଣ୍ଣାୟକ ଭୂମିକା

ପରିଚାଳକ ଚାରି ପ୍ରକାରର ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥାନ୍ତି। ଉଦ୍ୟୋଗୀ ଭୂମିକାରେ ପରିଚାଳକ ସଂଗଠନର ଉନ୍ନତି କରିବାକୁ ଚେଷ୍ଟା କରିଥାନ୍ତି। ପରିବେଶର ଆହ୍ୱାନକୁ ଗ୍ରହଣ କରିବା ପାଇଁ ସେ ଯୋଜନା ପରିବର୍ତ୍ତନ କରିବା ଆରମ୍ଭ କରିଥାନ୍ତି। ଜଣେ ବାଧାବିଘ୍ନ ତଥା ସମସ୍ୟାକୁ ସାମ୍ନା କରୁଥିବା ବ୍ୟକ୍ତି ଭାବରେ ପରିଚାଳକ ତାଙ୍କର ନିୟନ୍ତ୍ରଣ ବାହାରେ ଥିବା ପରିସ୍ଥିତି, ଯଥା - ଆନ୍ଦୋଳନ, ମାଲ୍‌ର ଅଭାବ, ଅଭିଯୋଗ ଇତ୍ୟାଦିକୁ ସମାଧାନ କରିବାକୁ ଚେଷ୍ଟା କରିଥାନ୍ତି। ଜଣେ ସମ୍ବଳ ଆବଣ୍ଟନକାରୀ ଭୂମିକାରେ ସେ ମାନବ, ଭୌତିକ ଏବଂ ଆର୍ଥିକ ସମ୍ବଳ ଆବଣ୍ଟନ ପାଇଁ ଉତ୍ତରଦାୟୀ ହୋଇଥାନ୍ତି। ଜଣେ ମଧ୍ୟସ୍ଥ ଭାବରେ ପରିଚାଳକ କେବଳ ଆନ୍ତଃ ସମସ୍ୟାରେ ମଧ୍ୟସ୍ଥତା କରିନଥାନ୍ତି, ନିଜ ସଙ୍ଗଠନର ଲାଭ ପାଇଁ ଅନ୍ୟ ସଙ୍ଗଠନ ସହିତ ବୁଝାମଣା/ ରାଜିନାମା କରିଥାନ୍ତି।

## ୨.୧୦: ୟୁନିଟ୍ ସାରାଂଶ

ଏହା ଧରି ନିଆଯାଇପାରେ ଯେ, ପରିଚାଳକ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଅନ୍ୟ ବ୍ୟକ୍ତିମାନଙ୍କୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି ଏବଂ ଏହିଭଳି ପ୍ରୟାସ ମାଧ୍ୟମରେ ଉଦ୍ଦେଶ୍ୟ ସାଧନ ପାଇଁ ଦାୟିତ୍ୱ ନେଇଥାନ୍ତି। ସଫଳ ପରିଚାଳନା ତିନିଗୋଟି ବିକାଶଶୀଳ ଦକ୍ଷତା, ଯଥା – ବୈଷୟିକ, ମାନବୀୟ ଏବଂ

ଅବଧାରଣା ଉପରେ ନିର୍ଭର କରିଥାଏ। ଏହି ତିନିଗୋଟି ଦକ୍ଷତା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପରିଚାଳନା ସ୍ତରୀୟ ଦାୟିତ୍ୱବୋଧତା ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ। ବୈଷୟିକ ଦକ୍ଷତାର ତାତ୍ପର୍ଯ୍ୟ ହେଉଛି ଏକ ସ୍ୱତନ୍ତ୍ର ପ୍ରକାରର କାର୍ଯ୍ୟକୁ ବୁଝିବା ଏବଂ ସେଥିରେ ପାରଦର୍ଶିତା ଲାଭ କରିବା, ବିଶେଷ ରୂପରେ କୌଣସି ପଦ୍ଧତି, ପ୍ରକ୍ରିୟା ଏବଂ କୌଶଳ: ଏହା ମଧ୍ୟ ସେହି ବିଶେଷ କାର୍ଯ୍ୟ ଉପରେ ସ୍ୱତନ୍ତ୍ର ଜ୍ଞାନ, ବିଶ୍ଳେଷଣାତ୍ମକ ସାମର୍ଥ୍ୟ ରଖିଥାଏ ଏବଂ ସେହି ସ୍ୱତନ୍ତ୍ର କ୍ଷେତ୍ରରେ ଯନ୍ତ୍ରପାତି ଏବଂ କୌଶଳର ବ୍ୟବହାର ସୁବିଧା ସମ୍ପର୍କରେ ଜାଣିଥାଏ। ମାନବୀୟ ଦକ୍ଷତା ସାଧାରଣତଃ ଦୁଇ ଭାଗରେ ବିଭକ୍ତ ହୋଇଥାଏ

(କ) ପରିଚାଳନାର ନିଜ ସଙ୍ଗଠନ ଭିତରେ ନେତୃତ୍ୱ ନେବାର ସାମର୍ଥ୍ୟ

(ଖ) ଆନ୍ତଃଗୋଷ୍ଠୀ ସମ୍ପର୍କିତ ଦକ୍ଷତା

ଅନୁଭବ ଦର୍ଶାଇଛି ଯେ, ଏସବୁ ମଧ୍ୟରୁ ଗୋଟିଏରେ ଉଲ୍ଲେଖନୀୟ ସାମର୍ଥ୍ୟ ପ୍ରାୟତଃ ଅନ୍ୟସବୁ ପ୍ରଦର୍ଶନଗୁଡ଼ିକ କ୍ଷେତ୍ରରେ ସାଧାରଣ ସାମର୍ଥ୍ୟ ସହିତ ପ୍ରାୟ ସଂଶ୍ଳିଷ୍ଟ ହୋଇଥାଏ। ନିମ୍ନ ଏବଂ ମଧ୍ୟମ ଧରଣର ପରିଚାଳନାଗତ ଭୂମିକାରେ ଅନ୍ତର୍ଗୋଷ୍ଠୀ ଦକ୍ଷତା ଅତ୍ୟାବଶ୍ୟକ ହୋଇଥାଏ ଏବଂ ଆନ୍ତଃଗୋଷ୍ଠୀ ଦକ୍ଷତା ପରିବର୍ତ୍ତୀ ଉଚ୍ଚ ସ୍ତରର ପରିଚାଳନାରେ କ୍ରମବର୍ଦ୍ଧନଶୀଳ ଭାବରେ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

ଅବଧାରଣାକୃତ ଦକ୍ଷତା ଗୋଟିଏ ସଂସ୍ଥାକୁ ଏକୀକୃତ ଭାବେ ଦେଖିବାର ସାମର୍ଥ୍ୟ ସହିତ ସମ୍ପୃକ୍ତ ଥାଏ। ଏକ ସଙ୍ଗଠନର ବିଭିନ୍ନ କାର୍ଯ୍ୟ ଗୋଟିଏ ଅନ୍ୟଟି ଉପରେ କିପରି ନିର୍ଭର କରିଥାଏ ତାହା ଚିହ୍ନଟ କରିବା ଏବଂ ଗୋଟିଏ ଭାଗରେ ପରିବର୍ତ୍ତନ କିପରି ଅନ୍ୟ ଭାଗକୁ ପ୍ରଭାବିତ କରିଥାଏ ଏବଂ ଏହା ଦେଶ ଭିତରେ ଏକକ ବ୍ୟବସାୟ ଉଦ୍ୟୋଗ, ସମ୍ପ୍ରଦାୟ, ରାଜନୀତି, ସମାଜ ଏବଂ ଅର୍ଥନୈତିକ ବଳ ସହିତ ସମ୍ପର୍କକୁ ଦେଖିବା ସହ ଜଡ଼ିତ ରହିଥାଏ।

କାର୍ଯ୍ୟକୁ ପ୍ରଦର୍ଶନ କରିବା ସମୟରେ ପରିଚାଳକମାନେ ବିଭିନ୍ନ ଆବଶ୍ୟକତାକୁ ସାମ୍ନା କରିବା କାରଣରୁ ସେମାନଙ୍କୁ ବିଭିନ୍ନ ଭୂମିକା ନିର୍ବାହ କରିବାକୁ ପଡ଼ିଥାଏ। ଭୂମିକା ହେଉଛି ବ୍ୟବହାରର ଏକ ବ୍ୟବସ୍ଥିତ ସମାହାର। ସମସ୍ତ ପରିଚାଳକ ସେମାନଙ୍କ କାର୍ଯ୍ୟ ଭିତରେ ଦଶଟି ଭୂମିକା ନିର୍ବାହ କରିଥାନ୍ତି। ସେହି ଦଶଟି ଭୂମିକାକୁ ତିନୋଟି ବର୍ଗରେ ବିଭକ୍ତ କରାଯାଇଛି, ଯଥା - ପାରସ୍ପରିକ, ସୂଚନାତ୍ମକ ଏବଂ ନିର୍ଣ୍ଣୟାତ୍ମକ। ସୂଚନାତ୍ମକ କାର୍ଯ୍ୟ ସମସ୍ତ ପରିଚାଳନାଗତ କାର୍ଯ୍ୟକୁ ଏକତ୍ର ସଂଯୋଗ କରିଥାଏ। ପାରସ୍ପରିକ ଭୂମିକା ସୂଚନା ପ୍ରଦାନ କରିବାକୁ ନିଶ୍ଚିତ କରିଥାଏ। ନିର୍ଣ୍ଣାୟକ ଭୂମିକା ସୂଚନାକୁ ସଠିକ୍ ଭାବେ ବ୍ୟବହାର କରିବାରେ ସାହାଯ୍ୟ କରେ। ପରିଚାଳନାଗତ ଭୂମିକା ପ୍ରଦର୍ଶନ ଏବଂ ଏହି ଭୂମିକାଗୁଡ଼ିକର ଆବଶ୍ୟକତା ଭିନ୍ନ ଭିନ୍ନ ସ୍ତର ଅନୁସାରେ ପରିଚାଳକଙ୍କ ଦ୍ୱାରା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଭାବେ ସମ୍ପାଦିତ ହୋଇଥାଏ। ଏହି ଦଶଟି ଭୂମିକାକୁ ଭିନ୍ନ ଭିନ୍ନ ଭାବେ ବର୍ଣ୍ଣନା କରାଯାଇଛି, କିନ୍ତୁ ଏସବୁ ଏକୀକୃତ ହୋଇଥାଏ।

## ୨:୧୧: ମୁଖ୍ୟ ଶବ୍ଦାବଳୀ

- **ଦକ୍ଷତା** – ଏକ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଚାର ବିମର୍ଶ, ବ୍ୟବସ୍ଥିତ ଏବଂ ନିରନ୍ତର ପ୍ରୟାସ ମାଧ୍ୟମରେ ସାମର୍ଥ୍ୟ ଏବଂ କ୍ଷମତାକୁ ପ୍ରାପ୍ତ କରିବା।
- **ବୈଷୟିକ ଦକ୍ଷତା** – ଏକ ସ୍ୱତନ୍ତ୍ର କାର୍ଯ୍ୟକୁ ସମ୍ଭାଳିବା ପାଇଁ ସ୍ୱତନ୍ତ୍ର ଜ୍ଞାନ ଏବଂ କୁଶଳତାକୁ ଏହା ବୁଝାଏ।
- **ମାନବୀୟ ଦକ୍ଷତା** – ଏହା ପାରସ୍ପରିକ ସହଭାଗିତା ଏବଂ ସଂଘର୍ଷପୂର୍ଣ୍ଣ ସ୍ଥିତିର ସମାଧାନ କରିବାର ସାମର୍ଥ୍ୟ ଅଟେ।
- **ଅବଧାରଣାକୃତ ଦକ୍ଷତା** – ଏହା ହେଉଛି ସେହି ସାମର୍ଥ୍ୟ ଯାହା ସଙ୍ଗଠନକୁ ଏକ ବୋଲି ଚିନ୍ତା କରି ବ୍ୟବସାୟର ବିଭିନ୍ନ କାର୍ଯ୍ୟର ମଧ୍ୟରେ ପ୍ରଭାବଶାଳୀ ଭାବେ ଏବଂ ଦକ୍ଷତାର ସହିତ ଆନ୍ତଃ – ସମ୍ପର୍କ ସ୍ଥାପନ କରାଇଥାଏ।
- **ପ୍ରତୀକାତ୍ମକ ମୁଖ୍ୟ** – ଏହା ସଙ୍ଗଠନର ପ୍ରତୀକ ଏବଂ ପଦ ଧାରଣ କରୁଥିବା ପରିଚାଳନାଗତ ପଦବୀକୁ ବୁଝାଇଥାଏ।
- **ନେତା** – ଏହି ଭୂମିକା ଜଣେ ପରିଚାଳକଙ୍କୁ ଗୋଷ୍ଠୀର କାର୍ଯ୍ୟକୁ ପୂରା କରିବା/ସାଙ୍ଗଠନିକ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା କ୍ଷେତ୍ରରେ ଅନ୍ୟମାନଙ୍କ ବ୍ୟବହାରକୁ ପ୍ରଭାବିତ କରିବାକୁ ସକ୍ଷମ କରିଥାଏ।
- **ମଧ୍ୟସ୍ଥି** – ଏହା ସଙ୍ଗଠନର ଉଭୟ ବାହାରେ ଏବଂ ଭିତରେ ଥିବା ବ୍ୟକ୍ତିବିଶେଷ ଏବଂ ସହକର୍ମୀ, ସାଙ୍ଗସାଥୀଙ୍କ ସହିତ ପାରସ୍ପରିକ ଆଲୋଚନାକୁ ବୁଝାଏ।
- **ମନିଟର (ନିୟନ୍ତ୍ରକ)** - ପୂର୍ବ ନିର୍ଦ୍ଧାରିତ ସ୍ତର ଅନୁସାରେ ଇପ୍ସିତ କାର୍ଯ୍ୟକୁ ପୂରଣ କରିବା ପାଇଁ କରାଯାଇଥିବା ପ୍ରଦର୍ଶନକୁ ପରୀକ୍ଷାନିରୀକ୍ଷା କରିବା ପାଇଁ ପରିଚାଳକ ସୂଚନା ଗ୍ରହଣ ଏବଂ ସଂଗ୍ରହ କରିଥାଏ।
- **ପ୍ରସାରକ** - ପରିଚାଳକ ସଙ୍ଗଠନ ଭିତରେ ସଙ୍ଗଠିତ ସଦସ୍ୟମାନଙ୍କୁ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥାନ୍ତି।
- **ପ୍ରବକ୍ତା** - ପରିଚାଳକ କମ୍ପାନୀର ଦୂରଦର୍ଶିତା, ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ସୂଚନାକୁ ପରିବେଷ୍ଟନୀର ବାହ୍ୟ ଅଂଶଧାରକମାନଙ୍କ ନିକଟକୁ ପ୍ରସାରିତ କରିଥାନ୍ତି।
- **ଉଦ୍ୟୋଗୀ** - ପରିଚାଳକ ଜଣେ ଉଦ୍ୟୋଗୀଙ୍କ ଭଳି ପରିବର୍ତ୍ତନକୁ ଆରମ୍ଭ କରିଥାନ୍ତି ଏବଂ ସମସ୍ତ ବ୍ୟବସାୟିକ କାର୍ଯ୍ୟକୁ ଏକତ୍ରିତ କରି ସର୍ବଦା ପରିବର୍ତ୍ତିତ ବାତାବରଣ ଅନୁସାରେ ନିଷ୍ପତ୍ତି ନେଇଥାନ୍ତି।
- **ସମସ୍ୟା ସମ୍ଭାଳିବା ବ୍ୟକ୍ତି** - ପରିଚାଳକ ସଙ୍ଗଠନ ସାମ୍ନା କରୁଥିବା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ଏବଂ ଏହି ଜଟିଳ ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରିଥାନ୍ତି।

- **ସମ୍ବଳ ଆବଣ୍ଟନକାରୀ** – ପରିଚାଳକ ସୀମିତ ଉପଲବ୍ଧ ସମ୍ବଳ ଏବଂ ଏହାର ସର୍ବୋତ୍ତମ ବ୍ୟବହାର ପାଇଁ ନ୍ୟାୟସଙ୍ଗତ ନିଷ୍ପତ୍ତି ଗ୍ରହଣ କରିଥାନ୍ତି।
- **ମଧ୍ୟସ୍ଥି** – ପରିଚାଳକ ସଙ୍ଗଠନ ଭିତରେ ତଥା ବାହାରର ଏଜେନ୍ସିଗୁଡ଼ିକ ସହିତ ଜଣେ ମଧ୍ୟସ୍ଥ ଭାବେ ବୁଝାମଣା/ରାଜିନାମା କରିଥାନ୍ତି।

## ୨.୧୨: ଆସ ପ୍ରଗତି ମାପିବା

୧) ପରିଚାଳନାର ବିଭିନ୍ନ ସ୍ତରରେ କେଉଁ ପ୍ରକାରର ଦକ୍ଷତା ଆବଶ୍ୟକ ହୋଇଥାଏ? କାହିଁକି ମାନବୀୟ ଦକ୍ଷତା ପରିଚାଳନାର ବିଭିନ୍ନ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ପରୀକ୍ଷା କର?

---------------------------------------------------------------------------

---------------------------------------------------------------------------

--------------------------

୨) ପରିଚାଳନାଗତ ଦକ୍ଷତାର ଆଧାରକୁ କିଏ ଆରମ୍ଭ କରିଥିଲେ? ତୁମେ କ'ଣ ଏଥିରେ ଏକମତ ଯେ ଏକ ସଙ୍ଗଠନର ଉଚ୍ଚସ୍ତରୀୟ ପରିଚାଳନା ପାଇଁ ବହୁ ପରିମାଣରେ ଦକ୍ଷତାର ଆବଶ୍ୟକତା ରହିଛି?

---------------------------------------------------------------------------

---------------------------------------------------------------------------

--------------------------

୩) ତୁମେ ଅନୁଭବ କର କି ସଙ୍ଗଠନର ସମସ୍ତ ପରିଚାଳକ ଉପରବର୍ଣ୍ଣିତ ଭୂମିକାକୁ ସମାନ ଭାବେ ସମ୍ପାଦନା କରନ୍ତି ? ଉଦାହରଣ ସହିତ କାରଣ ଦର୍ଶାଅ।

---------------------------------------------------------------------------

---------------------------------------------------------------------------

--------------------------

୪) ପରିଚାଳକମାନେ ସମ୍ବଳ ଆବଣ୍ଟନକାରୀ ଭୂମିକା କାହିଁକି ନିର୍ବାହ କରିବା ଆବଶ୍ୟକ, ବର୍ଣ୍ଣନା କର। କୌଣସି ସଙ୍ଗଠନରେ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ କାହିଁକି ବିଚାର କରିବ?

---------------------------------------------------------------------------

---------------------------------------------------------------------------

--------------------------

## ୨.୧୩: ଅଧିକ ଜାଣିବା ପାଇଁ

୧. କାର୍ଟ ଆର୍., ସ୍କିଲ୍ସ ଅଫ୍ ଆନ୍ ଇଫେକ୍ଟିଭ୍ ଆଡମିନିଷ୍ଟ୍ରେଟର, ହାର୍ଭାର୍ଡ ବିଜିନେସ୍ ରିଭ୍ୟୁ

୨. ମିଞ୍ଜବର୍ଗ ଏଚ୍, ଦି ନେଚର ଅଫ୍ ମ୍ୟାନେଜରିଆଲ୍ ଓ୍ୱାର୍କ

୩. ମ୍ୟାକଗ୍ରଥ୍, ଇ. ଏଚ୍, ଏସ୍. ଜେ, ବେସିକ୍ ମ୍ୟାନେଜମେଣ୍ଟ ସ୍କିଲ୍ସ ଫର ଅଲ୍

## ୨.୧୪: ଆଦର୍ଶ ପ୍ରଶ୍ନାବଳୀ

୧) ଆଧୁନିକ ସଙ୍ଗଠନରେ ପରିଚାଳକ ଆବଶ୍ୟକ କରୁଥିବା ବିଭିନ୍ନ ଦକ୍ଷତାକୁ ପରୀକ୍ଷା କର।

୨) ବ୍ୟବସାୟିକ ସଙ୍ଗଠନରେ ପରିଚାଳକମାନଙ୍କର କାର୍ଯ୍ୟର ପ୍ରଦର୍ଶନ ଭୂମିକା ସମ୍ପର୍କରେ ହେନ୍‌ରୀ ମିଞ୍ଜବର୍ଗଙ୍କର ବର୍ଗୀକରଣ ସମ୍ପର୍କରେ ଆଲୋଚନା କର।

# ୟୁନିଟ୍- ୩: ଗଣମାଧ୍ୟମ ପରିଚାଳନା : ଅବଧାରଣା ଏବଂ ଉଦ୍ଦେଶ୍ୟ

୩.୦: ବିଷୟର ଗଠନ
୩.୧: ପଠନର ଉଦ୍ଦେଶ୍ୟ
୩.୨: ବିଷୟ ପରିଚୟ
୩.୩: ପରିଚାଳନାର ମୂଳନୀତି
୩.୪: ଗଣମାଧ୍ୟମ ସଙ୍ଗଠନର ମାଲିକାନା ଢାଞ୍ଚା
୩.୫: ସାମ୍ପ୍ରତିକ ଗଣମାଧ୍ୟମ
୩.୬: ୟୁନିଟ୍ ସାରାଂଶ
୩.୭: ଆସ ପ୍ରଗତି ମାପିବା

## ୩.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍‌ର ଉଦ୍ଦେଶ୍ୟ ହେଉଛି ଗଣମାଧ୍ୟମ ପରିଚାଳନାର ଅବଧାରଣା ଏବଂ ଗତିଶୀଳତାକୁ ବୁଝିବା। ଏହି ୟୁନିଟ୍ ଉପକ୍ରମରୁ ଆରମ୍ଭ ହୋଇଛି ଏବଂ ପରେ ଏହି କ୍ଷେତ୍ରର ପରିସରକୁ ଅଧିକ ବ୍ୟାପକ କରିବାକୁ ଚେଷ୍ଟା କରାଯାଇଛି। ଏହି ୟୁନିଟ୍‌ର ଶେଷ ସୁଦ୍ଧା ତୁମେମାନେ ବୁଝିବାକୁ ସମର୍ଥ ହେବ ଯେ ଗଣମାଧ୍ୟମ ପରିଚାଳନା ସାଧାରଣ ପରିଚାଳନା ସହିତ କିପରି ସଂଯୋଗ ହୋଇଥାଏ ଏବଂ ଆନ୍ତର୍ଜାତିକ ସ୍ତରର ବିଭିନ୍ନ ପ୍ରକାର ମାଲିକାନା ଢାଞ୍ଚା କ'ଣ !

## ୩.୨: ବିଷୟ ପରିଚୟ

ଗଣମାଧ୍ୟମ ପରିଚାଳନା ଉଭୟ ନୂତନ ଏବଂ ଦ୍ରୁତ ଅଭିବୃଦ୍ଧି ହାସଲ କରୁଥିବା କ୍ଷେତ୍ର। ଲୁସି କଙ୍ଗ୍‌ଙ୍କ ଅନୁସାରେ, 'ଗଣମାଧ୍ୟମ ପରିଚାଳନାର ମୁଖ୍ୟ କାର୍ଯ୍ୟ ହେଉଛି ପରିଚାଳନାର ସାଧାରଣ ସୈଦ୍ଧାନ୍ତିକ ଶାଖା ଏବଂ ଗଣମାଧ୍ୟମ ଉଦ୍ୟୋଗର ନିର୍ଦ୍ଦିଷ୍ଟ କାର୍ଯ୍ୟ ମଧ୍ୟରେ ଏକ ସେତୁ ସ୍ଥାପନ କରିବା।' ଗଣମାଧ୍ୟମ ପରିଚାଳନା ପୂର୍ବରୁ ନ୍ୟୁଜ୍ ରୁମ୍‌ର ଆପେକ୍ଷିକ ଗୁରୁତ୍ୱ ଅନୁସାରେ ପଢ଼ା ଯାଉଥିଲା, କିନ୍ତୁ ଜଗତୀକରଣର ଅଭିବୃଦ୍ଧି ପରେ ଯେତେବେଳେ ଗଣମାଧ୍ୟମ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେଲା, ଏବେ ଏହା ମାର୍କେଟିଂ ଏବଂ ପରିଚାଳନା ଦୃଷ୍ଟିକୋଣରୁ ପଢ଼ାଯାଉଛି। ଗଣମାଧ୍ୟମର ପରିଚାଳନା ଖବରକାଗଜ ଉଦ୍ୟୋଗରୁ ଆରମ୍ଭ ହୋଇ ପରେ ରେଡିଓ, ଚଳଚ୍ଚିତ୍ର ଏବଂ ଟେଲିଭିଜନ ଏବଂ ନୂତନ ମାଧ୍ୟମ ଉଦ୍ୟୋଗକୁ ପରିବ୍ୟାପ୍ତ ହୋଇଛି। ଆଜିକାଲି ଗଣମାଧ୍ୟମ ପରିଚାଳନା ଏକ ବିଶ୍ୱସ୍ତରୀୟ ପ୍ରତ୍ୟକ୍ଷ ପରିଦୃଶ୍ୟ ଘଟଣାରେ ପରିଣତ ହୋଇଛି ଏବଂ ଏହି କ୍ଷେତ୍ରରେ ଗବେଷଣା ବହୁ ବିଷୟକ ହୋଇଯାଇଛି। ଗଣମାଧ୍ୟମ ସଙ୍ଗଠନ ବିଭିନ୍ନ କାର୍ଯ୍ୟ, ଯଥା- ପାଠକ/ଦର୍ଶକମାନଙ୍କୁ ବୁଝିବା, ଗବେଷଣା ପ୍ରକ୍ରିୟା ପାଇଁ ଯୋଜନା ପ୍ରସ୍ତୁତି, ମାନବ ସମ୍ବଳ, କାର୍ଯ୍ୟକ୍ରମ ବିଭାଗରୁ ଆରମ୍ଭ କରି ବ୍ରଡ୍‌କାଷ୍ଟିଂ (ବେତାର ପ୍ରସାର) ଏବଂ ଆଇନ୍ କାନୁନ୍ ପ୍ରସଙ୍ଗ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରି ସାରିଛି। ଏହାର ଉପଯୋଗିତା କେବଳ ଗଣମାଧ୍ୟମ ସଙ୍ଗଠନର ବିଭିନ୍ନ ଏକକକୁ ପରିଚାଳିତ କରିବା

ନୁହେଁ, ଗଣମାଧ୍ୟମ ବାହାରେ ଯାହା ରହିଛି, ତାହା ମଧ୍ୟ ଗଣମାଧ୍ୟମ ପରିଚାଳକଙ୍କ ପାଇଁ ଚିନ୍ତାର ବିଷୟ। ଗଣମାଧ୍ୟମ ପରିଚାଳନାକୁ ଉଭୟ କଳା ଏବଂ ବିଜ୍ଞାନ ଦୃଷ୍ଟିକୋଣରୁ ଦେଖାଯାଇ ପାରିବ। କଳା ଏଇଥିପାଇଁ ଯେ ଏହା ସୃଜନଶୀଳ ହେବାର ଦାବି କରିଥାଏ ଏବଂ ବିଜ୍ଞାନ ଏଇଥିପାଇଁ କାରଣ ଏହା ତର୍କ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟ ସମ୍ପନ୍ନ ପାଇଁ ବ୍ୟବସ୍ଥିତ ପ୍ରଣାଳୀର ଉପଯୋଗ କରିଥାଏ।

ପରିଚାଳନା ହେଉଛି ମୌଳିକ ନୀତି ଯାହା ଯେ କୌଣସି ସଙ୍ଗଠନକୁ ଚଳାଇ ଥାଏ। ଏକ ଗଣମାଧ୍ୟମ ସଙ୍ଗଠନରେ ସମ୍ପୂର୍ଣ୍ଣ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼େ, କାରଣ ଗଣମାଧ୍ୟମ କେବଳ ଏକ ବ୍ୟବସାୟ ନୁହେଁ, ଏହା ଏକ ଅସ୍ତିତ୍ୱ ଯାହା ଲୋକମତକୁ ଆକାର ପ୍ରଦାନ କରିଥାଏ ଏବଂ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଏହା ଅଭିହିତ। ଯେତେବେଳେ ଗଣମାଧ୍ୟମ ସଙ୍ଗଠନ ଉପରେ ଅଧ୍ୟୟନ କରାଯାଏ, ସେଗୁଡ଼ିକୁ ସାମାଜିକ ଦୃଷ୍ଟିକୋଣରୁ ଯାଞ୍ଚ କରାଯାଏ ଏବଂ ଏହାର ଧ୍ୟାନ ଅଧିକତଃ ସଙ୍ଗଠନ ଉପରେ ପଡ଼ିବାକୁ ଥିବା ସାମାଜିକ, ରାଜନୈତିକ, ପ୍ରଯୁକ୍ତିଗତ ପ୍ରଭାବ ଉପରେ ରହିଥାଏ। ବର୍ତ୍ତମାନ ଏହା ଅଧିକ ବିସ୍ତାରିତ ହେଉଥିବା କାରଣରୁ ଏହାକୁ ଏବେ ସଙ୍ଗଠନ ଏବଂ ପରିଚାଳନାଗତ ଅଧ୍ୟୟନ ଦୃଷ୍ଟିକୋଣରୁ ବିଚାର କରିବା ଅନିବାର୍ଯ୍ୟ ହୋଇ ପଡ଼ିଛି।




ଆଗକୁ ଯିବା ପୂର୍ବରୁ ପରିଚାଳନାର କିଛି ମୌଳିକତା ଏବଂ ବୈଶିଷ୍ଟ୍ୟ ସମ୍ପର୍କରେ ବୁଝିବା।

ପରିଚାଳନା ଜ୍ଞାନର ଏକ ବ୍ୟବସ୍ଥିତ ଭଣ୍ଡାର। ଔଦ୍ୟୋଗିକ ଅଭିବୃଦ୍ଧି ସହିତ ବୃହତ ଉଦ୍ୟୋଗ ଏବଂ ସଙ୍ଗଠନର ଛାଞ୍ଚ ଗଠନ ଆରମ୍ଭ ହେବା ପରେ ବିଂଶ ଶତାବ୍ଦୀରେ ଏହା ଏକ ଶିକ୍ଷଣ ପାଠ୍ୟକ୍ରମ ଭାବେ ଆରମ୍ଭ ହୋଇଛି।

## ୩.୩: ପରିଚାଳନାର ମୂଳ ନୀତି

ଏଫ୍ ଡବ୍ଲ୍ୟୁ ଟେଲରଙ୍କ ମତରେ, 'ପରିଚାଳନା ହେଉଛି ଆପଣ ଯାହା ଜାଣିବାକୁ ଚାହୁଁଛନ୍ତି, ତାହା ଜାଣିବାର ଏକ କଳା ଆଉ ତା'ପରେ ଦେଖିବାକୁ ହେବ ଯେ ଏହା ଯେମିତି ଶ୍ରେଷ୍ଠ ଏବଂ ଶସ୍ତା ଉପାୟରେ ହୋଇ ପାରିବ।'

ପରିଚାଳନା କର୍ପୋରେଟ୍‌ର ପୂର୍ବାନୁମାନ ଯୋଜନା ପ୍ରସ୍ତୁତି, ସମନ୍ୱୟନ, ସଂଶୋଧନ ଏବଂ ନିୟନ୍ତ୍ରିତ କରିବାର ଏକ ସୁବ୍ୟସ୍ଥିତ ସଙ୍ଗଠନ। ଏହା ଉଭୟ କଳାତ୍ମକ ଏବଂ ବୈଜ୍ଞାନିକ କୌଶଳ ଏବଂ

ଯନ୍ତ୍ରାଂଶ କୌଶଳ ତଥା ବିପଣନ (ମାର୍କେଟିଂ) କୌଶଳ ଆବଶ୍ୟକ କରିଥାଏ। ଏହା ମଧ୍ୟ କୁହାଯାଇପାରେ ଯେ ଏହା ସଠିକ୍ ଲୋକମାନଙ୍କ କାର୍ଯ୍ୟ ମାଧ୍ୟମରେ କାମ ହାସଲ କରିବାର ଏକ କଳା।

ପରିଚାଳନାର ଅର୍ଥକୁ ଭଲ ଭାବରେ ବୁଝିବା ପାଇଁ ଆମେ କିଛି ଲେଖକ ଏବଂ ବିଶେଷଜ୍ଞମାନଙ୍କ ଦ୍ୱାରା ନିରୂପିତ ସଂଜ୍ଞାକୁ ବିଚାରକୁ ନେବା ଆବଶ୍ୟକ।

୧. ପରିଚାଳନା କରିବା ପାଇଁ ପୂର୍ବାନୁମାନ ଏବଂ ଯୋଜନା ପ୍ରସ୍ତୁତି, ସଙ୍ଗଠିତ କରଣ, ନିର୍ଦ୍ଦେଶ ପ୍ରଦାନ, ସମନ୍ୱୟ ରକ୍ଷା, ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ। (ଫାୟୋଲ୍ ଏଚ୍. ୧୯୪୯)

୨. ପରିଚାଳନା ହେଉଛି ଏକ ପ୍ରକ୍ରିୟା ଯାହା ସଙ୍ଗଠନର ଉପଲବ୍ଧ ସମ୍ବଳକୁ ବ୍ୟବହାର କରି ଯୋଜନା ପ୍ରସ୍ତୁତି, ସଙ୍ଗଠିତ କରଣ, ନିର୍ଦ୍ଦେଶ ପ୍ରଦାନ, ନିୟନ୍ତ୍ରଣ ଦ୍ୱାରା ସଙ୍ଗଠନର ଲକ୍ଷ୍ୟକୁ ହାସଲ କରିଥାଏ। (ଓକାଫୋର, ଏଟ୍ ଏଲ୍, ୨୦୧୧)

୩. ପରିଚାଳନା ହେଉଛି ଏକ ପ୍ରକ୍ରିୟା ଯେଉଁଠାରେ ପରିଚାଳକ ବ୍ୟବସ୍ଥିତ, ସମନ୍ୱିତ ଏବଂ ଗୋଷ୍ଠୀ ସମବାୟ ମାନବ ପ୍ରୟାସକୁ ନେଇ ଉଦ୍ଦେଶ୍ୟପୂର୍ଣ୍ଣ ସଙ୍ଗଠନ ସୃଷ୍ଟି, ନିର୍ଦ୍ଦେଶ, ଚାଲୁ ରଖିବା ଏବଂ ପରିଚାଳନା କାର୍ଯ୍ୟ କରିଥାଏ। (ମ୍ୟାକ୍ ଫର୍ଲାଣ୍ଡ)

୪. ପରିଚାଳନା ହେଉଛି ଅନ୍ୟମାନଙ୍କ ଦ୍ୱାରା ଏବଂ ସେମାନଙ୍କ ସହ କାର୍ଯ୍ୟ କରି ପରିବେଶକୁ ହାସଲ କରିବାର ଏକ ପ୍ରକ୍ରିୟା। (କ୍ରେଇଟନର, ୧୯୯୨)

୫. ପରିଚାଳନା ହେଉଛି ସମ୍ବଳର ଉତ୍ତମ ପରିଚାଳନା କରି ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟକୁ ପୂରଣ କରିବା। (ଏଇନା, ୨୦୦୨:୧)

୬. ପରିଚାଳନା ଏକ ପ୍ରକ୍ରିୟା ଯାହା ଯୋଜନା ପ୍ରସ୍ତୁତି, ସଙ୍ଗଠିତକରଣ, ଗୁରୁତ୍ୱ ପ୍ରଦାନ ଏବଂ ନିୟନ୍ତ୍ରଣ ଦ୍ୱାରା ସଙ୍ଗଠନର ସମ୍ବଳକୁ ଉପଯୋଗ କରି ବିଶେଷ ଲକ୍ଷ୍ୟକୁ ପ୍ରାପ୍ତ କରିଥାଏ। (ୱିଲିୟମ୍, ୧୯୭୭)



ଉଭୟ କ୍ଷୁଦ୍ର ଏବଂ ବୃହତ୍ ବ୍ୟବସାୟରେ ପରିଚାଳନା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବୃହତ୍ ସଙ୍ଗଠନ ଗୁଡ଼ିକରେ ଶହ ଶହ ଲୋକ କାମ କରିଥାନ୍ତି ଏବଂ ବିଶ୍ୱ ସ୍ତରରେ ଏହି ଉତ୍ପାଦ ବିକ୍ରି କରା ଯାଉଥିବାରୁ ଏହାର କାର୍ଯ୍ୟକୁ ସୁବ୍ୟବସ୍ଥିତ ଏବଂ ଏହାର ଦିଗ ନିର୍ଦ୍ଦିଷ୍ଟ କରିବା ଜରୁରୀ ହୋଇଥାଏ। ବର୍ତ୍ତମାନର ପ୍ରସଙ୍ଗ ଆଧାରରେ ସମାଜର ଉତ୍ତମ କାର୍ଯ୍ୟଧାରା ପାଇଁ ଗଣମାଧ୍ୟମର ପରିଚାଳନାକୁ ସଙ୍ଗଠିତ କରିବା ବେଶି ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି।

### ୩.୩.୧ : ପରିଚାଳନାର ବୈଶିଷ୍ଟ୍ୟ

୧. ପରିଚାଳନା ଏକ ଉଦ୍ଦେଶ୍ୟ ଆବଶ୍ୟକ କରିଥାଏ ଏବଂ ଏହା ଉଦ୍ଦେଶ୍ୟ ସାଧନ ଅଭିମୁଖୀ ହେବା ଉଚିତ୍।

୨. ଏହା ଏକ ଗୋଷ୍ଠୀଗତ କାର୍ଯ୍ୟ ଯାହା ଏକ ସମନ୍ୱୟ ରକ୍ଷାକାରୀ ବ୍ୟବସ୍ଥାରେ ଏକ ନେତୃତ୍ୱର ଆବଶ୍ୟକ କରିଥାଏ, ଯାହାକୁ କର୍ମଚାରୀ ମାନେ ଅନୁସରଣ କରିବେ।

୩. ପରିଚାଳକ ଜଣେ ନିଷ୍ପତ୍ତି ଗ୍ରହଣକାରୀ ହେବା ଉଚିତ୍।

୪. ପରିଚାଳନା କ୍ଷତିର ପରିମାଣ କମ୍ କରି ଏବଂ ଦକ୍ଷତାକୁ ବୃଦ୍ଧି କରି ନିବେଶ ଉପରେ ଅଧିକ ଫେରସ୍ତ ପାଇବା ପାଇଁ ଲକ୍ଷ୍ୟ ରଖିଥାଏ, ସେଥିପାଇଁ ଏହା ଏକ ଅର୍ଥନୈତିକ କାର୍ଯ୍ୟରେ ପରିଣତ ହୋଇଥାଏ।

୫. ପରିଚାଳକ ବିଭିନ୍ନ ପରିସ୍ଥିତିରେ କାର୍ଯ୍ୟ କରିବା ପାଇଁ ବ୍ୟକ୍ତିମାନଙ୍କର ଶ୍ରେଷ୍ଠ ମାନବ କୌଶଳକୁ ଆବଶ୍ୟକ କରିଥାଏ, ଯାହା ଏକ ରଚନାତ୍ମକ କାର୍ଯ୍ୟ।

### ୩.୩.୨ : ପରିଚାଳନାର ଅଂଶ

**୧) ପରିଚାଳନା ହେଉଛି ସାର୍ବଜନୀନ -**

ଏହାର ଅର୍ଥ ହେଉଛି ଏହା ପ୍ରତ୍ୟେକ ସଙ୍ଗଠନରେ ଆବଶ୍ୟକ ହୋଇଥାଏ। ଏହା ବାଣିଜ୍ୟିକ, ସାମାଜିକ କିମ୍ବା ରାଜନୈତିକ ହୋଇପାରେ। ଏହା ବୃହତ୍, କ୍ଷୁଦ୍ର, ବିଦ୍ୟାଳୟ, ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟ ହୋଇପାରେ। ଏକ ପରିଚାଳନା ଗୋଷ୍ଠୀ ବିନା କୌଣସି ସଙ୍ଗଠନ ସୁଚାରୁ ରୂପେ କାର୍ଯ୍ୟ କରି ପାରିବ ନାହିଁ।

**୨) ପରିଚାଳନା ହେଉଚି ଏକ ଏକୀକୃତ ପ୍ରକ୍ରିୟା-**

**୩) ପରିଚାଳନା ଲକ୍ଷ୍ୟ ହାସଲ ଅଭିମୁଖୀ/ ନିର୍ଦ୍ଦେଶାତ୍ମକ –**

ଜଣେ ଭଲ ପରିଚାଳକଙ୍କର ଦୀର୍ଘକାଳୀନ ଏବଂ ସ୍ୱଳ୍ପକାଳୀନ ଲକ୍ଷ୍ୟ ରହିଥାଏ। ସଙ୍ଗଠନର ସଫଳତା ଲକ୍ଷ୍ୟ ଉପରେ ନିର୍ଭର କରିଥାଏ।

### ୪) ପରିଚାଳନା ଏକ କ୍ରମାଗତ ପ୍ରକ୍ରିୟା –

ବ୍ୟବସାୟର ସୁପରିଚାଳନା ପାଇଁ କୌଣସି ସଙ୍ଗଠନରେ ପରିଚାଳନା ପ୍ରକ୍ରିୟା ଏକ ଶେଷ ହେଉ ନଥିବା ପ୍ରକ୍ରିୟା।

### ୫) ପରିଚାଳନା ଏକ ଏକୀକୃତ ପ୍ରକ୍ରିୟା-

ଯେ କୌଣସି ସଙ୍ଗଠନର ବିଭିନ୍ନ ବିଭାଗର ପ୍ରତୀକାତ୍ମକ ସମ୍ପର୍କ ରହିଥାଏ। ଅର୍ଥାତ୍ ସମସ୍ତେ ପରସ୍ପର ଉପରେ ନିର୍ଭରଶୀଳ ହୋଇଥାନ୍ତି। ସେହି କାରଣରୁ ସମସ୍ତ କାର୍ଯ୍ୟ, ଗତିବିଧି, ପ୍ରକ୍ରିୟା ଏବଂ କାର୍ଯ୍ୟ ପ୍ରଣାଳୀ ଏକୀଭୂତ ହୋଇ ଥାଆନ୍ତି। ଇପ୍ସିତ ପରିଣାମକୁ ପାଇବା ପାଇଁ ସେମାନଙ୍କ ଭିତରେ ସମନ୍ୱୟ ରକ୍ଷା କରିବା ହେଉଛି ପରିଚାଳନା ଗୋଷ୍ଠୀର କାର୍ଯ୍ୟ।

### ୬) ପରିଚାଳନା ବହୁ ବିଷୟକ ହୋଇଥାଏ –

କୌଣସି ସଙ୍ଗଠନର ପରିଚାଳନା ଦଳର ସବୁ ପ୍ରକାରର ବିଷୟ, ଯଥା – ଉତ୍ପାଦନ, ବିତରଣ, ଲେଖନ କିମ୍ବା ଅନ୍ୟାନ୍ୟ ବିଷୟ ଯାହା ସଂପୃକ୍ତ ସଙ୍ଗଠନ ସମ୍ବନ୍ଧୀୟ ହୋଇଥାଏ, ସମ୍ପର୍କରେ ଜ୍ଞାନ ରହିବା ଉଚିତ୍। ଉଦାହରଣ ସ୍ୱରୂପ, ଏକ ପରିଚାଳନା ଗୋଷ୍ଠୀ,  ଯିଏ ଏକ ଇଞ୍ଜିନିୟରିଂ ସଙ୍ଗଠନ ପାଇଁ କାର୍ଯ୍ୟ କରିଥାଏ, ତା'ର ଏହି କ୍ଷେତ୍ର ଉପରେ ମୌଳିକ ଜ୍ଞାନ ରହିବା ଜରୁରୀ ଏବଂ ଦୈନନ୍ଦିନ ଭିତ୍ତିରେ ଆବଶ୍ୟକ କାର୍ଯ୍ୟ ସମ୍ପର୍କରେ ସେ ଜାଣିଥିବା ଆବଶ୍ୟକ।

### ୭) ପରିଚାଳନା ଏକ ସାମାଜିକ ପ୍ରକ୍ରିୟା –

ଯେହେତୁ ପରିଚାଳନାର ଅଧିକାଂଶ ପ୍ରସଙ୍ଗ ଲୋକ/ ଗୋଷ୍ଠୀକୁ ସମ୍ଭାଳିବା ଆବଶ୍ୟକ କରେ, ଏକ ଉତ୍ତମ ପରିଚାଳନା ଦଳ ପାଇଁ ମାନବ ମନସ୍ତତ୍ତ୍ୱକୁ ବୁଝିବା ଏବଂ ପ୍ରେରଣା ଦେବା ଭଳି ଗୁଣ ଅତ୍ୟାବଶ୍ୟକ ହୋଇଥାଏ।

## ୩.୩.୩: ଗଣମାଧ୍ୟମ ପରିଚାଳନାର ବିଭିନ୍ନ ପର୍ଯ୍ୟାୟ

### ୧) ଯୋଜନା ପ୍ରସ୍ତୁତି-

ଯୋଜନା ପ୍ରସ୍ତୁତିକରଣ ସଙ୍ଗଠନର ଉଦ୍ଦେଶ୍ୟକୁ ନିର୍ଦ୍ଧାରଣ କରିବାରେ ଏବଂ ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଯୋଜନା ଏବଂ ରଣନୀତି ପ୍ରସ୍ତୁତ କରିବାକୁ ଅନ୍ତର୍ଭୁକ୍ତ କରିଥାଏ। ସାଧାରଣତଃ ଯୋଜନା ପ୍ରସ୍ତୁତି ତିନି ପ୍ରକାରର ହୋଇଥାଏ, ଯଥା - ଅର୍ଥନୈତିକ, ସେବା ଏବଂ ବ୍ୟକ୍ତି-କେନ୍ଦ୍ରିକ। ଅର୍ଥନୈତିକ ଯୋଜନା ପ୍ରସ୍ତୁତିରେ ଉଦ୍ଦେଶ୍ୟ ସାଧାରଣତଃ ଅର୍ଥନୈତିକ ଅବସ୍ଥା, ରାଜସ୍ୱ ଉପରେ ଧ୍ୟାନ କେନ୍ଦ୍ରିତ, ଖର୍ଚ୍ଚ ଏବଂ ଲାଭ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହୋଇଥାଏ। ସେବା ପାଇଁ ଯୋଜନା ପ୍ରସ୍ତୁତି କ୍ଷେତ୍ରରେ

ଗ୍ରାହକମାନଙ୍କର ଆବଶ୍ୟକତା, ଉତ୍ତରଦାୟିତ୍ୱ ଏବଂ ଯୋଜନା ପ୍ରତି ସେମାନଙ୍କର ମନୋଭାବ ଉପରେ ଧ୍ୟାନ ରଖାଯାଏ। ବ୍ୟକ୍ତି-କେନ୍ଦ୍ରିକ ଯୋଜନା ପ୍ରସ୍ତୁତି ସଙ୍ଗଠନରେ ନିଯୁକ୍ତିପ୍ରାପ୍ତ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ହୋଇଥାଏ।

ଅନେକ ଗବେଷଣା ପରେ ଯୋଜନାର ପ୍ରସ୍ତୁତି ହୋଇଥାଏ। ଏହା କେବଳ ଗଣମାଧ୍ୟମ ଏକକର ସୁପରିଚାଳନା ପାଇଁ ହୋଇ ନଥାଏ, ଏହା ମଧ୍ୟ ବିଷୟବସ୍ତୁର ଯୋଜନା ପ୍ରସ୍ତୁତି ଏବଂ ଲକ୍ଷ୍ୟରେ ଥିବା ଗ୍ରାହକ/ ପାଠକମାନଙ୍କ ସମ୍ପର୍କରେ ବୁଝିବା ଏହାର ମୁଖ୍ୟ କାର୍ଯ୍ୟ ହୋଇଥାଏ। ଆଗକୁ ଦେଖିବା ଏବଂ ଭବିଷ୍ୟତର କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିବା, ଉଦ୍ଦେଶ୍ୟ, କାର୍ଯ୍ୟକ୍ରମ, ନିୟମ ଏବଂ ବଜେଟ୍ ପ୍ରସ୍ତୁତ କରିବା ଗଣମାଧ୍ୟମ ସଙ୍ଗଠନର ଯୋଜନା ପ୍ରସ୍ତୁତିର ଆବଶ୍ୟକୀୟ ଅଂଶ ହୋଇଥାଏ।

### ୨) ସଙ୍ଗଠନୀକରଣ-

ଏହା ଏକ ପ୍ରକ୍ରିୟା ଯେଉଁଠାରେ ମାନବ ଏବଂ ଭୌତିକ ସମ୍ବଳକୁ ଏକ ଔପଚାରିକ ଢାଞ୍ଚାରେ ସଜେଇ ରଖାଯାଏ ଏବଂ କାର୍ଯ୍ୟର ଦାୟିତ୍ୱକୁ ସମ୍ଭାଳି ସଙ୍ଗଠନର ଉଦ୍ଦେଶ୍ୟକୁ ପ୍ରାପ୍ତ କରା ଯାଇଥାଏ। ଏହା ସଙ୍ଗଠନର ବିଭିନ୍ନ ବିଭାଗ ଯଥା – ବିକ୍ରୟ ବିଭାଗ, କାର୍ଯ୍ୟକ୍ରମ ବିଭାଗ, ପ୍ରୋତ୍ସାହନ ବିଭାଗ, ବିପଣନ ବିଭାଗ, ଖବର ବିଭାଗ, ଉତ୍ପାଦନ ବିଭାଗ, ଯାନ୍ତ୍ରିକ ବିଭାଗ ଏବଂ ବ୍ୟବସାୟ ବିକାଶ ବିଭାଗରେ ଉପଯୋଗ କରାଯାଇ ପାରିବ।

### ୩) ପ୍ରଭାବିତ କରିବା କିମ୍ବା ନିର୍ଦ୍ଦେଶ ଦେବା

ଏହି ପ୍ରଭାବିତ କରିବା କାର୍ଯ୍ୟ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବା ଉପରେ କେନ୍ଦ୍ରୀଭୂତ ହୋଇଥାଏ, ଯେମିତିକି ସେମାନେ ଉତ୍ସାହର ସହିତ ଏବଂ ପ୍ରଭାବଶାଳୀ ଢଙ୍ଗରେ ସେମାନଙ୍କ ଦାୟିତ୍ୱକୁ ନିର୍ବାହ କରି ପାରିବେ।




ଯେହେତୁ ସଙ୍ଗଠନର ସଫଳତା ସିଧାସଳଖ ଭାବେ କର୍ମଚାରୀମାନଙ୍କୁ ପ୍ରଭାବିତ କରିବା ଏବଂ ସନ୍ତୁଷ୍ଟି କରିବା ଉପରେ ନିର୍ଭର କରି ଆସିଛି, ସେହେତୁ ଏହାକୁ ପ୍ରଭାବିତ କରିବା ପାଇଁ ଯୋଗାଯୋଗ ତାଲିମ୍ ଏବଂ ବ୍ୟକ୍ତିଗତ ପ୍ରଭାବଶାଳୀ ମନୋବଳ ବୃଦ୍ଧି କରାଯାଉଛି। ଯେ କୌଣସି ସଙ୍ଗଠନରେ ପ୍ରଭାବିତ ଏବଂ ପ୍ରଶଂସାଯୋଗ୍ୟ ପରିବେଶ ସୃଷ୍ଟି କରିବା ନିହାତି ଅନିବାର୍ଯ୍ୟ।

ପରିଚାଳନା କାର୍ଯ୍ୟକୁ ପ୍ରଭାବୀ ଢଙ୍ଗରେ ସମ୍ପାଦନ କରିବା ପାଇଁ ଯୋଗାଯୋଗର ଗୁରୁତ୍ୱକୁ ବୁଝିବା ନିହାତି ଆବଶ୍ୟକ। ଏହାର ଅର୍ଥ କର୍ମଚାରୀମାନେ ସଙ୍ଗଠନର ଉଦ୍ଦେଶ୍ୟ ଏବଂ ଯୋଜନା ସମ୍ପର୍କରେ ଜାଣିବା ଉଚିତ୍। ଏହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ପାଇଁ ପରିଚାଳକ ଗୋଷ୍ଠୀ ସେମାନଙ୍କର ଆବଶ୍ୟକତା ଏବଂ ଇଚ୍ଛା ସମ୍ପର୍କରେ ଯୋଗାଯୋଗ କରିବା ଆବଶ୍ୟକ।

ସଙ୍ଗଠନର ଏକ ଆବଶ୍ୟକୀୟ ଅଂଶ ହେଉଛି ତାଲିମ୍। ଅଧିକାଂଶ କର୍ମଚାରୀ ସେମାନଙ୍କ ଦକ୍ଷତା ଅନୁସାରେ ଚୟନ କରା ଯାଇଥାନ୍ତି, ଯଦିଓ ସେମାନେ ନୂତନ ପରିବେଶ, ଯନ୍ତ୍ରପାତି, ଉପଯୋଗିତା, ପଦ୍ଧତି ଅନୁସାରେ ତାଲିମ୍‌ପ୍ରାପ୍ତ ହୋଇଥାନ୍ତି। ତାଲିମ୍ କାର୍ଯ୍ୟକ୍ରମର ଏକ ପ୍ରମୁଖ ଲାଭ ହେଉଛି ସୁଯୋଗର ପ୍ରାବଧାନ ଅନୁସାରେ ସେମାନଙ୍କୁ ପ୍ରସ୍ତୁତ କରିବା। ଉନ୍ନତ ତାଲିମ୍‌ର ଫଳ ସ୍ୱରୂପ କର୍ମଚାରୀ ମାନଙ୍କର ନୈତିକତାରେ ବୃଦ୍ଧି ଘଟିଥାଏ।

### ୪) ନିୟନ୍ତ୍ରଣ କରିବା

ଯୋଜନା ପ୍ରସ୍ତୁତି ମାଧ୍ୟମରେ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସଙ୍ଗଠନ ଏହାର ଉଦ୍ଦେଶ୍ୟ ଏବଂ ଯୋଜନାକୁ ପ୍ରତିଷ୍ଠିତ କରାଇ ଥାଏ। ନିୟନ୍ତ୍ରଣ ମାଧ୍ୟମରେ ଉଦ୍ଦେଶ୍ୟ ଏବଂ ଯୋଜନାର ସ୍ତରକୁ ହେବା ପାଇଁ ନିୟନ୍ତ୍ରଣ କାର୍ଯ୍ୟର ମୂଲ୍ୟାୟନ ଆଧାରରେ ହେବା ଉଚିତ୍। ବ୍ୟକ୍ତିମାନଙ୍କର ଏବଂ ବିଭାଗର ସାମୟିକ ମୂଲ୍ୟାଙ୍କନ ପରିଚାଳକମାନଙ୍କୁ ଯୋଜନାକୃତ କାର୍ଯ୍ୟ ଏବଂ ପ୍ରକୃତ କାର୍ଯ୍ୟ ଭିତରେ ତୁଳନା କରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ। ଯଦି ଏହି ଦୁଇଟି ମେଳ ଖାଏ ନାହିଁ, ତେବେ ସଂଶୋଧନାତ୍ମକ ପଦକ୍ଷେପ ନିଆଯାଇ ପାରିବ।

## ୩.୪: ଗଣମାଧ୍ୟମ ସଙ୍ଗଠନର ମାଲିକାନା ଢାଞ୍ଚା

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଗଣମାଧ୍ୟମରେ ମାଲିକାନା ଢାଞ୍ଚାରେ ବିଭିନ୍ନ କାରଣ ଯଥା - ଉନ୍ନତ ପ୍ରଯୁକ୍ତି କୌଶଳ, ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରୀକରଣ, ବଜାରର ବ୍ୟାପକତା ବୃଦ୍ଧି, ବିପଣନ କୌଶଳ, ଆନ୍ତର୍ଜାତିକ ସ୍ତରରେ ଯୋଗାଯୋଗର ବ୍ୟାପକତା ଏବଂ ସାକ୍ଷରତା ହାର ବୃଦ୍ଧି ପାଇବା ଭଳି କିଛି ପ୍ରସଙ୍ଗ ଯୋଗୁଁ ଗଣମାଧ୍ୟମର ମାଲିକାନା ନିୟନ୍ତ୍ରଣ ଢାଞ୍ଚାରେ ଅଭୂତପୂର୍ବ ପରିବର୍ତ୍ତନ ଦେଖାଦେଇଛି। ବର୍ତ୍ତମାନର ବିଶ୍ୱରେ ଗଣମାଧ୍ୟମର ମାଲିକାନା ଦୁଇଟି ଭିନ୍ନ ଢାଞ୍ଚାରେ ପରିପ୍ରକାଶ ହେଉଛି, ଯଥା - ଗଣମାଧ୍ୟମ ଉପରେ ବିଶେଷ ଏକାଗ୍ରତା ଏବଂ ନିବେଶର ବିଭିନ୍ନତା। ଏହା ଯୋଗାଯୋଗର ନୂଆ ମାଧ୍ୟମ ସୃଷ୍ଟି କରିଥାଏ, ଏହିପରି ବିଭିନ୍ନ ଗଣମାଧ୍ୟମର ଏକତ୍ରୀକରଣ ହୋଇଥାଏ। ମୁଖ୍ୟତଃ ଉତ୍ତର ଆମେରିକା ଏବଂ ୟୁରୋପରୁ ଆନ୍ତର୍ଜାତିକ ସ୍ତରର ନିବେଶ ବିକଶିତ ରାଷ୍ଟ୍ରର ଗଣମାଧ୍ୟମ ସଂସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। ଯଦିଓ ଏହି ପ୍ରଭାବ ଏବଂ ମାଲିକାନା ଢାଞ୍ଚା ଗୋଟିଏ ରାଷ୍ଟ୍ରରୁ ଆଉ ଗୋଟିଏ ରାଷ୍ଟ୍ର କ୍ଷେତ୍ରରେ ଭିନ୍ନ ହୋଇଥାଏ। ଉଦାହରଣ ସ୍ୱରୂପ, ପୂର୍ବରୁ ପ୍ରଥମରୁ ଛାପା ଗଣମାଧ୍ୟମର ଘରୋଇ ମାଲିକାନା ଢାଞ୍ଚାରେ କିଛି

ପରିବର୍ତ୍ତନ ହୋଇ ନାହିଁ, ଏହା ପୂର୍ବ ଭଳି ରହିଛି। ସମାଜବାଦୀ ଦେଶଗୁଡ଼ିକରେ ଗଣମାଧ୍ୟମଗୁଡ଼ିକ ସରକାରଙ୍କ ଦ୍ୱାରା (ଚାଇନା) କିମ୍ବା ଦଳୀୟ ସଙ୍ଗଠନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ।

ଏକୀକୃତ ବୃହତ୍ ସଙ୍ଗଠନର ବୃଦ୍ଧି ଯୋଗୁଁ ଗଣମାଧ୍ୟମ ମାଲିକାନାରେ ମୌଳିକତା ସୃଷ୍ଟି ହୋଇଛି। ଉଭୟ ଊର୍ଦ୍ଧ୍ୱଗାମୀ ଏବଂ ସମାନ୍ତରାଳ ଏକୀକରଣର ଉଦାହରଣ ରହିଛି। ସମାନ୍ତରାଳ ଏକୀକରଣ ହେଉଛି ଏକସ୍ତରୀୟ ଉତ୍ପାଦନ କିମ୍ବା ଗୋଟିଏ ଖବରକାଗଜ ଉପରେ ନିୟନ୍ତ୍ରଣ। ଊର୍ଦ୍ଧ୍ୱଗାମୀ ଏକୀକରଣ ମୂଳ କମ୍ପାନୀର ବିଭିନ୍ନ ସ୍ତରର ଉତ୍ପାଦନ ମଧ୍ୟରେ ସ୍ଥାପନ କରାଯାଇ ପାରିବ, ଉଦାହରଣ ସ୍ୱରୂପ, ଭାରତରେ ବେନେଟ୍ ଆଣ୍ଡ କୋଲେମ୍ୟାନ୍। ସମୁଦାୟ ନିବେଶର ବାଟ ଏକ ଟେଲିଭିଜନ୍, ଖବରକାଗଜ, ପୁସ୍ତକ ପ୍ରକାଶନ ଏକକର ଅଂଶଧନ ଉପରେ ନିୟନ୍ତ୍ରଣ ବୃଦ୍ଧି କରିବା ବେଳେ ସମାନ ସମୟରେ ସମାନ୍ତରାଳ ନିବେଶ ବୃହତ୍ ଉଦ୍ୟୋଗ, ଯଥା – ବିମାନ ନିର୍ମାଣ, ପେଟ୍ରୋଲିୟମ୍ କିମ୍ବା ଉପଭୋକ୍ତା ସାମଗ୍ରୀ ଇତ୍ୟାଦି ଉଦ୍ୟୋଗରେ ହୋଇଥାଏ।

ନିବେଶର ଅନ୍ୟ ଏକ ଦିଗ ହେଉଛି ବିଜ୍ଞାପନ ନିବେଶ, ଯାହା ବିନା ପ୍ରକୃତ ମାଲିକାନାରେ ଖବରକାଗଜ, ରେଡିଓ ଏବଂ ଟେଲିଭିଜନ୍‌ରେ ବାଣିଜ୍ୟିକ ନିବେଶ କରାଯାଇଥାଏ। ତେଣୁ ଏହି ଆର୍ଥିକ କ୍ରିୟାକଳାପକୁ ମାଲିକାନାର ନାମ ଦେବା ଜରୁରୀ ନୁହେଁ। ସୂଚନା ଏବଂ ବିଚାରର ମୁକ୍ତ ପ୍ରବାହ ପାଇଁ ଗଣତନ୍ତ୍ରରେ ମାଲିକାନା ଢାଞ୍ଚା ଏକ ଆବଶ୍ୟକୀୟ ସୂଚକ ହୋଇଥାଏ। ଦିଆଯାଇଥିବା ଯେ କୌଣସି ଏକ ଦେଶରେ ଏହା ଗଣମାଧ୍ୟମର ଗାଣତାନ୍ତ୍ରିକ ଧାରଣାର ସୀମାକୁ ସୂଚାଉଛି।

ଅଧିକାଂଶ ଦେଶରେ ଦୁଇ ପ୍ରକାର ମାଲିକାନା ଦେଖିବାକୁ ମିଳେ।

(କ) ଗଣମାଧ୍ୟମର ସରକାରୀ ମାଲିକାନା

(ଖ) ଅଳ୍ପ କିଛି ବ୍ୟକ୍ତିବିଶେଷ କିମ୍ବା ଗୋଷ୍ଠୀଙ୍କ ହାତରେ ଗଣମାଧ୍ୟମର ମାଲିକାନା

### ୩.୪.୧: ସରକାରୀ ମାଲିକାନା

ବିଶ୍ୱ ଗଣମାଧ୍ୟମର ଏକ ବୃହତ୍ ଅନୁପାତ ରାଷ୍ଟ୍ର, ସରକାର ତଥା ଜନତାମାନଙ୍କ ମାଲିକାନାରେ ରହିଛି। ଏହି ଶବ୍ଦ ସାଧାରଣତଃ ସରକାରୀ ଗଣମାଧ୍ୟମକୁ ବୁଝାଏ ଅର୍ଥାତ୍ ଏହି ପ୍ରକାରର ମାଲିକାନା ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ତେଣୁ ସେଥିରେ ଦୁଇଟି ପ୍ରଭେଦ ରହିଛି।

**(କ) ଜନସେବା ପ୍ରସାରଣ** – ଏହାର ଅର୍ଥ ସଙ୍ଗଠନ ଜନତାଙ୍କ ସ୍ୱାର୍ଥ ପାଇଁ ଜନତାଙ୍କ ଟଙ୍କାକୁ ବ୍ୟବହାର କରିଥାଏ। ଏହା ନିୟମ ଆଧାରରେ ଗଠିତ ହୋଇଥାଏ ଏବଂ ବିନା ଲାଭର ସଙ୍ଗଠନ ଭାବେ କାର୍ଯ୍ୟ କରିଥାଏ। ୟୁନେସ୍କୋ ଜନସେବା ପ୍ରସାରଣର ସଂଜ୍ଞାକୁ ନିରୂପିତ କରି ଉଲ୍ଲେଖ କରିଛି ଯେ ଏହି ପ୍ରସାରଣ ଜନତାଙ୍କ ପାଇଁ କରାଯାଏ, କିନ୍ତୁ ଏହାର ବିତ୍ତୀୟ ପ୍ରସଙ୍ଗ ଜନତାଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ ନଥାଏ। ଅନ୍ୟ ବାଣିଜ୍ୟିକ ଦୃଷ୍ଟିକୋଣରୁ, କିନ୍ତୁ ଏହା ଏକ ବୟାନ ନୁହେଁ, ଜନସେବା ସଂସ୍ଥାଗୁଡ଼ିକ ରାଜନୈତିକ ହସ୍ତକ୍ଷେପ ଏବଂ ବାଣିଜ୍ୟିକ ଦୃଷ୍ଟିକୋଣରୁ ମୁକ୍ତ ରହିଥାନ୍ତି, ଯିଏକି ନାଗରିକମାନଙ୍କୁ ସୂଚନା ଦିଏ ଏବଂ ମନୋରଞ୍ଜନ ମଧ୍ୟ ପ୍ରଦାନ କରେ।

**(ଖ) ରାଷ୍ଟ୍ର ଏବଂ ସରକାରୀ ଗଣମାଧ୍ୟମ**- ଏହି ପ୍ରକାରର ଗଣମାଧ୍ୟମ ସିଧାସଳଖ ଭାବେ ସରକାରଙ୍କ ମାଲିକାନାରେ ଚାଲିଥାଏ। ଜନତାଙ୍କ ଟଙ୍କାରେ ଏହା ଚାଲିଥାଏ। ଏହା କେତେକ ସମୟରେ ସରକାରଙ୍କ ଶାସକ ଦଳର ପ୍ରଚାର ସାଧନ ଭାବେ କାର୍ଯ୍ୟ କରିଥାଏ। ପୂର୍ବତନ ସୋଭିଏତ୍ ସଂଘର ଗଣମାଧ୍ୟମକୁ ଉଦାହରଣ ଭାବରେ ନିଆଯାଇପାରେ।

### ୩.୪.୨: ଘରୋଇ ମାଲିକାନା

ଅଧିକାଂଶ ଗଣମାଧ୍ୟମ ଏହି ଶ୍ରେଣୀଭୁକ୍ତ। ଘରୋଇ ଗଣମାଧ୍ୟମ ଏକ ଲାଭକାରୀ ସଙ୍ଗଠନ ଯାହା ବିଜ୍ଞାପନ ଏବଂ ବାଣିଜ୍ୟ ଯୋଗୁଁ ତିଷ୍ଠି ରହିଥାଏ। ଏହା କୌଣସି ବ୍ୟକ୍ତିବିଶେଷ କିମ୍ବା ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଏହା ମଧ୍ୟ ବୃହତ୍ ଏକୀକୃତ ଆନ୍ତର୍ଜାତିକ ସଂଗଠନ ହୋଇପାରେ, କେବଳ ଆଗ୍ରହର ସ୍ତୂପୀକରଣ ପାଇଁ ନୁହେଁ, ବଳ ଯୋଗୁଁ ମଧ୍ୟ ହୋଇପାରେ।


ରପେର୍ଟ ମୁର୍ଦ୍ଦୋଚ୍

ଉଦାହରଣ ସ୍ୱରୂପ, ଆମେରିକାରେ ଛଅ ଗୋଟି ବୃହତ୍ ଗଣମାଧ୍ୟମ ନିଗମ ଏକୀକୃତ ହୋଇଥିଲା। ସେଗୁଡ଼ିକ ହେଲା ଟାଇମ୍ ୱାର୍ଣ୍ଣର, ୱାଲ୍ଟ ଡିଜନୀ, ଏନ୍‌ବିସି ୟୁନିଭର୍ସାଲ, ସିବିଏସ୍ କର୍ପୋରେସନ, ଭାଇକମ୍ ଏବଂ ରପେର୍ଟ ମୁର୍ଦ୍ଦୋଚ୍ ନିଉଜ୍ କର୍ପୋରେସନ। ଏହି ବିଶାଳ ସଂସ୍ଥା ଗୁଡ଼ିକ ପୃଥିବୀର ସର୍ବଶ୍ରେଷ୍ଠ ଧନୀ ଏବଂ ରାଜନୀତିଜ୍ଞମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଜଗତୀକରଣର ବୃଦ୍ଧି ଏବଂ ପ୍ରଯୁକ୍ତିର ଅଭିବୃଦ୍ଧି ଗଣମାଧ୍ୟମର ବିସ୍ତାରକୁ ଆଗକୁ ନେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଆମେରିକାର ୮୦ ପ୍ରତିଶତ ଦୈନିକ ଖବରକାଗଜର ମାଲିକ ଖବରକାଗଜର ମାଲିକାନା ବ୍ୟକ୍ତିବିଶେଷ କ୍ରୟ କରିଥିବା ବେଳେ ତାହା ପରର ୫୦ ବର୍ଷରୁ କମ୍ ସମୟ ମଧ୍ୟରେ ଏହା ବହୁତ କମ୍ ହୋଇ

ଯାଇଥିଲା। ୧୯୮୦ ବେଳକୁ ଆମେରିକା ତା'ର ଗଣମାଧ୍ୟମ ଉଦ୍ୟୋଗକୁ ନିୟନ୍ତ୍ରଣମୁକ୍ତ କରି ଦେଇଥିଲା ଯାହା ଘରୋଇ ଗଣମାଧ୍ୟମ ସଙ୍ଗଠନ ମାଲିକାନା ବ୍ୟବସାୟକୁ ସୃଷ୍ଟି କରିଥିଲା, ଯାହାର ଫଳ ସ୍ୱରୂପ ଗଣମାଧ୍ୟମର ଏକୀକୃତ ସଙ୍ଗଠନର ଏକାଧିକାର ନିୟନ୍ତ୍ରଣ ବୃଦ୍ଧି ପାଇଥିଲା। ଏହାର ଉଭୟ ସୁବିଧା ଏବଂ ଅସୁବିଧା ରହିଛି। ମୁଖ୍ୟ ସୁବିଧା ହେଉଛି ଅନେକ କ୍ଷୁଦ୍ର ସଂସ୍ଥା ଏକ ବୃହତ୍ କମ୍ପାନୀ ନାମରେ କାର୍ଯ୍ୟ କଲେ ପରିଚାଳନା ଅର୍ଥାଗମର ଉତ୍ସ ଏବଂ ସମ୍ବଳ ଉପରେ ଉତ୍ତମ ରୂପେ ଧ୍ୟାନ କେନ୍ଦ୍ରୀଭୂତ ହୋଇ ପାରିଥାଏ। ମୁଖ୍ୟ ଅସୁବିଧାଟି ହେଉଛି ଅନେକ ଘରୋଇ ଗଣମାଧ୍ୟମ ଗଢ଼ି ଉଠିଲା ଏବଂ ରାଜନୈତିକ କ୍ଷମତାର ମଧ୍ୟ ଅଭିବୃଦ୍ଧି ହେଲା। ଜଣେ ମଧ୍ୟ ଦେଖି ପାରିବେ ଏହା ହେବା ଫଳରେ କ୍ଷୀଣ ଏବଂ ସ୍ୱାଧୀନ ଭାବରେ ଉଠୁଥିବା ସ୍ୱରକୁ ଦବେଇ ଦିଆ ଯାଉଛି/ ବାହାର କରିଦିଆଯାଇଛି, କିଛି ସଂସ୍ଥାକୁ ହାତକୁ ନେଇ କିମ୍ବା ସ୍ୱତନ୍ତ୍ର ଗଣମାଧ୍ୟମ ସଂସ୍ଥା ସୃଷ୍ଟି କରିବା ପାଇଁ ବାରଣ କରାଯାଉଛି। ଏହା କେବଳ ନୀତି ବିରୁଦ୍ଧ ନୁହେଁ, ବରଂ ଏହା ସ୍ୱାଧୀନ ମତ ଦେବା ଏବଂ ଅଧିକ ତଥ୍ୟ ଦେବାର ଅଧିକାରକୁ କ୍ଷୁଣ୍ଣ କରୁଛି। ଲୋକମାନଙ୍କ ଅସଲି ଖବର ପ୍ରକାଶ ପାଇପାରୁ ନାହିଁ।

ଖବରକାଗଜ ଉଦ୍ୟୋଗରେ ବିଭିନ୍ନ ପ୍ରକାରର ସୁସ୍ପଷ୍ଟ ମାଲିକାନା ରହିଛି, କିନ୍ତୁ ସମୁଦାୟ ଘରୋଇ ଗଣମାଧ୍ୟମର ମାଲିକାନା ନେଇ ସ୍ପଷ୍ଟ ରୂପେ ଭିନ୍ନତା ନାହିଁ। ବିଭିନ୍ନ ପ୍ରକାରର ମାଲିକାନା ଅବଲୋକନ କରାଯାଇପାରେ। ଏଠାରେ କିଛି ଉଦାହରଣ ଦିଆଗଲା।

### ୩.୪.୨.୧: ଏକକ ମାଲିକାନା

ଏକକ ମାଲିକାନା ହେଉଛି ମାଲିକାନାର ଏକ ପ୍ରକାର ଉଦାହରଣ ଯେଉଁଠାରେ ବ୍ୟବସାୟ ସଙ୍ଗଠନ ଜଣେ ବ୍ୟକ୍ତିଙ୍କ ମାଲିକାନାରେ ରହିଥାଏ ଏବଂ ପରିଚାଳିତ ହୋଇଥାଏ। ସେ ଅର୍ଥ ସଂଗ୍ରହ କରିବା ପାଇଁ ଉତ୍ତରଦାୟୀ ରହିଥାନ୍ତି। ଏହି ପ୍ରକାରର ମାଲିକାନାରେ ସୁବିଧା ହେଉଛି ଏଥିରେ ଅତି କମ୍ ଆଇନ୍‌ଗତ ବ୍ୟବସ୍ଥାର ଅବଶ୍ୟକ ହୋଇଥାଏ, ଲାଭର ବଣ୍ଟନ ହୋଇନଥାଏ, ନିର୍ଣ୍ଣୟ ନେବାର ଅଧିକାର ଅନ୍ୟ କାହାର ନଥାଏ, ତେଣୁ ଏହା ସୁବିଧାଜନକ ହୋଇଥାଏ ଏବଂ ଶୀଘ୍ର ଆଗକୁ ବଢ଼ିଥାଏ। ସେଥିରେ ଅନେକ ଅସୁବିଧା ମଧ୍ୟ ଥାଏ, ଯେମିତିକି ଋଣ କରିବା ଏବଂ ଜଣକ ଉପରେ କ୍ଷମତା କେନ୍ଦ୍ରୀଭୂତ ହେବା ଭଳି ଅନେକ ଅସୀମିତ ଦାୟିତ୍ୱ ରହିଥାଏ।

ମାଲିକମାନେ ସମ୍ପାଦକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଜର ନିୟନ୍ତ୍ରଣ ଭିତରେ ରଖିଥାନ୍ତି। ମାଲିକମାନେ ସମ୍ପାଦକମାନଙ୍କଠାରୁ ଆତ୍ମ-ନିୟନ୍ତ୍ରଣ (ସେଲ୍‌ଫ-ସେନ୍‌ସରସିପ୍) ଦାବି କରିବା ମଧ୍ୟ ଶୁଣିବାକୁ ମିଳେ। ମାଲିକମାନେ ଆଶା କରିଥାନ୍ତି ଯେ ଯେଉଁମାନେ ସେମାନଙ୍କ ଗଣମାଧ୍ୟମ ସଙ୍ଗଠନରେ କାର୍ଯ୍ୟରତ, ସେମାନେ

ମାଲିକର ସ୍ୱାର୍ଥକୁ ବୁଝିବା ଉଚିତ୍ ଏବଂ ଏହାକୁ ରକ୍ଷା କରିବା ଆବଶ୍ୟକ। କର୍ମଚାରୀମାନେ (ନିର୍ଦ୍ଦିଷ୍ଟ ଭାବେ ସମ୍ପାଦକମାନେ) ଯେପରି ମାଲିକ ତଥା ସେମାନଙ୍କ ବନ୍ଧୁଙ୍କ ବିପକ୍ଷରେ କିଛି ନ ଲେଖନ୍ତି, ସେକଥା ସୁନିଶ୍ଚିତ କରାଯାଇଥାଏ। ଏହି କ୍ଷେତ୍ରରେ ସମ୍ପାଦକ ତଥା ଯେଉଁ କର୍ମଚାରୀ ସେମାନଙ୍କ କଥା ଅମାନ୍ୟ କରନ୍ତି, ସେମାନଙ୍କୁ ବାହାର କରି ଦିଆଯାଇଥାଏ। କ୍ରମଶଃ ଏହି ଧାରା ଦ୍ରୁତ ଗତିରେ ବଢୁଛି।

### ୩.୪.୨.୨: ଏକୀକୃତ ସଙ୍ଗଠନର ମାଲିକାନା

ଏକୀକୃତ ସଙ୍ଗଠନର ଅର୍ଥ ସମ୍ପୂର୍ଣ୍ଣ ଭାବେ ଭିନ୍ନ ଭିନ୍ନ ବ୍ୟବସାୟ କରୁଥିବା ଦୁଇ କିମ୍ବା ତତୋଧିକ ସଙ୍ଗଠନର ମିଶ୍ରଣ। ସାଧାରଣତଃ ଏହା ଏକ ମୁଖ୍ୟ କମ୍ପାନୀ ଏବଂ ଅନେକ ଶାଖାକୁ ନେଇ ଗଢ଼ି ଉଠିଥାଏ। ଏହା ସାଧାରଣତଃ ବିଶାଳ ହୋଇଥାଏ ଏବଂ ଏହାର ଅବସ୍ଥିତି ଆନ୍ତର୍ଜାତିକ ସ୍ତରର ହୋଇଥାଏ। ଉଦାହରଣ ସ୍ୱରୂପ, ଏକ ପ୍ରକାଶନୀ ସଂସ୍ଥା ଯାହା ପାଖେ ଏକ ଗଣମାଧ୍ୟମ ସଙ୍ଗଠନ ତଥା ଇଞ୍ଜିନିୟରିଂ କମ୍ପାନୀ, ଟେଲିକମ୍ ବିଭାଗ କିମ୍ବା ପେଟ୍ରୋଲିୟମ୍ ବ୍ୟବସାୟ କିମ୍ବା ନିଗମର ମାଲିକାନା ସ୍ୱତ୍ୱ ରହିଥାଏ, ସମାନ ସମୟରେ ଏହା ବିଭିନ୍ନ ଗଣମାଧ୍ୟମ ସଙ୍ଗଠନର ଅଂଶଧନ କ୍ରୟ କରି ପାରିଥାଏ। ଭାରତରେ ରିଲାଏନ୍ସ ଉଦ୍ୟୋଗ ଏହାର ଏକ ଉଦାହରଣ। ଆନ୍ତର୍ଜାତିକ ସ୍ତରର ବିଶାଳକାୟ ଗଣମାଧ୍ୟମ ସଙ୍ଗଠନଗୁଡ଼ିକ ହେଉଛି କମ୍‌କାଷ୍ଟ, ଟ୍ୱେଣ୍ଟି ଫାଷ୍ଟ ସେଞ୍ଚୁରୀ ଫକ୍ସ, ୱାଲ୍ଟ ଡିଜନୀ କମ୍ପାନୀ, ଭାଇକମ୍ ଇତ୍ୟାଦି।




ରିଲାଏନସ୍ ଇଣ୍ଡଷ୍ଟ୍ରିଜ୍ ଦ୍ୱାରା ପରିଚାଳିତ କିଛି ଗଣମାଧ୍ୟମ

### ୩.୪.୨.୩ : କ୍ରସ୍ ମିଡ଼ିଆ ମାଲିକାନା

କ୍ରସ୍ ମିଡିଆ ମାଲିକାନା ହେଉଛି ସମାନ କମ୍ପାନୀର ଅନ୍ୟାନ୍ୟ ସାମଗ୍ରୀ ସହିତ ଖବରକାଗଜ, ପତ୍ରିକା, ସଙ୍ଗୀତ ଛାପା ଏବଂ ପ୍ରକାଶନ ଏବଂ ଇତ୍ୟାଦି କ୍ଷେତ୍ରରେ ମାଲିକାନା ରହିଥାଏ। କ୍ରସ୍ ମିଡିଆ ମାଲିକାନା ବିଭିନ୍ନ ବାହକ, ଯଥା – ଟେଲିଭିଜନ୍, ରେଡିଓ ଏବଂ ଛାପା ଇତ୍ୟାଦି ଉପରେ ଧ୍ୟାନ ଦେବା ସହିତ ଗଣମାଧ୍ୟମ କ୍ଷେତ୍ର ଅର୍ଥାତ୍ ଟେଲିଭିଜନ୍ ଓ ରେଡିଓ ମାଧ୍ୟମ ପରିଚାଳନାରେ ଊର୍ଦ୍ଧ୍ୱଗାମୀ ଏକୀକରଣ ଏବଂ ପ୍ରତ୍ୟେକ ଗଣମାଧ୍ୟମ କ୍ଷେତ୍ରରେ ଏକ ପ୍ରଦତ୍ତ ଭୌଗୋଳିକ ଉପଖଣ୍ଡରେ ବଜାର ଅଂଶଧନରେ ପ୍ରମୁଖତା ସୃଷ୍ଟି କରିଥାଏ।

ଇସେଲ୍ ଗ୍ରୁପର କ୍ରସ୍ ମିଡିଆ ମାଲିକାନା

ଏହା ନିବେଶର ଏକ ପ୍ରକ୍ରିୟା ଯେଉଁଠାରେ ସମାନ ବଜାରରେ ଏକାଧିକ ମାଧ୍ୟମରେ ନିବେଶ କରାଯାଏ। ଏହା କେବଳ ଛାପା ବା ଇଲେକ୍ଟ୍ରାନିକ୍ ଗଣମାଧ୍ୟମ ନୁହେଁ, ଇଣ୍ଟରନେଟ୍, ଡିଟିଏଚ୍, କେବୁଲ୍, ସଙ୍ଗୀତ ରେକର୍ଡିଂ, ଫିଲ୍ମ, ଆପ୍ସ ଇତ୍ୟାଦି କ୍ଷେତ୍ରକୁ ବିସ୍ତାରିତ ହୋଇଥାଏ। ଦି ଟାଇମ୍ସ ଗ୍ରୁପ୍, ଜି ମିଡିଆ ଏବଂ ଇଣ୍ଡିଆ ଟୁଡେ କ୍ରସ୍ ମିଡିଆ ମାଲିକାନା ସ୍ୱତ୍ୱର ଉତ୍ତମ ଉଦାହରଣ। ଓଡ଼ିଶାରେ ସମ୍ବାଦ ଖବରକାଗଜ ଗୋଷ୍ଠୀ ମଧ୍ୟ ଏହାର ଉଦାହରଣ।

କ୍ରସ୍ ମିଡିଆ ମାଲିକାନାକୁ ନେଇ ଦୁଇ ପ୍ରକାରର ଚିନ୍ତାଧାରା ରହିଛି। ଗୋଟିଏ କହେ ଯେ ଏହା ଗଣମାଧ୍ୟମ ଉଦ୍ୟୋଗର ସମ୍ପୂର୍ଣ୍ଣ ବିକାଶ ପାଇଁ ଅନୁମତି ଦେବା ଉଚିତ୍ ଏବଂ ଲାଭଦାୟକ ହେବା ଉଚିତ୍। ଏହା ମଧ୍ୟ ସଙ୍ଗଠନକୁ ବିନା କୌଣସି ବାଧାରେ ବ୍ୟାପକ କରିବାକୁ ଅନୁମତି ଦେବା ଆବଶ୍ୟକ। ଏହି ପ୍ରକାରର ବ୍ୟାପକତାକୁ ଅନୁମତି ନଦେବା ଅର୍ଥ କାର୍ ନିର୍ମାତାମାନଙ୍କୁ ବସ୍ ନିର୍ମାଣ ପାଇଁ ଅନୁମତି ନଦେବା। ଅନ୍ୟ ଏକ ଚିନ୍ତାଧାରା ପ୍ରସ୍ତାବ ଦେଇଥାଏ ଯେ ଏହା ଆଞ୍ଚଳିକ କିମ୍ବା କ୍ଷୁଦ୍ର ଏକକ କ୍ଷେତ୍ରଗୁଡ଼ିକର ପରିସର ବୃଦ୍ଧି, ଜନତା ବହୁବାଦରୁ ଏବଂ ଭିନ୍ନ ମତରୁ ବଞ୍ଚିତ ହୋଇଥାଏ।

ଅନ୍ୟ ଏକ ଚିନ୍ତାଧାରା ସିନର୍ଜି ଆଲିଆନ୍ସ (ଦୁଇ ବା ତତୋଧିକ ମୂଲ୍ୟସମ୍ପନ୍ନ କମ୍ପାନୀଙ୍କ ମଧ୍ୟରେ ମିଳିତ ଚୁକ୍ତିରେ ବ୍ୟବସାୟ ଚଳାଇବା) ସମ୍ପର୍କରେ କହିଥାଏ। ଯାହାର ଅର୍ଥ ଇକ୍ୟୁଇଟି ଅଂଶଧନର ଆକାରରେ ଭାଗୀଦାରିତା ପ୍ରତ୍ୟେକ୍ଷ ପୁଞ୍ଜିନିବେଶ ପାଇଁ ଅନୁମତି ଦେବା ଉଚିତ୍। ଗଣମାଧ୍ୟମ ଉପରେ ଧ୍ୟାନ କେନ୍ଦ୍ରୀକରଣ ଏବଂ ବୃହତ୍ ଗଣମାଧ୍ୟମ ସଂସ୍ଥା ଗଠନ କରିବା ପାଇଁ ଅନୁମତି ଦେବା ଉଚିତ୍।

ଆନ୍ତର୍ଜାତିକ ସ୍ତରର ବିଶାଳ ଗଣମାଧ୍ୟମ ସଂସ୍ଥା ଗଠନ ହେବାର କାରଣ ହେଲା ଗଣମାଧ୍ୟମ ଉପରେ ଧ୍ୟାନ କେନ୍ଦ୍ରୀକରଣ ଏବଂ କ୍ରସ୍ ମିଡିଆ ମାଲିକାନା । ଆନ୍ତର୍ଜାତିକ ସ୍ତରରେ ଏଭଳି ବୃହତ୍ ସଙ୍ଗଠନ ସୃଷ୍ଟି କରିଥିବା ୬ଟି କମ୍ପାନୀ, ଯେଉଁମାନେ ଗଣମାଧ୍ୟମର ନବେ ପ୍ରତିଶତ ବିଷୟବସ୍ତୁ ରଚନା କରିଥାନ୍ତି। ଆମେରିକାର ମାତ୍ର ୪ଟି କମ୍ପାନୀ କମ୍‌କାଷ୍ଟ, ୨୦ ୱାଲ୍ଟ ଡିଜନୀ, ଟ୍ୱେଣ୍ଟି ଫାଷ୍ଟ ସେଞ୍ଚୁରୀ ଫକ୍ସ/ ନିଉଜ୍ କର୍ପୋରେସନ ଏବଂ ଟାଇମ୍ ୱାର୍ଣ୍ଣର ନିକଟରେ ଏହି ବ୍ୟବସାୟର ୯୦ ପ୍ରତିଶତ ବଜାର ଅଂଶଧନ ରହିଛି।

ଇଂଲଣ୍ଡର ତିନିଟି କମ୍ପାନୀ ଡେଲି ମେଲ୍, ଜେନେରାଲ୍ ଟ୍ରଷ୍ଟଏବଂ ଟ୍ରିନିଟି ମିରର୍ ଜାତୀୟ ଖବରକାଗଜ ପ୍ରସାରଣର ୭୦ ପ୍ରତିଶତକୁ ନିୟନ୍ତ୍ରଣ କରିଥାନ୍ତି। ଅଷ୍ଟ୍ରେଲିଆରେ ୧୯୯୦ ବେଳକୁ ରପେର୍ଟ ମୁର୍ଦ୍ଦୋଚ୍ ମେଟ୍ରୋପଲିଟାନ୍ ଖବରକାଗଜ ପ୍ରସାରଣର ୬୩ ପ୍ରତିଶତକୁ ନିୟନ୍ତ୍ରିତ କରୁଥିଲେ। ନବେ ଦଶକରୁ ମଧ୍ୟ ଏବଂ ବିଳମ୍ବିତ ଭାଗ ଆଡ଼କୁ ଆହୁରି ଊର୍ଦ୍ଧ୍ୱକୁ ଉଠିଥିଲା ଏବଂ ମୁର୍ଦ୍ଦୋଚ୍ ନ୍ୟୁଜ୍ କର୍ପୋରେସନ୍ ତା'ର ସ୍ୟାଟେଲାଇଟ୍ ପ୍ରସାରଣ ସେବା ଆରମ୍ଭ କରିଥିଲା। ଏହି ବ୍ୟବସ୍ଥା ଗଣମାଧ୍ୟମର ବାଦଶାହ, ଯଥା – ରୂପର୍ଟ ମୁର୍ଦ୍ଦୋଚ୍, ସିଲ୍‌ଭିଓ ବେର୍ଲୁସ୍କୋନି, ରେନ୍‌ହାର୍ଡ ମୋନ୍, ଟେଡ୍ ଟର୍ଣ୍ଣର, ହେନ୍‌ରୀ ଲୁସି ଏବଂ ୱାର୍ଣ୍ଣର ଭ୍ରାତାଦ୍ୱୟ ହ୍ୟାରୀ ଏବଂ ଜାଭକଙ୍କୁ ସୃଷ୍ଟି କରିଥିଲା। ଖବର, ମନୋରଞ୍ଜନ ଏବଂ ପ୍ରସାରଣରେ ଏହିମାନେ ଆନ୍ତର୍ଜାତିକ ସ୍ତରରେ ସାମ୍ରାଜ୍ୟ ବିସ୍ତାର କରିଛନ୍ତି।

### ୩.୪.୨.୪: ଊର୍ଦ୍ଧ୍ୱଗାମୀ ଏକୀକରଣ

ଊର୍ଦ୍ଧ୍ୱଗାମୀ ଏକୀକରଣର ଅର୍ଥ ତୁମ କମ୍ପାନୀ ଗଣମାଧ୍ୟମରେ ଶେଷ ଉତ୍ପାଦ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରୁଥିବ, ଯେମିତିକି, ଖବରକାଗଜ ସଂସ୍ଥା କାଗଜ କିମ୍ବା କାଳି ଉତ୍ପାଦନ କରୁଥିବ। ଅନ୍ୟ ଏକ ଉଦାହରଣ ହେଉଛି, ଯେମିତିକି ଚଳଚ୍ଚିତ୍ର କମ୍ପାନୀ ମଧ୍ୟ ବିତରଣ ନେଟୱର୍କ_କିମ୍ବା ଫିଲ୍ମ ଥିଏଟର କାର୍ଯ୍ୟରେ ଜଡ଼ିତ ଥିବ। ଅଧିକାଂଶ ବୃହତ୍ ଗଣମାଧ୍ୟମ ସଙ୍ଗଠନ ପ୍ରାୟ ଊର୍ଦ୍ଧ୍ୱଗାମୀ ଏକୀକରଣରେ ଲିପ୍ତ ରହିଥାନ୍ତି। ଏହାର ଅର୍ଥ ଜଣେ ସମାନ ଢାଞ୍ଚା ଭିତରେ ମତାମତ ଏବଂ କ୍ଷମତାର ଭିନ୍ନତା ଦେଖି ପାରିବ ନାହିଁ। ବଜାରରେ ଏବଂ ବିକ୍ରି ମାଧ୍ୟମରେ କ୍ଷମତାକୁ ବୃଦ୍ଧି କରିବାର ଏହା ଏକ ରଣନୀତି।

### ୩.୪.୨.୫: ଶୃଙ୍ଖଳ ଗଣମାଧ୍ୟମ ମାଲିକାନା

ଏହି ପ୍ରକାରର ମାଲିକାନାରେ ଏକ ଖବରକାଗଜ କମ୍ପାନୀର ଦେଶ ଭିତ୍ତିରେ ବିଭିନ୍ନ ପ୍ରକାଶନ ରହିଥିବ କିମ୍ବା ଏକ ଟେଲିଭିଜନ୍ ଚ୍ୟାନେଲ୍‌ର ଦେଶ ଭିତରେ ନିଜର ଅନେକ ଚ୍ୟାନେଲ୍ ଥିବ। ଏହା ଖବରକାଗଜ, ରେଡିଓ ଷ୍ଟେସନ୍ ଏବଂ ଟେଲିଭିଜନ୍ ଚ୍ୟାନେଲ୍ ଇତ୍ୟାଦିର ଶୃଙ୍ଖଳ ସୃଷ୍ଟି କରିଥାଏ। ଉଦାହରଣ ସ୍ୱରୂପ, ଭାରତରେ ହିନ୍ଦୁସ୍ତାନର ୧୩ଟି ପ୍ରକାଶନ ରହିଛି ଯେଉଁଠି ଏଚ୍‌ଟି ମିଡିଆ ବ୍ୟାନର୍‌ରେ ଖବରକାଗଜ ଛପା ହୋଇଥାଏ। ଏହି ପ୍ରକାରର ଭାଗିଦାରୀତାର ଲାଭ ହେଉଛି ଏହାର ଅର୍ଥ, ପ୍ରଶାସନ ଏବଂ ମାନବ ସମ୍ବଳ କେନ୍ଦ୍ରୀୟ ରୂପରେ ପରିଚାଳିତ ହୋଇଥାଏ, ଯାହା ପରିଚାଳନାର ଖର୍ଚ୍ଚକୁ କମ୍ କରିବା ସହିତ ଉତ୍ତମ ତାଲିମ୍ ବାତାବରଣ, କାର୍ଯ୍ୟ ପରିବେଶ ଏବଂ ଅନ୍ୟାନ୍ୟ ସୁବିଧା ସୃଷ୍ଟି କରିଥାଏ।

## ୩.୫: ଗୋଷ୍ଠୀ ଗଣମାଧ୍ୟମ

ସାମ୍ପ୍ରଦାୟିକ ମାଧ୍ୟମ ଅଧିକ ପରିମାଣରେ ସମ୍ପ୍ରଦାୟକୁ ସେବା ପ୍ରଦାନ କରିଥାଏ ଏବଂ ଏହା ସମ୍ପ୍ରଦାୟର ମାଲିକାନାରେ ଚାଲିଥାଏ। ଏହାକୁ ବୈକଳ୍ପିକ ମାଧ୍ୟମ କିମ୍ବା ସ୍ୱରହୀନଙ୍କ ସ୍ୱର ବୋଲି ଅଭିହିତ କରାଯାଏ। କାରଣ ଏହା ମୁଖ୍ୟସ୍ରୋତ ମାଧ୍ୟମର ପ୍ରଭାବଶାଳୀ ବିଚାରଧାରାଠାରୁ ଭିନ୍ନ କଥା କହେ। ସାମ୍ପ୍ରଦାୟିକ ମାଧ୍ୟମର କିଛି ବୈଶିଷ୍ଟ୍ୟ ହେଉଛି, ଗୋଷ୍ଠୀ ମାଧ୍ୟମ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ଏବଂ ନିୟନ୍ତ୍ରିତ ହୋଇଥାଏ, ଏହା ଗୋଷ୍ଠୀ ସେବା ପାଇଁ ଉଦ୍ଦିଷ୍ଟ, ଏଥିରେ ସାମ୍ପ୍ରଦାୟିକ ଭାଗିଦାରୀତା ରହିଥାଏ ଏବଂ ଏହା ଅଣଲାଭକାରୀ ସଂସ୍ଥା ଭାବେ କାମ କରେ। ଏହା ଉଭୟ ଛାପା ତଥା ପ୍ରସାରଣ ଏବଂ ଅନ୍‌ଲାଇନ୍‌ରେ କାର୍ଯ୍ୟ କରି ପାରିବ। ଗୋଷ୍ଠୀ ମାଧ୍ୟମର ପ୍ରକୃତି ସମ୍ମିଳିତ ଏବଂ ଭାଗିଦାରୀତା ହୋଇଥାଏ ଏବଂ ଅଧିକାଂଶ ବିନା ଲାଭର ଉଦ୍ଦେଶ୍ୟ ରଖି ସ୍ୱେଚ୍ଛାସେବୀ ଭାଗିଦାରୀରେ ଚାଲିଥାନ୍ତି। ଏହାର ସ୍ୱଚ୍ଛ ଏବଂ ନିଷ୍ଠାବାନ ପାଠକ/ ଶ୍ରୋତା/ ଦର୍ଶକ ରହିଥାନ୍ତି। ଏହି ପ୍ରକାରର ମାଧ୍ୟମ ସମ୍ପ୍ରଦାୟର ବିକାଶ ପାଇଁ ତୃଣମୂଳ ସ୍ତରର ମନୋବୃତ୍ତି ସୃଷ୍ଟି କରିବାକୁ ଆହ୍ୱାନ ଦେଇଥାନ୍ତି। ଏହି ସାମ୍ପ୍ରଦାୟିକ ମାଧ୍ୟମର ମୁଖ୍ୟ ଲାଭ ହେଉଛି ଏହା ବୃହତ୍ ମାଧ୍ୟମ ଦ୍ୱାରା ସୃଷ୍ଟି ହୋଇଥିବା ସୂଚନାର ଶୂନ୍ୟସ୍ଥାନକୁ ପୂରଣ କରେ ଏବଂ କୌଣସି ଦେଶର ଶୋଷିତ ବର୍ଗଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରୟାସ କରିଥାଏ।

ଏହା ଏକ ସମ୍ମାନଜନକ ମାଧ୍ୟମର ବାତାବରଣ ସୃଷ୍ଟି କରିଥାଏ ଅର୍ଥାତ୍ ପ୍ରତ୍ୟେକ ନାଗରିକ ଜଣେ ସାମ୍ବାଦିକ ହୋଇ ପାରିବ। ବିଶେଷତଃ ସଙ୍କଟପୂର୍ଣ୍ଣ ଏବଂ ବିବାଦୀୟ ପରିସ୍ଥିତିରେ ଯେଉଁଠାରେ ମନୁଷ୍ୟର ଅଧିକାର ତଥା ଆମ ପରିବେଶର ଅଧିକାର କ୍ଷୁର୍ଣ୍ଣ ହୋଇଥାଏ, ସେଠାରେ ଏହା ଏକ ଅତି ଆବଶ୍ୟକୀୟ ଉପକରଣ ହୋଇଥାଏ। ଏ ସମ୍ପର୍କରେ ଏହା ଆଞ୍ଚଳିକ ଭିତ୍ତିରେ ଖବର ସଂଗ୍ରହ କରି ଲୋକମାନଙ୍କ ଦ୍ୱାରା ସମୀକ୍ଷା ପାଇଁ ନଜରକୁ ଆଣିଥାଏ।

## ୩.୬: ୟୁନିଟ୍ ସାରାଂଶ

ଲୁସି କଙ୍ଗ୍‌ଙ୍କ ଅନୁସାରେ, 'ଗଣମାଧ୍ୟମ ପରିଚାଳନାର ମୂଳ କାର୍ଯ୍ୟ ହେଉଛି ପରିଚାଳନାର ସାଧାରଣ ସୈଦ୍ଧାନ୍ତିକ ଶିକ୍ଷଣ କ୍ଷେତ୍ର ଏବଂ ଗଣମାଧ୍ୟମ ଉଦ୍ୟୋଗର ବୈଶିଷ୍ଟ୍ୟ ମଧ୍ୟରେ ଏକ ସେତୁ ପ୍ରତିଷ୍ଠା କରିବା।' ଗଣମାଧ୍ୟମ ପରିଚାଳନା ହେଉଛି ଉଭୟ କଳା ଏବଂ ବିଜ୍ଞାନ। କୌଣସି ଗଣମାଧ୍ୟମ ସଙ୍ଗଠନର କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଜଣେ ପରିଚାଳନାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝିବା ଉଚିତ୍। ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ପ୍ରକାରର ମାଲିକାନା ଢାଞ୍ଚା ରହିଛି। କିନ୍ତୁ ମୋଟାମୋଟି ଭାବେ ଏହା ସରକାରୀ ନିୟନ୍ତ୍ରିତ କିମ୍ବା ବେସରକାରୀ ନିୟନ୍ତ୍ରିତ ହୋଇଥାଏ। (୧) ଜନ ସେବା ପ୍ରସାରଣ ଏବଂ (୨) ସରକାରଙ୍କ ଦ୍ୱାରା ପରିଚାଳିତ ମାଧ୍ୟମ, ଯେତେବେଳେ କି ବେସରକାରୀ ନିୟନ୍ତ୍ରିତ ମାଧ୍ୟମଗୁଡ଼ିକ ବିଭିନ୍ନ ପ୍ରକାରର ହୋଇଥାଏ, ଯଥା – ଏକକ ମାଲିକାନା, ଏକୀକୃତ ବୃହତ୍ ମାଲିକାନା, କ୍ରସ୍ ମିଡିଆ ମାଲିକାନା ଏବଂ

ଊର୍ଦ୍ଧ୍ୱଗାମୀ ଏକୀକରଣ ଇତ୍ୟାଦି। ଶେଷ ପ୍ରକାରର ମାଧ୍ୟମ ହେଉଛି ଗୋଷ୍ଠୀ ମାଧ୍ୟମ ଯାହା ସ୍ୱରହୀନଙ୍କ ସ୍ୱର ଭାବେ କାର୍ଯ୍ୟ କରିଥାଏ ଏବଂ ସମ୍ପ୍ରଦାୟ ଏବଂ ଦେଶର ବିକାଶ ପାଇଁ କାର୍ଯ୍ୟ କରିଥାଏ।

## ୩.୭: ଆସ ପ୍ରଗତି ମାପିବା

୧. ପରିଚାଳନାର ବୈଶିଷ୍ଟ୍ୟ କ'ଣ ?

------------------------------------------------------------------

------------------------------------------------------------------

--------------------------------

୨. ବର୍ତ୍ତମାନର ପରିଚାଳନାଗତ ଚିନ୍ତାଧାରା ଏବଂ ପ୍ରଥାକୁ ଅନୁସରଣ କରି ପରିଚାଳନା କ'ଣ, ତା'ର ସଂଜ୍ଞା ନିରୂପଣ କର।

------------------------------------------------------------------

------------------------------------------------------------------

--------------------------------

୩. ସରକାରୀ ଏବଂ ବେସରକାରୀ ଗଣମାଧ୍ୟମ ବ୍ୟବସ୍ଥା ମଧ୍ୟରେ ସମାନତା ଏବଂ ଅସମାନତା ସମ୍ପର୍କରେ ଉଲ୍ଲେଖ କର।

------------------------------------------------------------------

------------------------------------------------------------------

--------------------------------

୪. ଗଣମାଧ୍ୟମ ସଙ୍ଗଠନର କ୍ରସ୍ ମିଡିଆ ମାଲିକାନା କ'ଣ ବର୍ଣ୍ଣନା କର।

------------------------------------------------------------------

------------------------------------------------------------------

--------------------------------

୫. ବିକାଶଶୀଳ ଦେଶରେ ଗୋଷ୍ଠୀ ଗଣମାଧ୍ୟମ ଆବଶ୍ୟକତା କ'ଣ ?

------------------------------------------------------------------

------------------------------------------------------------------

--------------------------------

## ୟୁନିଟ୍-୪: ଗଣମାଧ୍ୟମ ସଙ୍ଗଠନର ପାରିବେଶିକ ବ୍ୟବସ୍ଥା

### ୪.୦: ବିଷୟର ଗଠନ

୪.୧: ପଠନର ଉଦ୍ଦେଶ୍ୟ
୪.୨: ବିଷୟ ପରିଚୟ
୪.୩: ଗଣମାଧ୍ୟମ ଏବଂ ଏହାର ପାରିବେଶିକ ବ୍ୟବସ୍ଥା
୪.୩.୧: ଗଣମାଧ୍ୟମ ଚାରିପଟେ ଥିବା ପାରିବେଶିକ ବ୍ୟବସ୍ଥାର ପ୍ରକାର
୪.୩.୨: ପାରିବେଶିକ ବ୍ୟବସ୍ଥା ଉପରେ ଗଣମାଧ୍ୟମର ପାରସ୍ପରିକ ନିର୍ଭରଶୀଳତା
୪.୪: ୟୁନିଟ୍ ସାରାଂଶ
୪.୫: ଆସ ପ୍ରଗତି ମାପିବା

### ୪.୧: ପଠନର ଉଦ୍ଦେଶ୍ୟ

ଏହି ଏକକର ଉଦ୍ଦେଶ୍ୟ ହେଉଛି, ଯେଉଁ ପାରିବେଶିକ ବ୍ୟବସ୍ଥା ଭିତରେ ଗଣମାଧ୍ୟମ ସଙ୍ଗଠନ ସମୂହ କାର୍ଯ୍ୟ କରିଥାଏ, ତାହାକୁ ବୁଝିବା। ଗଣମାଧ୍ୟମ ଯେଉଁ ବିଭିନ୍ନ ବ୍ୟବସ୍ଥା ଉପରେ ନିର୍ଭର କରିଥାଏ, ଏହା ସେସବୁକୁ ମଧ୍ୟ ରୂପ ଦେଇଥାଏ ଏବଂ ଚିହ୍ନଟ କରିଥାଏ।

ଏହି ଏକକକୁ ପଢ଼ି ସାରିବା ପରେ ଆପଣମାନେ ବୁଝିବାକୁ ସକ୍ଷମ ହେବେ:

- ଗଣମାଧ୍ୟମ ଚାରି ପାଖରେ ରହିଥିବା ପାରିବେଶିକ ପ୍ରକ୍ରିୟାର ପ୍ରକାର
- ପାରିବେଶିକ ବ୍ୟବସ୍ଥା ଉପରେ ଗଣମାଧ୍ୟମର ନିର୍ଭରଶୀଳତା।

### ୪.୨: ବିଷୟ ପରିଚୟ

ଅନ୍ୟ ସମସ୍ତ ସଙ୍ଗଠନ ଭଳି ଗଣମାଧ୍ୟମ ସଙ୍ଗଠନ ମଧ୍ୟ ତା'ର କାର୍ଯ୍ୟକାରିତା ପାଇଁ ବିଭିନ୍ନ ଅନ୍ୟ ସଂସ୍ଥାଗୁଡ଼ିକ ଉପରେ ନିର୍ଭରଶୀଳ କିମ୍ବା ପାରସ୍ପରିକ ରୂପରେ ନିର୍ଭରଶୀଳ ହୋଇଥାଏ। ଏକ ଦେଶର ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥା ପ୍ରତି ଗଣମାଧ୍ୟମ ଅଧିକ ପରିମାଣରେ ଗୁରୁତ୍ୱ ଦେଇଥାଏ। ଏହା ତା'ର ବଳ ତଥା ଦୁର୍ବଳତାକୁ ଏହିସବୁ ବ୍ୟବସ୍ଥାରୁ ଗ୍ରହଣ କରିଥାଏ ଏବଂ ସେମାନଙ୍କର ସକାରାତ୍ମକ ଏବଂ ନକାରାତ୍ମକ ଧାରାକୁ ପ୍ରତିଫଳିତ କରିଥାଏ। ତେଣୁ ଯେଉଁ ପାରିବେଶିକ ପରିସ୍ଥିତିରେ ଗଣମାଧ୍ୟମ ସଙ୍ଗଠନ କାର୍ଯ୍ୟ କରିଥାଏ, ତାକୁ ବୁଝିବା ଏବଂ ସେମାନେ କିପରି ଗଣମାଧ୍ୟମର କାର୍ଯ୍ୟକୁ ପ୍ରଭାବିତ କରିବେ, ତାହା ଗଣମାଧ୍ୟମ ପରିଚାଳକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ପିଟର ଡ୍ରକର(୧୯୯୯) କହିଥିଲେ, 'ଜଣେ ପରିବର୍ତ୍ତନକୁ ପରିଚାଳନା କରି ପାରିବ ନାହିଁ, କିନ୍ତୁ ନିଶ୍ଚିତ ରୂପେ ପରିବର୍ତ୍ତନ ସହିତ ଆଗକୁ ବଢ଼ି ପାରିବ।'

ଗଣମାଧ୍ୟମର ପାରିବେଶିକ ବ୍ୟବସ୍ଥାକୁ ବହୁତ ଭଲରେ ଜାଣିବା ଗଣମାଧ୍ୟମର ପରିଚାଳକମାନଙ୍କୁ ଯେ କୌଣସି ପରିବର୍ତ୍ତନର ଆଗରେ ରହିବାରେ ସାହାଯ୍ୟ କରିଥାଏ ଯାହା ଗଣମାଧ୍ୟମର ଅସ୍ତିତ୍ୱ ଏବଂ କାର୍ଯ୍ୟକୁ ପ୍ରଭାବିତ କରିଥାଏ।

ଏହିପରି ପ୍ରଥମେ, ଗଣମାଧ୍ୟମ ପାରିବେଶିକ ବ୍ୟବସ୍ଥାର ବିଭିନ୍ନ ସଙ୍ଗଠନ ଯେଉଁମାନେ ପରସ୍ପର ଉପରେ ନିର୍ଭରଶୀଳ ସେଗୁଡ଼ିକ ସମ୍ପର୍କରେ ଆମେମାନେ ଜାଣିବା ଦରକାର। ଗଣମାଧ୍ୟମ ପରିଚାଳକ ସମୂହ ଏହା ମଧ୍ୟ ଜାଣିବା ଦରକାର କେତେ ପରିମାଣରେ ଏବଂ କେଉଁ ଢଙ୍ଗରେ ଏହା ପାରିବେଶିକ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ବିଭିନ୍ନ ଗଣମାଧ୍ୟମ ସଙ୍ଗଠନରେ ସେମାନଙ୍କର ନିଜସ୍ୱ କାର୍ଯ୍ୟଧାରା ଏବଂ ବୈଶିଷ୍ଟ୍ୟ ଅନୁସାରେ ବିଭିନ୍ନ ପ୍ରକାରର ପାରିବେଶିକ ବ୍ୟବସ୍ଥା ରହିଥାଏ, ଯଦିଓ କିଛି କମ୍ ବେଶୀ ହୋଇ ଯାଇପାରେ। ସେହି କାରଣରୁ, ଏହି ଏକକରେ ଆମେ ସେହି ପାରିବେଶିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛୁ, ଯାହା କି ଗଣମାଧ୍ୟମରେ ତିଷ୍ଠି ରହିଛି ଏବଂ ଗଣମାଧ୍ୟମ ଯେଉଁ ଢଙ୍ଗରେ ସେମାନଙ୍କ ଉପରେ ନିର୍ଭର କରିଥାଏ। ଆମେମାନେ ମଧ୍ୟ ଏହା ଉପରେ ଆଲୋକପାତ କରିବାକୁ ଚେଷ୍ଟା କରିଛୁ ଯେ ଗଣମାଧ୍ୟମ କିପରି ତିଷ୍ଠି ରହିଥିବା ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥାର ଅଂଶ ହୋଇ ପାରିଛି, ଯାହା ଗଣମାଧ୍ୟମକୁ ଆକାର ପ୍ରଦାନ କରିଥାଏ ଏବଂ ନିଜକୁ ଉତ୍ତମ ଆକାର ଦେବା ପାଇଁ ଗଣମାଧ୍ୟମଠାରୁ ମଧ୍ୟ ମତାମତ ପାଇଥାଏ।

## ୪.୩: ଗଣମାଧ୍ୟମ ଏବଂ ଏହାର ପାରିବେଶିକ ବ୍ୟବସ୍ଥା

ସମସ୍ତ ପ୍ରକାର ସଙ୍ଗଠନ ଏକ ପାରିବେଶିକ ବ୍ୟବସ୍ଥା ମଧ୍ୟରେ କାର୍ଯ୍ୟ କରିଥାନ୍ତି ଏବଂ ସୂଚାରୁ ରୂପେ କାର୍ଯ୍ୟ କରିବା ପାଇଁ ନିଜସ୍ୱ ପାରିବେଶିକ ବ୍ୟବସ୍ଥାକୁ ତିଆରି କରିଥାନ୍ତି। ଗଣମାଧ୍ୟମ ସଙ୍ଗଠନ ଏଥିରୁ ଅଲଗା ନୁହେଁ। ସାଧାରଣ ଅର୍ଥରେ ଦେଖିବାକୁ ଗଲେ ପାରିବେଶିକ ବ୍ୟବସ୍ଥାର ଅର୍ଥ ବିଭିନ୍ନ ସଙ୍ଗଠନ ବ୍ୟବସ୍ଥା ଯାହା କେନ୍ଦ୍ରୀୟ ସଙ୍ଗଠନ ସହିତ ସମ୍ପର୍କିତ, ପରସ୍ପର ଉପରେ ନିର୍ଭରଶୀଳ ଏବଂ କେନ୍ଦ୍ରୀୟ ସଙ୍ଗଠନ ପାଇଁ ବାତାବରଣ ସୃଷ୍ଟି କରିଥାଏ, ତାହାର ସଂଯୋଜିତ ପରିଚାଳନା ବ୍ୟବସ୍ଥା। ଯେ କୌଣସି ଗଣମାଧ୍ୟମ ସଙ୍ଗଠନ ନିମନ୍ତେ ଅନ୍ତ ଏବଂ ବର୍ହି ପାରିବେଶିକ ବ୍ୟବସ୍ଥା ଉତ୍ପାଦନ ଏବଂ ଗଣମାଧ୍ୟମର ସୂଚନାକୁ ପ୍ରସାରିତ କରିଥାଏ, ବର୍ହି ପାରିବେଶିକ ବ୍ୟବସ୍ଥା ଏଭଳି ଏକ ବାତାବରଣ ସୃଷ୍ଟି କରିଥାଏ ଯେଉଁଠାରେ ଏହି ସୂଚନା ଲୋକମାନଙ୍କ ଦ୍ୱାରା ଗୃହୀତ ହୋଇଥାଏ କିମ୍ବା ପ୍ରତ୍ୟାଖ୍ୟାତ ହୋଇଥାଏ। ଗଣମାଧ୍ୟମର ଅନ୍ତ ପାରିବେଶିକ ବ୍ୟବସ୍ଥା ଅନେକ ସହ – ବିଭାଗ, ଯଥା – ସମ୍ପାଦକୀୟ ବିଭାଗ, ଖବର ସଂଗ୍ରହ ବିଭାଗ, ଉତ୍ପାଦନ ବିଭାଗ, ପ୍ରଶାସନିକ ବିଭାଗ, ଫଟୋ ବିଭାଗ, କମ୍ପ୍ୟୁଟର ବିଭାଗ, ଯାହା ସଙ୍ଗଠନର ଆକାର ଉପରେ ନିର୍ଭରଶୀଳ, ଇତ୍ୟାଦିକୁ ନେଇ ଗଠିତ। ଏହି ସମସ୍ତ ଅନ୍ତ ବ୍ୟବସ୍ଥା ଗଣମାଧ୍ୟମ ସଙ୍ଗଠନର ଅସ୍ତିତ୍ୱକୁ ବଜାୟ ରଖିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିଥାନ୍ତି। ଗଣମାଧ୍ୟମ ଅନ୍ତ ପାରିବେଶିକ ବ୍ୟବସ୍ଥାର କିଛି ସହ-ବିଭାଗକୁ ଛବିରେ ପ୍ରଦର୍ଶିତ କରାଯାଇଛି। ଏହି ସହ–ବିଭାଗଗୁଡ଼ିକ ଏକତ୍ର ମିଳିତ ହୋଇ ଯେଉଁ ସଂସ୍ଥାର ଭୌତିକ ଢାଞ୍ଚାକୁ ପ୍ରସ୍ତୁତ କରିଥାନ୍ତି, ତାହାକୁ ଗଣମାଧ୍ୟମ ସଙ୍ଗଠନ କୁହାଯାଏ।




**ଚିତ୍ର- ଗଣମାଧ୍ୟମର ଅର୍ନ୍ତ ପାରିବେଶିକ ବ୍ୟବସ୍ଥା**

ତେଣୁ, ପାଠ୍ୟକ୍ରମର ଅନ୍ୟ ବ୍ଲକ୍‌ରେ ଏହା ଯେହେତୁ ଏକ ବିଷୟ ରୂପେ ପଢ଼ାଯାଉଛି ଆମେ ଅର୍ନ୍ତ ପାରିବେଶିକ ବ୍ୟବସ୍ଥା ସମ୍ପର୍କରେ ଏଠାରେ ବିସ୍ତାରରେ ଆଲୋଚନା କରିବା ନାହିଁ। ଏଠାରେ ଆମେ ବର୍ହି ପାରିବେଶିକ ବ୍ୟବସ୍ଥା ଯାହା ଭିତରେ ଗଣମାଧ୍ୟମ କାର୍ଯ୍ୟ କରିଥାଏ, ତାହାର ଦୀର୍ଘତା ସମ୍ପର୍କରେ କଥା ହେବା।

## ୪.୩.୧: ଗଣମାଧ୍ୟମ ଚାରିପଟେ ତିଷ୍ଠିଥିବା ପାରିବେଶିକ ବ୍ୟବସ୍ଥାର ପ୍ରକାର

ଗଣମାଧ୍ୟମ ପରିଚାଳନା ସମ୍ପର୍କରେ ଅଧ୍ୟୟନ କରିବା ସମୟରେ ଜଣେ ନିଶ୍ଚିତ ରୂପେ ଗଣମାଧ୍ୟମ ସଙ୍ଗଠନ ଯେଉଁ ବାତାବରଣ ଭିତରେ କାର୍ଯ୍ୟ କରିଥାଏ, ତାହାକୁ ବୁଝିବା ଆବଶ୍ୟକ। ଏଠାରେ ପରିଚାଳନାର ବ୍ୟବସ୍ଥାଗତ ସିଦ୍ଧାନ୍ତ ସମ୍ପର୍କରେ, ଯାହାର ଆଭିମୁଖ୍ୟ ସଙ୍ଗଠନର ପରିଚାଳନାକୁ ଏକ ବୃହତ୍ ପରିପ୍ରେକ୍ଷୀରେ ଦେଖିଥାଏ, ସେ ସମ୍ପର୍କରେ ଆଲୋଚନା କରିବା ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ସବୁ ସଙ୍ଗଠନ ସମାନ ପ୍ରକାର କାର୍ଯ୍ୟ, ଯଥା– ସମ୍ବଳ ସୃଷ୍ଟି କରିବା, ଉତ୍ପାଦନ, ବିତରଣ, ସଂଗ୍ରହ କରିବା ଭଳି କାର୍ଯ୍ୟରେ ଲିପ୍ତ ରହିଥାନ୍ତି ଏବଂ ଅନେକ ସଙ୍ଗଠନ ଏହି କାର୍ଯ୍ୟରେ ଜଡ଼ିତ ରହି ଯେଉଁ ପରିବେଶରେ ସଙ୍ଗଠନ କାର୍ଯ୍ୟ କରିଥାଏ, ସେହି ପରିବେଶକୁ ସୃଷ୍ଟି କରିଥାନ୍ତି। ଏହିପରି ସଙ୍ଗଠନ ଭିନ୍ନ ହୋଇ କାର୍ଯ୍ୟ କରି ନଥାଏ, ଅନେକାଂଶରେ ତାହା ପାରିବେଶିକ ବ୍ୟବସ୍ଥାରେ ତିଷ୍ଠି ରହିଥିବା ଅନ୍ୟାନ୍ୟ ସଙ୍ଗଠନ ସହିତ ମିଳିମିଶି କାର୍ଯ୍ୟ କରିଥାଏ। ଏହି ପାରିବେଶିକ ବ୍ୟବସ୍ଥାକୁ ଚତୁରତାର ସହିତ ଚିହ୍ନଟ କରିବା ଏବଂ ବୁଝିବା ବହୁତ ଗୁରୁତ୍ୱପୂର୍ଣ୍ଣ, କାରଣ କୌଣସି ହେଲେ ସଙ୍ଗଠନ ବେଶୀ କଷ୍ଟ ନ ଉଠାଇ ଏହାର ଅର୍ନ୍ତ ପାରିବେଶିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରି ପାରିବ, କିନ୍ତୁ ବର୍ହି ପାରିବେଶିକ ବ୍ୟବସ୍ଥା ଉପରେ ଏହାର ନିୟନ୍ତ୍ରଣ ନ ଥାଏ ଯେ ପାରିବେଶିକ ବ୍ୟବସ୍ଥାର ଅଂଶଗୁଡ଼ିକ କିପରି ପ୍ରତିକ୍ରିୟା ପ୍ରକାଶ କରିବେ ବା ନ କରିବେ।

ଗଣମାଧ୍ୟମ କ୍ଷେତ୍ରରେ ମଧ୍ୟ ସେହି ସମାନ କଥା ଘଟିଥାଏ। ଗଣମାଧ୍ୟମ କିଛି ସଙ୍ଗଠନ ସମୂହ, ସରକାରୀ ବ୍ୟବସ୍ଥା, ସାମାଜିକ ସଙ୍ଗଠନ କିମ୍ବା ରାଜନୈତିକ ବାତାବରଣ ଦ୍ୱାରା ପ୍ରସ୍ତୁତ ପାରିବେଶିକ ବ୍ୟବସ୍ଥା ଭିତରେ କାର୍ଯ୍ୟ କରିଥାଏ, ଯାହା ଗଣମାଧ୍ୟମକୁ ବିଭିନ୍ନ ଉପାୟରେ ପ୍ରଭାବିତ କରିଥାଏ ଏବଂ ଗଣମାଧ୍ୟମ ଦ୍ୱାରା ପ୍ରଭାବିତ ହୋଇଥାଏ। ତେଣୁ ବିଭିନ୍ନ ଗଣମାଧ୍ୟମର ପାରିବେଶିକ ବ୍ୟବସ୍ଥା ଭିନ୍ନ ଭିନ୍ନ ହୋଇଥାଏ, ଯେମିତି ଛାପା ଗଣମାଧ୍ୟମର ପାରିବେଶିକ ବ୍ୟବସ୍ଥା ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମର ପାରିବେଶିକ କ୍ଷମତାଠାରୁ ଭିନ୍ନ ହୋଇଥାଏ। କିନ୍ତୁ ଯଦି ଆମେ ସ୍ୱତନ୍ତ୍ର ପାରିବେଶିକ କ୍ଷମତା ସମ୍ପର୍କରେ କଥା ନ ହେବା, ମୁଖ୍ୟତଃ ଗଣମାଧ୍ୟମର ପାରିବେଶିକ ବ୍ୟବସ୍ଥା ଅନ୍‌ଲାଇନ୍ ମାଧ୍ୟମଠାରୁ ଭିନ୍ନ ହୋଇଥାଏ। କିନ୍ତୁ ଯଦି ଆମେ ସ୍ୱତନ୍ତ୍ର ପାରିବେଶିକ ବ୍ୟବସ୍ଥା ବିଷୟରେ କଥା ନ ହେବା, ମୁଖ୍ୟତଃ ଗଣମାଧ୍ୟମର ପାରିବେଶିକ ବ୍ୟବସ୍ଥା ଚାରିଟି ବ୍ୟବସ୍ଥା, ଯଥା – ରାଜନୀତି, ଅର୍ଥନୀତି, ସାମାଜିକ ଏବଂ ବୈଷୟିକ(ପିଇଏସ୍‌ଟି) ବ୍ୟବସ୍ଥା ଦ୍ୱାରା ପରିବେଷ୍ଟିତ ହୋଇ ରହିଥାଏ। ଗଣମାଧ୍ୟମର ପାରିବେଶିକ ବ୍ୟବସ୍ଥା ପିଇଏସ୍‌ଟିର ସୀମା ମଧ୍ୟରେ ରହିଥାଏ, କାରଣ ଅର୍ନ୍ତ ଅନୁଶାସନ ହେଉଛି ଗଣମାଧ୍ୟମର ସୁସ୍ପଷ୍ଟ ବୈଶିଷ୍ଟ୍ୟ। ଏହାର ଯେ କୌଣସି ଦେଶର ସାମାଜିକ ବ୍ୟବସ୍ଥା, ଆର୍ଥିକ ବ୍ୟବସ୍ଥା, ରାଜନୈତିକ ବ୍ୟବସ୍ଥା ଏବଂ ଉନ୍ନତ ବୈଷୟିକ/ ପ୍ରଯୁକ୍ତି କୌଶଳ ସହିତ ସିଧାସଳଖ ସମ୍ପର୍କ ରହିଥାଏ। ସେହି କାରଣରୁ ବିଭିନ୍ନ ପ୍ରକାର ଅଧ୍ୟୟନ କରାଯାଉଥିବା ବିଷୟ ଗଣମାଧ୍ୟମ ଅଧ୍ୟୟନ ସହିତ ସମ୍ପର୍କିତ, ଯଥା – ଗଣମାଧ୍ୟମ, ସମାଜ ତତ୍ତ୍ୱ, ଗଣମାଧ୍ୟମ ଅର୍ଥନୀତି ଏବଂ ନିହାତି ଭାବେ ଗଣମାଧ୍ୟମ ପରିଚାଳନା। ଏହିପରି ଗଣମାଧ୍ୟମର ବାହ୍ୟ ପାରିବେଶିକ ବ୍ୟବସ୍ଥାକୁ ବିସ୍ତୃତ ରୂପରେ ଛବି ରେ ନିମ୍ନରେ ଦର୍ଶାଯାଇଛି।




**ଗଣମାଧ୍ୟମର ବାହ୍ୟ ପାରିବେଶିକ ବ୍ୟବସ୍ଥା**

## ରାଜନୈତିକ ପାରିବେଶିକ ବ୍ୟବସ୍ଥା:

ଯେ କୌଣସି ଦେଶ, ରାଜ୍ୟ ଏବଂ ଅଞ୍ଚଳର ରାଜନୈତିକ ବ୍ୟବସ୍ଥା ଗଣମାଧ୍ୟମକୁ ଗଭୀର ଭାବେ ପ୍ରଭାବିତ କରିଥାଏ। ଭାରତ ଭଳି ଏକ ରାଷ୍ଟ୍ର ଯିଏକି ସ୍ୱାଭାବିକ ରୂପରେ ଗଣତାନ୍ତ୍ରିକ ଏବଂ ରାଜନୈତିକ ଦୃଷ୍ଟିକୋଣରୁ ଶକ୍ତିଶାଳୀ, ବିଭିନ୍ନ ଉପାୟରେ ଗଣମାଧ୍ୟମ ବ୍ୟବସ୍ଥାକୁ ପ୍ରଭାବିତ କରିପାରେ। ଗଣମାଧ୍ୟମ ଉପରେ ରାଜନୈତିକ କ୍ଷମତାର ପ୍ରଭାବକୁ ଦେଶ ୭୦ ବର୍ଷ ତଳେ ସ୍ୱାଧୀନ ହେବା ପରଠାରୁ ବିଭିନ୍ନ ଘଟଣା ଆକାରରେ ଦେଖି ଆସିଛି ଏବଂ ସବୁଠାରୁ ଶକ୍ତିଶାଳୀ ଅବସର ୧୯୭୫ରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଦେଖିବାକୁ ମିଳିଥିଲା, ଯେତେବେଳେ ଗଣମାଧ୍ୟମ ରାଜନୈତିକ ନେତୃତ୍ୱ ବିରୋଧରେ କିଛି ଲେଖି ପାରିବ ନାହିଁ ବୋଲି ନିଷେଧ କରାଯାଇଥିଲା। ଏହା ବ୍ୟତୀତ ଗଣମାଧ୍ୟମ ଉପରେ ରାଜନୈତିକ କ୍ଷମତାର ପ୍ରଭାବ ସମ୍ପର୍କରେ ଏମିତି ଅନେକ ଉଦାହରଣ ରହିଛି ଯେତେବେଳେକି ଗଣମାଧ୍ୟମ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ରାଜନୈତିକ ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ହୋଇ ଆସିଛି। ପୂର୍ବ କାଳରେ ନ୍ୟୁଜ୍ ପ୍ରିଣ୍ଟ୍(ଯେଉଁ କାଗଜ ଉପରେ ଖବରକାଗଜ ଛପାଯାଏ) ବିଦେଶରୁ ଆମଦାନୀ କରିବା ପାଇଁ ଅନୁମତି ନ ଥିଲା ଏବଂ ସରକାରଙ୍କ ତରଫରୁ ଖବରକାଗଜକୁ ରାସନ୍(ପଢ଼ି ହିସାବରେ ଦିଆଯିବା ସାମଗ୍ରୀ) ଭାବେ ନ୍ୟୁଜ୍ ପ୍ରିଣ୍ଟ୍ ଦିଆ ଯାଉଥିଲା। ତେଣୁ ଖବରକାଗଜ ମାଲିକମାନେ ନ୍ୟୁଜ୍ ପ୍ରିଣ୍ଟ୍ ପାଇଁ ଏବଂ ତିଷ୍ଠି ରହିବା ପାଇଁ ଅତ୍ୟଧିକ ପରିମାଣରେ ସରକାରଙ୍କ ଉପରେ ନିର୍ଭର କରୁଥିଲେ। ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥା ଲୋପ ପାଇ ଯାଇଥିଲା ଏବଂ ଖବରକାଗଜ ସଂସ୍ଥା ବିଦେଶରୁ ନ୍ୟୁଜ୍ ପ୍ରିଣ୍ଟ୍ ଆମଦାନୀ କରିବାକୁ ଅନୁମତି ପାଇଥିଲେ ଯାହା କି ପରିସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆଣି ପାରିଥିଲା। ତଥାପି, ନ୍ୟୁଜ୍‌ପ୍ରିଣ୍ଟ୍ ଆବଣ୍ଟନ ବ୍ୟତୀତ ଗଣମାଧ୍ୟମ ଆହୁରି ଅନେକ ପ୍ରସଙ୍ଗ ଏବଂ ବ୍ୟବସାୟ ସରକାରଙ୍କ ସହିତ କରିଥାଏ, ଯେମିତିକି ବିଜ୍ଞାପନ। ଏବେ ବି ସରକାରୀ ବିଜ୍ଞାପନ ଅନେକ ଗଣମାଧ୍ୟମ ସଂସ୍ଥା ବିଶେଷ କ୍ଷେତ୍ରୀୟ, ଆଞ୍ଚଳିକ ସଂସ୍ଥା ପାଇଁ ଆୟର ଏକ ବଡ଼ ଉତ୍ସ ହୋଇ ରହିଛି। ଅଧିକାଂଶ ସମୟରେ ଏହା ମଧ୍ୟ ଦୋଷାରୋପ କରାଯାଏ ଯେ ଗଣମାଧ୍ୟମ ସରକାରୀ ବିଜ୍ଞାପନ ପାଇବା ପାଇଁ ନିଜର କୃତଜ୍ଞତା ପ୍ରକାଶ କରିବାକୁ ଯାଇ ସରକାରଙ୍କ ସମାଲୋଚନା କରେନାହିଁ। ଏହା ବ୍ୟତୀତ, ଗଣମାଧ୍ୟମ ନିୟମ ସରକାରଙ୍କ ଦ୍ୱାରା ତିଆରି ହେବା, ଟେଲିଭିଜନ୍ ଚ୍ୟାନେଲ୍ , ରେଡିଓ ଷ୍ଟେସନ୍ ଏବଂ ଖବରକାଗଜ ଚଳାଇବା ପାଇଁ ଅନୁମତି ଦେବା ଏବଂ ରାଜନୈତିକ କ୍ଷମତାର ସିଧାସଳଖ ପ୍ରଭାବରେ କିଛି ଗଣମାଧ୍ୟମକୁ ପ୍ରଦାନ କରାଯାଇଥାଏ। ଏହା ମୁଖ୍ୟତଃ ସରକାରଙ୍କ ହାତରେ ଥାଏ। ତେଣୁ ସାଧାରଣତଃ ଏକ ଗଣମାଧ୍ୟମ ସରକାରଙ୍କୁ ମୁକାବିଲା କରିବା ପରିବର୍ତ୍ତେ ତୁଷ୍ଟ କରିବାକୁ ଚେଷ୍ଟା କରିଥାଏ। ରାଜନୈତିକ ବାତାବରଣ (ଅର୍ଥାତ୍ ସରକାରୀ ନିୟନ୍ତ୍ରଣ ଅଧୀନ) ଭିତରେ କିଛି ବିଶେଷ ସଙ୍ଗଠନ, ମନ୍ତ୍ରଣାଳୟ ଏବଂ ବିଭାଗ ଏହା ଚାରି ପାଖରେ ଘୂରୁଥାଏ ଏବଂ ଏହା ସହିତ ସିଧାସଳଖ ସମ୍ପର୍କିତ ଥାଏ।

- ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
- ଯୋଗାଯୋଗ ମନ୍ତ୍ରଣାଳୟ

- ଭାରତୀୟ ଖବରକାଗଜ ରେଜିଷ୍ଟ୍ରାର୍
- ପତ୍ର ସୂଚନା କାର୍ଯ୍ୟାଳୟ
- ଫଟୋ ବିଭାଗ
- ଅନୁସନ୍ଧାନ ସନ୍ଦର୍ଭ ଏବଂ ତାଲିମ୍ ବିଭାଗ
- ପ୍ରକାଶନ ବିଭାଗ
- ଭାରତୀୟ ପ୍ରେସ୍ କାଉନସିଲ୍ (ପରିଷଦ)
- ଜାତୀୟ ଗ୍ରନ୍ଥାଗାର
- ଚଳଚ୍ଚିତ୍ର ବିଭାଗ
- ଚଳଚ୍ଚିତ୍ର ପ୍ରମାଣପତ୍ର କେନ୍ଦ୍ରୀୟ ବୋର୍ଡ
- ଭାରତୀୟ ଜାତୀୟ ଚଳଚ୍ଚିତ୍ର ଅଭିଲେଖାଗାର
- ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ
- ଚଳଚ୍ଚିତ୍ର ମହୋତ୍ସବ ନିର୍ଦ୍ଦେଶାଳୟ
- ଶିଶୁ ଓ ଯୁବ ଜାତୀୟ ଚଳଚ୍ଚିତ୍ର କେନ୍ଦ୍ର
- ବିଜ୍ଞାପନ ଏବଂ ଦୃଶ୍ୟ ପ୍ରଚାର ନିର୍ଦ୍ଦେଶାଳୟ (ଡିଏଭିପି)
- କ୍ଷେତ୍ର ପ୍ରଚାର ନିର୍ଦ୍ଦେଶାଳୟ
- ସଙ୍ଗୀତ ଏବଂ ନାଟକ ବିଭାଗ
- ଅଲ୍ ଇଣ୍ଡିଆ ରେଡିଓ
- ଦୂରଦର୍ଶନ
- ଭାରତୀୟ ଗଣ ଯୋଗାଯୋଗ ସଂସ୍ଥା

- ଭାରତୀୟ ଚଳଚ୍ଚିତ୍ର ଏବଂ ଟେଲିଭିଜନ୍ ସଂସ୍ଥା

- ସତ୍ୟଜିତ୍ ରାୟ ଚଳଚ୍ଚିତ୍ର ଏବଂ ଟେଲିଭିଜନ୍ ସଂସ୍ଥା

**ଅର୍ଥନୈତିକ ପାରିବେଶିକ ବ୍ୟବସ୍ଥା:**

ଯେହେତୁ ଗଣମାଧ୍ୟମ ଏକ ଉଦ୍ୟୋଗ ଯାହା ଦେଶର ମୋଟ୍ ଘରୋଇ ଉତ୍ପାଦକୁ ଅବଦାନ ଦେଉଛି, ତେଣୁ ସ୍ୱାଭାବିକ ଭାବେ ଦେଶର ଅର୍ଥନୈତିକ ଅବସ୍ଥା ମଧ୍ୟ ଏହାକୁ ପ୍ରଭାବିତ କରିଥାଏ। ସମସ୍ତ ଅର୍ଥନୈତିକ ନିୟମ, ନିଷ୍ପତ୍ତି, ସଂସ୍ଥା, ନିୟାମକ ଗଣମାଧ୍ୟମକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରଭାବିତ କରି ଆସୁଛନ୍ତି। ଆମେମାନେ ଦେଖିଛେ ୧୯୯୦ ଦଶକ ପରେ ଅର୍ଥନୈତିକ ଉଦାରୀକରଣ ଭାରତରେ ଗଣମାଧ୍ୟମ ଉଦ୍ୟୋଗର ଦୃଶପଟ୍ଟରେ କିଭଳି ପରିବର୍ତ୍ତନ ଆଣିଛି। ଅଧିକ ପରିମାଣରେ ଖବର ପ୍ରସାରଣକାରୀ ସଂସ୍ଥା(ନ୍ୟୁଜ୍ ଚ୍ୟାନେଲ୍ ) ଖୋଲା ହୋଇଛି ଏବଂ ଆନ୍ତର୍ଜାତିକ ସ୍ତରର ଲେଖା ଏବଂ ଉତ୍ପାଦନରେ ଏହା ସମୃଦ୍ଧ ହୋଇଛି। ଖବରକାଗଜର ସମ୍ପୂର୍ଣ୍ଣ ବ୍ୟବସାୟ ଦୃଶ୍ୟପଟ୍ଟ ମଧ୍ୟ ପରିବର୍ତ୍ତିତ ହୋଇଛି। ଏହି ପରିବର୍ତ୍ତନ ଟାଇମ୍ସ ଅଫ୍ ଇଣ୍ଡିଆ ଯୋଗୁଁ ହୋଇଛି ବୋଲି ସମାଲୋଚକମାନେ ମତ ଦେଇଥାନ୍ତି। ଗଣମାଧ୍ୟମ ସଂସ୍ଥାର ମାଲିକମାନଙ୍କର ଧ୍ୟାନ ଅଧିକ ଲାଭ ଏବଂ ରାଜସ୍ୱ ପାଇଁ ଲେଖାରୁ ବିଜ୍ଞାପନକୁ ପରିବର୍ତ୍ତିତ ହୋଇଛି। ଦେଶରେ ପରିବର୍ତ୍ତିତ ଅର୍ଥନୈତିକ ପରିବେଶ ଏବଂ ଭାରତରେ ନିବେଶ ପାଇଁ ବିଶ୍ୱ ବଜାରକୁ ଖୋଲି ଦିଆଯିବାରୁ ଏହା ହୋଇଛି। ସମୁଦାୟ ଅର୍ଥନୀତି ମିଶ୍ରିତ ଅର୍ଥନୀତିରୁ ପୁଞ୍ଜିବାଦ ଅର୍ଥନୀତିକୁ ପରିବର୍ତ୍ତିତ ହୋଇଛି। ତେଣୁ ବାଣିଜ୍ୟିକ ଏବଂ ବ୍ୟବସାୟ ଜଗତ ପାଇଁ ଅଧିକ ଲାଭ କରିବାର ସୁଯୋଗ ସୃଷ୍ଟି କରିଛି ଏବଂ ଗଣମାଧ୍ୟମ ଉଦ୍ୟୋଗ ଅଧିକ ସମ୍ପ୍ରସାରିତ ହୋଇଛି। ଯଦିଓ ଏହା ପୂର୍ବରୁ ଅନେକ ଖବରକାଗଜ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ସଙ୍ଗଠନ ବ୍ୟବସାୟିକ ସଂସ୍ଥାର ମାଲିକାନାରେ ଚାଲୁଥିଲା, କିନ୍ତୁ ଏବେ ସେମାନଙ୍କର ପ୍ରାଥମିକତା କେବଳ ଗଣମାଧ୍ୟମ ସଙ୍ଗଠନକୁ ଚାଲୁ ରଖିବା ହୋଇ ରହିନାହିଁ, ସେମାନେ ମଧ୍ୟ ସେଥିରୁ ଲାଭ କରୁଛନ୍ତି। ତେଣୁ ଗଣମାଧ୍ୟମ ସଙ୍ଗଠନରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି ଏବଂ ପରିଚାଳକଙ୍କ ଭୂମିକା ଅଧିକ ପ୍ରାସଙ୍ଗିକ ହୋଇପଡ଼ିଛି, ଯାହା ପୂର୍ବରୁ କେବେ ବି ନଥିଲା। ଆଜିକାଲି ଏହା ଦେଶର ଅନ୍ୟ ଉଦ୍ୟୋଗ ଭଳି ଏକ ଉଦ୍ୟୋଗରେ ପରିବର୍ତ୍ତିତ ହୋଇଛି, କିନ୍ତୁ କିଛି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସହିତ। ଅନେକ ଗଣମାଧ୍ୟମ ସଙ୍ଗଠନ ସେମାନଙ୍କର ଆଇପିଓ(ପ୍ରାଥମିକ ସାର୍ବଜନୀନ ପ୍ରସ୍ତାବ)କୁ ବଜାରରେ ଇସ୍ୟୁ କରୁଛନ୍ତି ଏବଂ ଅନେକ ମଧ୍ୟ ଅନ୍ୟ କମ୍ପାନୀ ଭଳି ଷ୍ଟକ୍ ଏକ୍ସଚେଞ୍ଜ ତଥା ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି)ରେ ତାଲିକାଭୁକ୍ତ ହେଉଛନ୍ତି। ଆମେ ଗଣମାଧ୍ୟମର ଅର୍ଥନୈତିକ ପାରିବେଶିକ ବ୍ୟବସ୍ଥାର ଅଂଶବିଶେଷ ଥିବା କିଛି ମନ୍ତ୍ରଣାଳୟ, ସଙ୍ଗଠନ ସମୂହ ଏବଂ ବିଭାଗର ତାଲିକା ଉଲ୍ଲେଖ କରୁଛୁ।

- ଅର୍ଥ ମନ୍ତ୍ରଣାଳୟ

- ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ

- କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ

- ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ
- ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ
- ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜ୍ ବୋର୍ଡ
- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍
- ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ୍
- ଭାରତୀୟ ରିଜର୍ଭ ବ୍ୟାଙ୍କ
- ଭାରତୀୟ ଖବରକାଗଜ ରେଜିଷ୍ଟ୍ରାର୍
- ଅଡିଟ୍ ବ୍ୟୁରୋ ଅଫ୍ ସର୍କ୍ୟୁଲେସନ୍
- ଭାରତୀୟ ପ୍ରସାରଣ ଦର୍ଶକ ଗବେଷଣା ପରିଷଦ
- ଭାରତୀୟ ଟେଲିଭିଜନ୍ ଦର୍ଶକ ମାପକ
- ନିଲ୍‌ସେନ୍ ଟେଲିଭିଜନ୍ ଦର୍ଶକ ମାପକ
- ଭାରତୀୟ ବାଣିଜ୍ୟ ଏବଂ ଉଦ୍ୟୋଗ ମହାସଂଘ

**ସାମାଜିକ ପାରିବେଶିକ ବ୍ୟବସ୍ଥା:**

କୁହାଯାଇଥାଏ ଯେ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ଯାହା ମଧ୍ୟ ଭୁଲ୍ କଥା ନୁହେଁ। ଏହି ଦୃଷ୍ଟିକୋଣରୁ ଗଣମାଧ୍ୟମକୁ ସମାଜର ଆଖି ଓ କାନ ବୋଲି ବିଚାର କରାଯାଏ। ଯେତେବେଳେ ଶୋଷିତ ଏବଂ ଦଳିତ ବର୍ଗର ଲୋକମାନଙ୍କର ସ୍ୱର ସରକାରଙ୍କ ନିକଟରେ ପହଞ୍ଚିପାରେ ନାହିଁ ସେତେବେଳେ ଗଣମାଧ୍ୟମ ସେମାନଙ୍କର ସ୍ୱର ପାଲଟିଯାଏ।

ଏହା ମଧ୍ୟ ସରକାରଙ୍କ କଲ୍ୟାଣକାରୀ ନୀତି ଏବଂ ଲାଭକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସୂଚନା ପ୍ରଦାନ କରିଥାଏ। ଏହିପରି ଗଣମାଧ୍ୟମ ସରକାର ଏବଂ ସମାଜ ମଧ୍ୟରେ ଯୋଗାଯୋଗର ଏକ ସେତୁ ଭଳି କାର୍ଯ୍ୟ କରିଥାଏ। ଏମିତି କିଛି ସାମାଜିକ ଏବଂ ସାଂସ୍କୃତିକ ଆଦର୍ଶ/ମାନକ ରହିଛି ଯାହାକୁ ସମାଜ ଅନୁସରଣ କରିଥାଏ ଏବଂ ଏହା ମଧ୍ୟରେ ନିଜକୁ ଚିହ୍ନଟ କରିଥାଏ। ଯେବେଠାରୁ ଗଣମାଧ୍ୟମ ସମାଜର ସେବା କରିବା ଆରମ୍ଭ କରିଛି, ଏହା ମଧ୍ୟ ସେହି ସାମାଜିକ– ସାଂସ୍କୃତିକ ଆଦର୍ଶ/ମାନକର

ସମାହାରକୁ ଅନୁସରଣ କରୁଛି, ତଥାପି ଗଣମାଧ୍ୟମର ସାମାଜିକ ଦୁଷ୍କୃତି ଯାହା କି ଆଦର୍ଶ ଭାବେ ସମାଜରେ ରହି ଆସିଛି ତାହାର ମୂଳୋତ୍ପାଟନ ଏବଂ ନଷ୍ଟ କରିବାର କ୍ଷମତା ରହିଛି। ଏହା ସହଜ ନୁହେଁ, କିନ୍ତୁ ନିରନ୍ତର ପ୍ରୟାସ ଏହାକୁ ସମ୍ଭବ କରିଥାଏ। ବ୍ୟାପକ ଅର୍ଥରେ ଅଧିକାଂଶ ଗଣମାଧ୍ୟମ ଯେ କୌଣସି ସମାଜର ସାମାଜିକ- ସାଂସ୍କୃତିକ ଆଦର୍ଶ/ମାନକ ସହିତ ମିଳିତ ଭାବେ କାର୍ଯ୍ୟ କରିଥାଏ। ଯଦି ଗଣମାଧ୍ୟମ ଏହା କରିନଥାଏ, ତା' ପରେ ଭାରତରେ ଅଧିକାଂଶ ନିୟାମକ ସଙ୍ଗଠନ, ଯେଉଁମାନେ କି ସମାଜର ମଙ୍ଗଳ ସାଧନ ପାଇଁ ଗଣମାଧ୍ୟମ ଉଦ୍ୟୋଗର ସମସ୍ତ ଦିଗକୁ ଯାଞ୍ଚ କରିଥାନ୍ତି, ସେମାନେ ଏହା ଉପରେ ନଜର ରଖିଥାନ୍ତି। ଏହିଭଳି କିଛି ମନ୍ତ୍ରଣାଳୟ, ସଙ୍ଗଠନ ଏବଂ ବିଭାଗ ଯେଉଁମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଗଣମାଧ୍ୟମ କିମ୍ବା ଏହାର ପାରିବେଶିକ ବ୍ୟବସ୍ଥା ସହିତ ଜଡ଼ିତ ସେମାନଙ୍କର ତାଲିକା ନିମ୍ନରେ ଦିଆଗଲା।

- ସଂସ୍କୃତି ମନ୍ତ୍ରଣାଳୟ
- ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ
- ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ
- ମହିଳା ଏବଂ ଶିଶୁ ବିଭାଗ ମନ୍ତ୍ରଣାଳୟ
- ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ
- ଭାରତୀୟ ପ୍ରେସ୍ ପରିଷଦ
- ଭାରତୀୟ ଟେଲିକମ୍ ପ୍ରାଧିକରଣ ନିୟାମକ
- ଭାରତୀୟ ବିଜ୍ଞାପନ ମାନକ ପରିଷଦ
- ପ୍ରକାଶନ ବିଭାଗ
- ଚଳଚ୍ଚିତ୍ର ପ୍ରମାଣପତ୍ର କେନ୍ଦ୍ରୀୟ ବୋର୍ଡ
- ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ
- ଚଳଚ୍ଚିତ୍ର ମହୋତ୍ସବ ନିର୍ଦ୍ଦେଶାଳୟ
- ଜାତୀୟ ଶିଶୁ ଏବଂ ଯୁବ ଚଳଚ୍ଚିତ୍ର କେନ୍ଦ୍ର
- ବିଜ୍ଞାପନ ଏବଂ ଦୃଶ୍ୟ ପ୍ରଚାର ନିର୍ଦ୍ଦେଶାଳୟ (ଡିଏଭିପି)
- କ୍ଷେତ୍ର ପ୍ରଚାର ନିର୍ଦ୍ଦେଶାଳୟ

## ପ୍ରଯୁକ୍ତିଗତ ପାରିବେଶିକ ବ୍ୟବସ୍ଥା:

ଆମେ ଜାଣିଛେ ଯେ ଗଣମାଧ୍ୟମ ସଙ୍ଗଠନର ଉତ୍ପାଦନ ଅତ୍ୟଧିକ ଭାବରେ ପ୍ରଯୁକ୍ତି ସମ୍ବନ୍ଧିତ, ତେଣୁ ଏହା ଅତି ସାଧାରଣ କଥା ଯେ କୌଣସି ପ୍ରଯୁକ୍ତିଗତ ବିକାଶ ଘଟିଲେ ଗଣମାଧ୍ୟମ ଉପରେ ତା'ର ଯଥେଷ୍ଟ ପ୍ରଭାବ ରହିଥାଏ। ଆମେ ଟିକେ ପଛକୁ ଚାହିଁ ଦେଖିବା, ଯେତେବେଳେ କି ଛାପାକାର୍ଯ୍ୟ (ପ୍ରିଣ୍ଟିଂ)ର ଉଦ୍ଭାବନ ହୋଇଥିଲା, ସେବେଠାରୁ ଗଣମାଧ୍ୟମର ଯାତ୍ରା କିପରି ରହିଛି। ଏହା ପୂର୍ବରୁ ହାତଲେଖା କିମ୍ବା ଖୋଦିତ କରାଯାଇ ଲେଖାକୁ ପଠା ଯାଉଥିଲା। କିନ୍ତୁ ପ୍ରିଣ୍ଟିଂର ଉଦ୍ଭାବନ ପରେ ବିଶ୍ୱରେ ସୂଚନା ଉତ୍ପାଦନ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଦେଖା ଦେଲା। କିନ୍ତୁ ପ୍ରାଥମିକ ପର୍ଯ୍ୟାୟରେ ଏହା ଏକ ଜଟିଳ ପ୍ରକ୍ରିୟା ଥିଲା। ସମୟ ଅତିବାହିତ ହେବା ସହିତ ପ୍ରଯୁକ୍ତିବିଦ୍ୟା ଅଧିକ ଉନ୍ନତ ହେଲା ଏବଂ ଏହି ପ୍ରକ୍ରିୟା ସହଜ ହୋଇଗଲା। ସେତେବେଳେ ପୁରୁଣା ଦିନରେ ଲେଟର୍ ପ୍ରେସ୍ ଟେକ୍ନୋଲୋଜି ପ୍ରିଣ୍ଟିଂ ପାଇଁ ବ୍ୟବହାର କରାଯାଉଥିଲା ଯାହାକି ଆଜିକାଲି ବହୁତ କମ୍ ପରିମାଣରେ ବ୍ୟବହୃତ ହେଉଛି। ଅନେକ ଉନ୍ନତ ପ୍ରଯୁକ୍ତିଗତ ବିକାଶ ଘଟିଛି, ଯେମିତି ଅଫ୍‌ସେଟ୍ ପ୍ରିଣ୍ଟିଂ ଏବଂ ଡିଜିଟାଲ୍ ପ୍ରିଣ୍ଟିଂ ଅତ୍ୟନ୍ତ ଦ୍ରୁତ, ସାବଲୀଳ ଏବଂ ଉନ୍ନତ ହୋଇ ପାରିଛି। ଏମିତିକି ପ୍ରଯୁକ୍ତିବିଦ୍ୟା ରେଡିଓ ଏବଂ ଟେଲିଭିଜନ୍‌ର ପ୍ରସାରଣ କାର୍ଯ୍ୟକୁ ସହଜ ଏବଂ ଦ୍ରୁତ କରିଛି। ବିଶ୍ୱ ପାଇଁ ଟେଲିଭିଜନ୍ ନିଜେ ଏକ ଆଶ୍ଚର୍ଯ୍ୟ ହୋଇଥିବା ବେଳେ ଏବଂ ସ୍ୟାଟେଲାଇଟ୍ ଚ୍ୟାନେଲ୍ ଆସିବା ପରେ ଏହା ସାରା ବିଶ୍ୱକୁ ଆମ ଘର ଭିତରକୁ ନେଇ ଆସିଛି। ରେଡିଓ ମଧ୍ୟ ଦୀର୍ଘ ପଥ ଅତିକ୍ରମ କରି ମଧ୍ୟମ ତରଙ୍ଗ, କ୍ଷୁଦ୍ର ତରଙ୍ଗରୁ ମୋଡୁଲେସନ୍‌ର ବାରମ୍ବାରତା (ଫ୍ରିକ୍ୱେନ୍ସି ମୋଡୁଲେସନ୍), ଯାହାକୁ ଆମେ ଏଫ୍‌ଏମ୍ ବୋଲି କହିଥାଉ, ସେଠାରେ ପହଞ୍ଚିଛି। ପ୍ରଯୁକ୍ତିର ବିକାଶ ପରେ ଏହି ଗଣମାଧ୍ୟମର ଯାନ ଗୁଡ଼ିକର ବ୍ୟବହାର ଏବଂ ଏହାର ଉପଲବ୍ଧତା ବହୁତ ସହଜ ହୋଇଛି। ରେଡିଓ ଏବଂ ଟେଲିଭିଜନ୍ ପରେ ଇଣ୍ଟରନେଟ୍‌ର ବ୍ୟବହାର ଏହାକୁ ପୂର୍ବ ତୁଳନାରେ ଆହୁରି ସହଜ କରି ଦେଇଛି। କମ୍ପ୍ୟୁଟର ଏବଂ ସ୍ମାର୍ଟ ଫୋନ୍‌ର ବ୍ୟବହାର ଫଳରେ ଗଣମାଧ୍ୟମର ବିଷୟବସ୍ତୁକୁ ସହଜରେ ଉପଲବ୍ଧ କରାଯାଇ ପାରୁଛି। ସ୍ମାର୍ଟ ଫୋନ୍ ଯାହାକୁ ଚତୁର୍ଥ ପରଦା ବୋଲି କୁହାଯାଏ, ତାହାକୁ ଏବେ ଖବରକାଗଜ, ରେଡିଓ, ଟେଲିଭିଜନ୍, ଫିଲ୍ମର ବିକଳ୍ପ ଭାବେ ବିବେଚନା କରାଯାଉଛି। ଏବେ ମଧ୍ୟ ଇଣ୍ଟରନେଟ୍, ରେଡିଓ, ଯେ କୌଣସି ଯନ୍ତ୍ରରେ ଯେ କୌଣସି ସ୍ଥାନରେ କାର୍ଯ୍ୟକ୍ରମ ଉପଲବ୍ଧ କରାଉଛି। ଅନୁକୂଳ ପ୍ରଯୁକ୍ତିଗତ ପାରିବେଶିକ ବ୍ୟବସ୍ଥା ଯୋଗୁଁ ଗଣମାଧ୍ୟମ ଜଗତରେ ଏହିପରି ବୈପ୍ଲବିକ ପରିବର୍ତ୍ତନ ହୋଇପାରିଛି। ଭାରତରେ ଗଣମାଧ୍ୟମ ପ୍ରଯୁକ୍ତିର ପାରିବେଶିକ ବ୍ୟବସ୍ଥାର କିଛି ବିଶେଷ ଅଂଶ, ଯାହା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଗଣମାଧ୍ୟମ ଉଦ୍ୟୋଗ ସହିତ ଜଡ଼ିତ, ସେମାନଙ୍କର ତାଲିକା ନିମ୍ନରେ ପ୍ରଦାନ କରାଗଲା।

- ଯୋଗାଯୋଗ ମନ୍ତ୍ରଣାଳୟ
- ଦୂର ସଞ୍ଚାର ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ
- ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ

- ଭାରତୀୟ ଟେଲିକମ୍ ପ୍ରାଧିକରଣ ନିୟାମକ

- ବ୍ରଡ୍‌କାଷ୍ଟ ଇଞ୍ଜିନିୟରିଂ କନ୍‌ସଲଟାଣ୍ଟ୍ ଇଣ୍ଡିଆ ଲିମିଟେଡ୍

- ସର୍ବଭାରତୀୟ ରେଡିଓ ନିୟନ୍ତ୍ରଣ ସେବା

- ସାଇବର ସେଲ୍

ଗଣମାଧ୍ୟମକୁ ପରିବେଷ୍ଟିତ କରି ରହିଥିବା ଏହି ଚାରିଗୋଟି ପାରିବେଶିକ ବ୍ୟବସ୍ଥା ଗୋଟିଏ ଅନ୍ୟଟିର ଅତିକ୍ରମଣ କରିଥାନ୍ତି ଏବଂ ଗୋଟିକର ଉପାଦାନ ଅନ୍ୟ ପାରିବେଶିକ ବ୍ୟବସ୍ଥା ମଧ୍ୟରେ ଉପଲବ୍ଧ ହୋଇଥାଏ। ଏହି ପାରିବେଶିକ ବ୍ୟବସ୍ଥା ସହିତ ପାରସ୍ପରିକ ସମ୍ବନ୍ଧ ଫଳରେ ଗଣମାଧ୍ୟମ ବିକଶିତ ହୋଇଥାଏ ଏବଂ ଉପଯୁକ୍ତ ଆକାର ନେଇଥାଏ। ତେବେ ଏହା ଏକ ଏକପାଖିଆ ପ୍ରକ୍ରିୟା ନୁହେଁ, ଯଦିଓ ଗଣମାଧ୍ୟମ ଏହାର ପାରିବେଶିକ ବ୍ୟବସ୍ଥାକୁ ସେହି ସମାନ ବଳରେ ମଧ୍ୟ ପ୍ରଭାବିତ କରିଥାଏ। ଆଗାମୀ ଭାଗରେ ଆମେ ଆଲୋଚନା କରିବା କିପରି ଗଣମାଧ୍ୟମ ଏହାର ପାରିବେଶିକ ବ୍ୟବସ୍ଥା ସହିତ ପାରସ୍ପରିକ ଭାବେ ନିର୍ଭରଶୀଳ ହୋଇଥାଏ।

### ୪.୩.୨ : ପାରିବେଶିକ ବ୍ୟବସ୍ଥା ସହିତ ଗଣମାଧ୍ୟମର ପାରସ୍ପରିକ ନିର୍ଭରଶୀଳତା

ଗଣମାଧ୍ୟମର ପାରିବେଶିକ ବ୍ୟବସ୍ଥା ସହିତ ପାରସ୍ପରିକ ପ୍ରଭାବ ରହିଥାଏ। ଗଣମାଧ୍ୟମ ହେଉଛି ବହୁ ବିଷୟକ, ପ୍ରାୟ ସମସ୍ତ କ୍ଷେତ୍ର ସହିତ ଏହା ଜଡ଼ିତ, କାରଣ ଗଣମାଧ୍ୟମ ସମସ୍ତଙ୍କ ପାଇଁ ଜରୁରୀ। ଗଣମାଧ୍ୟମ ନିଜର ବିକାଶ ପାଇଁ ରାଜନୀତିକ ପାରିବେଶିକ ବ୍ୟବସ୍ଥା ଉପରେ ଯେତିକି ନିର୍ଭର କରିଥାଏ, ଦେଶର ରାଜନୈତିକ ବ୍ୟବସ୍ଥା ମଧ୍ୟ ଭବିଷ୍ୟତ ଆଡ଼କୁ ଗତି କରିବା ପାଇଁ ଏହାର ନିୟମ ସମ୍ପର୍କରେ ଜନସାଧାରଣଙ୍କଠାରୁ ମତାମତ ନେବା ପାଇଁ, ଲୋକମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଏବଂ କେତେକ ସମୟରେ ନିଜ ସପକ୍ଷରେ ସାଧାରଣ ଜନତାଙ୍କ ମତାମତକୁ ବଦଳାଇ ଦେବା ପାଇଁ ଗଣମାଧ୍ୟମ ଉପରେ ନିର୍ଭରଶୀଳ ହୋଇଥାଏ ଏବଂ ଏଥିପାଇଁ ଗଣମାଧ୍ୟମର ବିଷୟବସ୍ତୁକୁ ଅଣଦେଖା କରାଯାଇ ପାରିବ ନାହିଁ। ସେହି ସମାନ ସମୟରେ ଦେଶର ସ୍ୱାର୍ଥରକ୍ଷା ପାଇଁ ପ୍ରତିବଦ୍ଧ ହୋଇ ସଂସଦୀୟ, କାର୍ଯ୍ୟପାଳିକା ଏବଂ ନ୍ୟାୟିକ ବ୍ୟବସ୍ଥାର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୃଢ଼ କରିବା ଭଳି କାର୍ଯ୍ୟ ଗଣମାଧ୍ୟମଠାରୁ ଆଶା କରାଯାଏ। ଗଣମାଧ୍ୟମକୁ ଭାରତୀୟ ସମ୍ବିଧାନର ଧାରା ୧୯(କ) ଯାହା ବାର୍ତ୍ତା ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ସହିତ ଜଡ଼ିତ, ସେହି ଧାରା ଅନୁସାରେ କାର୍ଯ୍ୟ କରିବା ପାଇଁ ସ୍ୱାଧୀନତା ଦିଆଯାଇଛି। ଦେଶର ରାଜନୈତିକ ବ୍ୟବସ୍ଥା ଗଣମାଧ୍ୟମ ଦ୍ୱାରା ଦିଆଯାଇଥିବା ରିପୋର୍ଟ ଅନୁସାରେ ଜନମତକୁ ମୂଲ୍ୟାୟନ କରିଥାଏ ଏବଂ ସେମାନେ ସଠିକ୍ ଦିଗରେ ବା ଭୁଲ୍ ବାଟରେ ଯାଉଛନ୍ତି, ତାହା ନିର୍ଦ୍ଧାରିତ କରିଥାଏ। ଗଣମାଧ୍ୟମ ସରକାରଙ୍କ କାର୍ଯ୍ୟର ଯାଞ୍ଚ ପରୀକ୍ଷଣ କରିଥାଏ ଏବଂ ଯଦି ଏହା ସାଧାରଣ ଲୋକମାନଙ୍କ ପାଇଁ ଦମନକାରୀ ଏବଂ ପକ୍ଷପାତି ହୋଇଥାଏ, ତାହା ବିରୁଦ୍ଧରେ ସରକାରଙ୍କର ବିରୋଧ

କରିଥାଏ। ସେହି କାରଣରୁ ଗଣମାଧ୍ୟମକୁ ସ୍ୱରହୀନଙ୍କ ସ୍ୱର ବୋଲି କୁହାଯାଏ। ଗଣମାଧ୍ୟମକୁ ମଧ୍ୟ ଯାଦୁକରୀ ଗୁଣନୀୟକ କୁହାଯାଏ ଏବଂ ଏହା କିଛି ମୁହୂର୍ତ୍ତ ଭିତରେ ଲକ୍ଷ ଲକ୍ଷ ଲୋକଙ୍କ ପାଖକୁ ବହୁ ଗୁଣରେ ଖବର ପହଞ୍ଚାଇ ଦେଇଥାଏ, ତେଣୁ କୌଣସି ବ୍ୟକ୍ତି ଗଣମାଧ୍ୟମରେ ନକାରାତ୍ମକ ଭାବେ ଉପସ୍ଥାପିତ ହେବାକୁ ଚାହାନ୍ତି ନାହିଁ। ବିଶେଷତଃ ରାଜନୈତିକ ଦଳମାନେ ଗଣମାଧ୍ୟମରେ ସେମାନଙ୍କର ଭାବମୂର୍ତ୍ତି ନିର୍ମଳ ରହୁ ବୋଲି ଇଚ୍ଛା କରିଥାନ୍ତି, ଯାହା ଫଳରେ ଲୋକମାନେ ତାଙ୍କୁ ପସନ୍ଦ କରିବେ ଏବଂ ଗଣମାଧ୍ୟମ ମଧ୍ୟ ଲୋକମାନଙ୍କ ପାଇଁ ହେଉଥିବା ଉନ୍ନୟନମୂଳକ ଯୋଜନାର ଆର୍ଥିକ ନୀତିଗୁଡ଼ିକୁ ଖୋଜି ବାହାର କରିଥାଏ, ସେଗୁଡ଼ିକ ଲୋକମାନଙ୍କ ପାଇଁ କେତେ ପ୍ରଭାବଶାଳୀ ହେବ, ତା'ର ଆକଳନ କରିଥାଏ। ସେହିଭଳି ଅର୍ଥନୈତିକ ପାରିବେଶିକ ବ୍ୟବସ୍ଥା ଗଣମାଧ୍ୟମକୁ ଅନୁକୂଳ ବାତାବରଣ ଦେଇଥାଏ, ଯାହା ଫଳରେ ଏହା ବିକଶିତ ହୋଇପାରିବ, ଗଣମାଧ୍ୟମ ସମୁଦାୟ ଘରୋଇ ଉତ୍ପାଦ ପ୍ରତି ଅବଦାନ, ବେକାର ଯୁବ ଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି, ବ୍ୟବସାୟରେ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ(ଏଫ୍‌ଡିଆଇ)କୁ ନିଜ ବ୍ୟବସାୟ ପାଇଁ ନିମନ୍ତ୍ରଣ କରି ଅର୍ଥନୀତିକୁ ବିଭିନ୍ନ ବାଟରେ ସାହାଯ୍ୟ କରିଥାଏ। ଗଣମାଧ୍ୟମ ମଧ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଆର୍ଥିକ ନୀତିକୁ ନେଇ ଜାଗ୍ରତ ରହିଥାଏ। ଯଦି ଏଥିରେ କିଛି ଭୁଲ୍ ଥାଏ, ତା'ହେଲେ ଏହାକୁ ତତ୍‌କ୍ଷଣାତ ଇଙ୍ଗିତ କରିଥାଏ। ଫଳରେ ଏହାକୁ ଠିକ୍ କରିବା ପାଇଁ ପଦକ୍ଷେପ ନିଆଯାଇ ପାରିବ। ଏହା ବ୍ୟବସାୟୀ ଏବଂ ବ୍ୟବସାୟ ଜଗତର ଲୋକମାନଙ୍କ ପାଇଁ ସେମାନଙ୍କର କମ୍ପାନୀ, ସେବା ଓ ଉତ୍ପାଦକୁ ବିଜ୍ଞାପନ, ବୃତ୍ତଚିତ୍ର, ଖବର ଏବଂ ଫିଚର ଭାବେ ଉପସ୍ଥାପିତ ଏବଂ ପରିଯୋଜିତ କରିବା ପାଇଁ ଏକ ଆକର୍ଷଣୀୟ ମଞ୍ଚ ବା ପ୍ଲାଟଫର୍ମ ପ୍ରଦାନ କରିଥାଏ। ଯଦି ସରକାରଙ୍କ ପକ୍ଷରୁ କୌଣସି ଜଟିଳ ନିଷ୍ପତ୍ତି ନିଆଯାଏ, ଗଣମାଧ୍ୟମ ଏହା ଉପରେ ଆଲୋଚନା କରିବା, ଲୋକମାନଙ୍କୁ ଏହା ବିଷୟରେ ଜଣେଇବା, ଏହାର ଲାଭ ଏବଂ କ୍ଷତିକୁ ଉପସ୍ଥାପିତ କରିବା ପାଇଁ ମଞ୍ଚ ସୃଷ୍ଟି କରିଥାଏ।




ଉଦାହରଣ ସ୍ୱରୂପ, ଯେତେବେଳେ ଜିଏସ୍‌ଟି (ସାମଗ୍ରୀ ଓ ସେବା ଟିକସ) ବିଜେପି ସରକାରଙ୍କ ଦ୍ୱାରା ଆରମ୍ଭ କରାଗଲା, ଏହା ସମସ୍ତଙ୍କ ପାଇଁ ବୁଝିବା ବହୁତ ଜଟିଳ ଥିଲା, କିଛି ଲୋକଙ୍କ ମତରେ ଏହା ଅନାବଶ୍ୟକ ଥିଲା ଏବଂ କିଛି ଏହାର ସ୍ୱଭାବ ଅର୍ଥନୀତିକୁ ନଷ୍ଟ କରିଦେବ ବୋଲି କହିଥିଲେ, ଆଉ କିଛି ଏହାକୁ ସରକାରଙ୍କ ସାହସିକ ପଦକ୍ଷେପ ବୋଲି କହି ପ୍ରଶଂସା ମଧ୍ୟ କରିଥିଲେ। କେବଳ ଗଣମାଧ୍ୟମ ହିଁ ଏପରି ସମୟରେ ଜିଏସ୍‌ଟିକୁ ଲୋକମାନଙ୍କୁ ଅତି ସରଳ ଭାବେ ବୁଝାଇଥିଲା ଏବଂ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲା। ଫଳରେ ଏହାକୁ ସମସ୍ତେ ଗ୍ରହଣ କରି ପାରିଲେ। ତେଣୁ ଗଣମାଧ୍ୟମ ମଧ୍ୟ ଆର୍ଥିକ ନିୟମକୁ ଲୋକମାନଙ୍କ ଦ୍ୱାରା ଗ୍ରହଣଯୋଗ୍ୟ କରିବାରେ ସାହାଯ୍ୟ କରିଥାଏ। ଅନେକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା କରାଯାଉଛି, ଫଳରେ ଲୋକମାନେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇପାରିବେ। ଅନେକ ଗଣମାଧ୍ୟମ ସଙ୍ଗଠନ ଅଛନ୍ତି, ଯେଉଁମାନେକି ତାଲିକାଭୁକ୍ତ କମ୍ପାନୀ ଏବଂ ଦେଶର ଅର୍ଥନୀତିକୁ ସେମାନଙ୍କର ମଧ୍ୟ ଅନେକ ଅବଦାନ ରହିଛି।

ଆରମ୍ଭରୁ ଗଣମାଧ୍ୟମ ସର୍ବଦା ଲୋକମାନଙ୍କୁ ଭୁଲ୍ ଏବଂ ଅମାନବୀୟ କାର୍ଯ୍ୟ ସମ୍ପର୍କରେ ସତର୍କ କରାଇ ସାମାଜିକ ବିକାଶ ପାଇଁ ତାର ଅବଦାନ ଦେଇ ଆସିଛି । ଆମ ପାଖରେ ରାଜା ରାମମୋହନ ରାୟ, ଜେମ୍ସ ସିଲ୍କ ବକିଂହାମ୍‌ଙ୍କର ଉଦାହରଣ ରହିଛି, ଯେଉଁମାନେ ସତୀଦାହ ପ୍ରଥାର ମୂଳୋତ୍ପାଟନ, ବିଧବା ପୁନଃ ବିବାହ ଏବଂ ମହିଳାମାନଙ୍କୁ ଶିକ୍ଷା ଦେବା ଭଳି ପ୍ରସଙ୍ଗ ଉପରେ ଖବର ପ୍ରକାଶ କରୁଥିଲେ । ସେହି ସମୟର ପ୍ରଗତିଶୀଳ ଖବରକାଗଜଗୁଡ଼ିକ ସମୟ ସହିତ ଏହାକୁ ସାମାଜିକ ସ୍ତରରେ ଗ୍ରହଣଯୋଗ୍ୟ କରାଇ ପାରିଥିଲେ । ଏହା ପରେ ଅନେକ ଗଣମାଧ୍ୟମ ସଙ୍ଗଠନ ସାମାଜିକ ଆଦର୍ଶକୁ ପରିଚିତ କରାଇବା ଏବଂ ଏହାକୁ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ । ଏହି ଉପାୟରେ ଗଣମାଧ୍ୟମ ସମାଜକୁ ନୈତିକ ଶିକ୍ଷା ଏବଂ ଆଚାରବିଚାରର ଆଦର୍ଶ ଆଡ଼କୁ ଆଗେଇ ନେଲା । ଯେତେବେଳେ ଏମିତି କୌଣସି ଘଟଣା ଘଟିଲା, ଯାହା ସାମାଜିକ ଅସମାନତା କିମ୍ବା ମଣିଷ ପାଇଁ ଉଚିତ ନ ଥିଲା, ଗଣମାଧ୍ୟମ ତାହା ଉପରେ ଆଲୋକପାତ କରିଥିଲା ଏବଂ ଆବଶ୍ୟକ ସ୍ଥଳେ ଏହାକୁ ସମାଲୋଚନା କଲା, ଯାହା ଫଳରେ ଲୋକମାନେ ଏଥିରୁ ଶିକ୍ଷା ଲାଭ କଲେ ଏବଂ ଏକ ସୁସ୍ଥ ସମାଜ ଗଠନ କଲେ । ସାମାଜିକ ବ୍ୟବସ୍ଥା ମଧ୍ୟ ସଚେତନତା ଏବଂ ଶିକ୍ଷା ପାଇଁ ଗଣମାଧ୍ୟମ ଉପରେ ନିର୍ଭର କଲା । ସାମ୍ବାଦିକମାନଙ୍କୁ ସମାଜର ପଥପ୍ରଦର୍ଶକ ବୋଲି ବିଚାର କରାଗଲା । ଅତୀତରେ ଅଧିକାଂଶ ସାମ୍ବାଦିକ ସମାଜ ସଂସ୍କାରକ ମଧ୍ୟ ଥିଲେ । ଯଦି ଆଜିର ଗଣମାଧ୍ୟମ କେବଳ ସତ୍ୟ ଉପରେ ସମ୍ବାଦ ସଂଗ୍ରହ ଏବଂ ପରିବେଷଣ କରୁଥାଏ, ତଥାପି ଏହା ସାମାଜିକ କାର୍ଯ୍ୟ କରେ ବୋଲି କୁହାଯାଏ, କାରଣ ଏହା ଚାରିପାଖେ ଘଟୁଥିବା ଘଟଣା ମାଧ୍ୟମରେ ସମାଜକୁ ସତର୍କ କରାଇ ଥାଏ । ଏହା ମଧ୍ୟ ସମାଜ ପାଇଁ ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବୋଲି କୁହାଯାଏ, କାରଣ ଯେ କୌଣସି ସମାଜ ନିଜର ଉନ୍ନତି ସେତିକିବେଳେ କରିପାରିବ, ଯେତେବେଳେ ସେ ଘଟଣା ସମ୍ପର୍କରେ ଜାଣିବ ଏବଂ ସତର୍କ ହେବ । ଗଣମାଧ୍ୟମ ହେଉଛି ଏକ ବନ୍ଧନ ପାଇଁ ବ୍ୟବହୃତ ସୂତା ଯାହା ସହିତ ସମାଜର ବିଭିନ୍ନ କାରକ ସଂଯୋଗ ହୋଇ ରହିଥାଏ । ସମାଜର ବିଭିନ୍ନ କ୍ଷେତ୍ରର ବିଭିନ୍ନ ଲକ୍ଷ୍ୟ ରହିଥାଏ, ଯେମିତି ଏକ ସଙ୍ଗଠନର ବିଭିନ୍ନ କ୍ଷେତ୍ର ଗୋଟିଏ ଛାତ ତଳେ ରହିଥିଲେ ମଧ୍ୟ ସେମାନଙ୍କର ମତ ଏବଂ ଲକ୍ଷ୍ୟ ଗୋଟିଏରୁ ଅନ୍ୟ ଗୋଟିଏ ପାଇଁ ଭିନ୍ନ ହୋଇଥାଏ । ଏହା ବିଶେଷତଃ ବହୁ ସାଂସ୍କୃତିକ ସମାଜ ପାଇଁ ଲାଗୁ ହୋଇଥାଏ । ଗଣମାଧ୍ୟମ ହେଉଛି ଏକମାତ୍ର ସଙ୍ଗଠନ ଯାହା ସମାଜର ବିଭିନ୍ନ କ୍ଷେତ୍ରର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିଥାଏ ଏବଂ ସେମାନଙ୍କୁ ଏକ ବିଚାର କିମ୍ବା ଚିନ୍ତାଧାରା ସହିତ ସଂଯୋଗ କରି ରଖିଥାଏ ।

ଦେଶର ବିକାଶ ପାଇଁ ଗବେଷଣା, ବିଶ୍ଳେଷଣ ଏବଂ ପ୍ରଯୁକ୍ତିର ସଫଳତାକୁ ଦେଇ ପୂର୍ବାନୁମାନ କରି ଦେଶର ପ୍ରଯୁକ୍ତିଗତ ବିକାଶରେ ଗଣମାଧ୍ୟମ ସାହାଯ୍ୟ କରିଥାଏ । ଏହିପରି ଗଣମାଧ୍ୟମ କେବଳ ପ୍ରଗତିରୁ ନିଜେ ଲାଭବାନ ହୋଇନଥାଏ, ବରଂ ପ୍ରଯୁକ୍ତି ପାରିବେଶିକ ବ୍ୟବସ୍ଥା ଗଣମାଧ୍ୟମର ସାହାଯ୍ୟରେ ନିଜକୁ ବିଶ୍ଳେଷିତ କରିଥାଏ ଏବଂ ଏହାକୁ ସମସ୍ତଙ୍କ ପାଖରେ ପହଞ୍ଚାଇଥାଏ ।

ବିଭିନ୍ନ ପ୍ରକାର ପ୍ରଯୁକ୍ତି ସମ୍ପର୍କିତ ପତ୍ରିକା, କାର୍ଯ୍ୟକ୍ରମ, ବୃତ୍ତଚିତ୍ର ରହିଛି ଯାହା ଏହି ପ୍ରକ୍ରିୟାରେ ପ୍ରଯୁକ୍ତିଗତ ପାରିବେଶିକ ବ୍ୟବସ୍ଥାକୁ ସାହାଯ୍ୟ କରିଥାଏ। ସରକାର ଗଣମାଧ୍ୟମ ଏବଂ ପ୍ରଯୁକ୍ତିର ସହାୟତାରେ ବିଭିନ୍ନ ପ୍ରକାର ଶିକ୍ଷଣୀୟ ଚ୍ୟାନେଲ୍ ଏବଂ ଡିଜିଟାଲ୍ ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି, ଯଥା – ସ୍ୱୟଂ, ସ୍ୱୟଂପ୍ରଭା, ଜ୍ଞାନଦର୍ଶନ ଇତ୍ୟାଦି। ଗଣମାଧ୍ୟମ ଏବଂ ପ୍ରଯୁକ୍ତିର ସହଯୋଗରେ ପ୍ରସ୍ତୁତ ଏହି ଶିକ୍ଷଣୀୟ ଚ୍ୟାନେଲ୍ ଶିକ୍ଷାର ନୂତନ ପୃଥିବୀ ପାଇଁ ପଥ ଖୋଲି ଦେଲା। ତେଣୁ ଏହି ମୂଲ୍ୟବାନ କାର୍ଯ୍ୟକ୍ରମର ଉପଲବ୍ଧତା ଦ୍ରୁତ ବେଗରେ ବୃଦ୍ଧି ପାଇ ଚାଲିଲା। ଶିକ୍ଷଣ ଚାରିକାନ୍ଥର ସୀମିତତା ଏବଂ ପୁସ୍ତକକୁ ଅତିକ୍ରମ କରିଯାଇଛି ଏବଂ ବର୍ତ୍ତମାନ ଏହା ଚାରୋଟି ପରଦା ଯଥା, - ଚଳଚ୍ଚିତ୍ର, ଟେଲିଭିଜନ୍, କମ୍ପ୍ୟୁଟର, ସ୍ମାର୍ଟ ଫୋନ୍‌ରେ ଉପଲବ୍ଧ ହେଉଛି। କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ, ଗଣମାଧ୍ୟମ ଲୋକମାନଙ୍କୁ ଶ୍ରେଷ୍ଠ ବୈଷୟିକ ଉପକରଣ ଚୟନରେ ମଧ୍ୟ ସାହାଯ୍ୟ କରିଥାଏ। ବର୍ତ୍ତମାନ ପୃଥିବୀରେ ପ୍ରଯୁକ୍ତିକୁ ନେଇ ଆବେଗ ଅତି ଜଟିଳ ସ୍ତରରେ ପହଞ୍ଚିଛି, ଯାହା ପୂର୍ବରୁ କେବେ ବି ନଥିଲା ଏବଂ ଏହି ପ୍ରକାର ଜଟିଳତା କୌଣସି ପ୍ରକାରର ପ୍ରଯୁକ୍ତି ଉପକରଣ କିଣିବା ପାଇଁ ଉପଭୋକ୍ତାମାନଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଥାଏ। ତା' ପରେ ଗଣମାଧ୍ୟମ ସେମାନଙ୍କର ଦ୍ୱନ୍ଦ୍ୱକୁ ବିଜ୍ଞାପନ, ବିଶ୍ଳେଷଣ, ରିପୋର୍ଟ, ଫିଚର ଏବଂ ବିଶେଷଜ୍ଞମାନଙ୍କ ମତାମତ ମାଧ୍ୟମରେ ସମାଧାନ କରିଥାଏ।

## ୪.୪: ୟୁନିଟ୍ ସାରାଂଶ

ପୂର୍ବରୁ ଏକ କୃତିରେ ଡ୍ରକର (୧୯୯୯) ଏହା ଯୁକ୍ତି ଦର୍ଶାଇ ଥିଲେ ଯେ, ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ପରିବର୍ତ୍ତନ ବିଶ୍ୱକୁ ପ୍ରଭାବିତ କରୁଥିବା ବେଳେ ପରିଚାଳନା ଏବଂ ରଣନୀତିପୂର୍ଣ୍ଣ ଚିନ୍ତାଧାରା କ୍ଷେତ୍ରର କିଛି ନିଶ୍ଚିତତା ରହିଥାଏ। ଡ୍ରକର ଦାବି କରନ୍ତି ଯେ, ପରିଚାଳକମାନେ ପରିବର୍ତ୍ତିତ ନେତା ହୋଇଥାନ୍ତି, ସୁଯୋଗର ଅଧିକାର ଏବଂ ସେମାନଙ୍କ ସଙ୍ଗଠନରେ ପରିବର୍ତ୍ତନକୁ ବୁଝି ଏହାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥାନ୍ତି। ଏହା ସେତେବେଳେ ସମ୍ଭବ ହୋଇଥାଏ, ଯେତେବେଳେ ଗଣମାଧ୍ୟମ ପରିଚାଳକମାନେ ଏହାର ପାରିବେଶିକ ବ୍ୟବସ୍ଥା ସମ୍ପର୍କରେ ଏବଂ ଗଣମାଧ୍ୟମ ଏବଂ ଏହାର ପାରିବେଶିକ ବ୍ୟବସ୍ଥା କିପରି ଗୋଟିଏ ଅନ୍ୟ ଗୋଟିଏକୁ ପ୍ରଭାବିତ କରିଥାଏ, ତାହା ସମ୍ପର୍କରେ ଅବଗତ ହୋଇଥାନ୍ତି। ସେମାନେ ଯେ କୌଣସି ପରିସ୍ଥିତି ଏବଂ ଆହ୍ୱାନକୁ ଅତିକ୍ରମ କରି ଯାଇ ପାରିବେ, ଯଦି ସେମାନେ ଏହାକୁ ବୁଝି ପାରିବେ, ଏହା ଉପରେ ଯାଞ୍ଚ କରିବେ ଏବଂ ଏହାକୁ ସେମାନେ ସମାଧାନ କରିପାରିବେ। ଗଣମାଧ୍ୟମରେ ଦ୍ରୁତ ପରିବର୍ତ୍ତନ ହେବାରେ ଲାଗିଛି ଏବଂ ଗଣମାଧ୍ୟମ ବ୍ୟବହାର କରିବାର ପଥ ମଧ୍ୟ ପରିବର୍ତ୍ତନ ହେଉଛି, ତେଣୁ ଗଣମାଧ୍ୟମ ପରିଚାଳକମାନେ ବିଭିନ୍ନ ସ୍ତରକୁ ନେଇ ଚିନ୍ତା କରିବା ଉଚିତ।

ଗଣମାଧ୍ୟମରେ ପରିବର୍ତ୍ତନ କ୍ଷେତ୍ରରେ ଇସା ଭାଲିଭେରୋନେନ୍ ବିଭିନ୍ନ ପରିସରକୁ ଚିହ୍ନଟ କରିଛନ୍ତି । ତାହା ମଧ୍ୟରୁ ଗୋଟିଏ ହେଉଛି ନିମ୍ନରେ ଦିଆଯାଇଥିବା ପ୍ରସଙ୍ଗକୁ ନେଇ ପ୍ରତିଯୋଗିତାକୁ ନିୟନ୍ତ୍ରଣ କରିବା ।

୧) ସାମ୍ବାଦିକତା ସ୍ୱଷ୍ଟ ରୂପରେ ଏକ ବ୍ୟବସାୟରେ ପରିବର୍ତ୍ତିତ ହୋଇଛି ।

୨) ୱେବ୍ ଏବେ ନୂତନ ଗଣମାଧ୍ୟମ ହୋଇଛି, ଯାହା ଦ୍ରୁତ ଏବଂ ଶସ୍ତା ।

୩) ବିଷୟବସ୍ତୁ ଉତ୍ପାଦନରେ ପିଆର୍– କାର୍ଯ୍ୟାଳୟ ଗଣମାଧ୍ୟମକୁ ଆହ୍ୱାନ ଦେଉଛି ।

୪) ନାଗରିକ ସାମ୍ବାଦିକତା, ବ୍ଲଗର ଏବଂ ଇଣ୍ଟରନେଟ୍ ସମ୍ପ୍ରଦାୟ ।

ବର୍ତ୍ତମାନ 'ଗଣମାଧ୍ୟମ' ଶବ୍ଦ କେବଳ ବଜାର ଏବଂ ବ୍ୟବସାୟ ସହିତ ସମ୍ପର୍କିତ, ଯେତେବେଳେ କି ସାମ୍ବାଦିକତାର ଅର୍ଥ ଏହାର ବିଷୟବସ୍ତୁ ଏବଂ ନୈତିକ ଆଦର୍ଶକୁ ବୁଝାଏ । ଜେ ରୋସେନ୍(୧୯୯୫) ଏହି ସଂଜ୍ଞା ନିରୂପଣ କରିଛନ୍ତି ଯେ ଗଣମାଧ୍ୟମ ଏକ ଆର୍ଥିକ-ପ୍ରଯୁକ୍ତିଗତ ସଂସ୍ଥା, ଯାହା ଏହାର ବ୍ୟବସାୟିକ ସ୍ୱାର୍ଥକୁ ନେଇ ନିରୂପିତ ହୋଇଥାଏ ଏବଂ ସାମ୍ବାଦିକତା ଏକ ସଂସ୍ଥାନ, ଏକ ସ୍ୱତନ୍ତ୍ର ସାମାଜିକ ଅଭ୍ୟାସ ଯାହା ଗଣତନ୍ତ୍ରର ପ୍ରଚାରକୁ ବଜାୟ ରଖିଥାଏ । (ରୋସେନ୍ ଇନ୍ ଭାଲି ଭେରୋନେନ୍ ୨୦୦୯)

ଉପଭୋକ୍ତାମାନେ ପ୍ରଯୋଜକ ହୋଇଥାନ୍ତି ଏବଂ ସେମାନଙ୍କୁ 'ପ୍ରଜ୍ୟୁମର୍ସ'(ଉତ୍ପାଦକ-ଗ୍ରାହକ) ବୋଲି କୁହାଯାଏ । ବ୍ୟବହାରକାରୀଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିଷୟବସ୍ତୁର ପ୍ରସଙ୍ଗ ବେଳକୁ ବେଳ ମୁଣ୍ଡ ଟେକୁଛି ଏବଂ ଧୀରେ ଧୀରେ ଲୋକପ୍ରିୟ ହେବାରେ ଲାଗିଛି । ଏହି ଭଳି ପରିସ୍ଥିତିରେ ଗଣମାଧ୍ୟମ ପରିଚାଳକ ଗଣମାଧ୍ୟମର ପାରିବେଶିକ ବ୍ୟବସ୍ଥାକୁ ବୁଝିବା ଦରକାର ଏବଂ ଏହି ବୃହତ୍ ପାରିବେଶିକ ବ୍ୟବସ୍ଥାରେ ଆଗକୁ ଆସିବାକୁ ଥିବା ପରିବର୍ତ୍ତନକୁ ସମ୍ଭାଳିବା ପାଇଁ ନିଜକୁ ପ୍ରସ୍ତୁତ କରିବା ଦରକାର ।

## ୪.୫: ଆସ ପ୍ରଗତି ମାପିବା

୧. ଗଣମାଧ୍ୟମ ପରିଚାଳକମାନେ କାହିଁକି ଗଣମାଧ୍ୟମର ପାରିବେଶିକ ବ୍ୟବସ୍ଥାକୁ ଜାଣିବା ଉଚିତ ?

--------------------------------------------------------------------

--------------------------------------------------------------------

---------------------------------

୨. ସାମ୍ପ୍ରତିକ ବର୍ଷମାନଙ୍କରେ ଗଣମାଧ୍ୟମରେ କେଉଁ ପ୍ରକାରର ପରିବର୍ତ୍ତନ ଦେଖାଦେଇଛି ?

--------------------------------------------------------------------

--------------------------------------------------------------------

---------------------------------

୩. ଅତି କମ୍‌ରେ ପାଞ୍ଚଗୋଟି ସଙ୍ଗଠନର ନାମ ଲେଖ, ଯେଉଁଗୁଡ଼ିକୁ ଗଣମାଧ୍ୟମର ରାଜନୈତିକ ପାରିବେଶିକ ବ୍ୟବସ୍ଥା ଅଧୀନରେ ରଖାଯାଇ ପାରିବ।

----------------------------------------------------------------------

----------------------------------------------------------------------

-----------------------------

Odisha State Open University, Sambalpur
www.osou.ac.in
e-mail: info@osou.ac.in